ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୬/୨୦୨୬ (୧୨ ପୃଷ୍ଠା) Bhubaneswar, Thursday, February 26/2026 Page 12 ₹ 7.00
୫୨ଶ ଭାଗ ୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 94 ମୂଲ୍ୟ₹୭/-



## ମୋହିତଙ୍କ ପ୍ରଭାବୀ ପ୍ରଦର୍ଶନ

ଚମତ୍କାର ଗୋଲକିପିଂ କରି ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚରେ ଭାରତକୁ ପ୍ରଥମ ବିଜୟ ସ୍ୱାଦ ଚଖାଇଛନ୍ତି ଗୋଲକିପର ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର।

୧୨

୦୨

## କ୍ୟାଟ୍ରିନା ସୁପରହିରୋ: ଵିକି

ପୁତ୍ର ବିହାନର ଜନ୍ମ ପରେ ଅଭିନେତା ବିକି କୌଶଲ ସ୍ତ୍ରୀ କ୍ୟାଟ୍ରିନା କୈଫଙ୍କ ପ୍ରଶଂସା କରି 'ଏବେ ସେ ଜଣେ ସୁପର ହିରୋ' ବୋଲି କହିଛନ୍ତି।



# ଖଣିବାବୁଙ୍କ ଘରେ ଟଙ୍କାର ଖଣି



ଜବତ ଟଙ୍କା

## ■ ୩୦ ହଜାର ଲାଞ୍ଚ: ଖଣି ଉପନିର୍ଦ୍ଦେଶକ ଗିରଫ
## ■ ଚଢ଼ାଉରୁ ୪.୨୮ କୋଟି ଟଙ୍କା ନଗଦ ଜବତ

କଟକ, ୨୫।୨ (କାର୍ତ୍ତିକ ସାହୁ)

କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। କୋଲ୍ ଡିପୋ ସୁରୁଖୁରୁରେ ଚଳାଇବା ଓ କୋଇଲା ପରିବହନ ଅନୁମତି ଦେବାକୁ ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ସେ ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ବଡ଼ ଧରଣର ଚଢ଼ାଉରେ ତାଙ୍କଠାରୁ ନଗଦ ୪,୨୮,୩୩, ୬୦୦ ଟଙ୍କା ଜବତ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱରସ୍ଥିତ ତାଙ୍କ ଆବାସିକ ଫ୍ଲାଟ୍‌ରୁ ୪,୨୭,୧୩,୬୦୦ ଟଙ୍କା ଏବଂ ଅଫିସ ଡ୍ରୟାରରୁ ୧.୨୦ ଲକ୍ଷ ଟଙ୍କା ରହିଛି। ଏତେ ପରିମାଣର ନଗଦ ଅର୍ଥ ଜବତ କରିବା ଓଡ଼ିଶା ଭିଜିଲାନ୍ସ ଇତିହାସରେ ସର୍ବୋଚ୍ଚ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୩୦୫.୪୦ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍ ରୁପା ଅଳଙ୍କାର ଜବତ ହୋଇଛି। ଭୁବନେଶ୍ୱରର ପାହାଳ ନିକଟରେ ୨୪୦୦ ବର୍ଗଫୁଟ୍‌ର ଏକ ଦୁଇମହଲା କୋଠାଘର ଠାବ ହୋଇଛି।



ଗିରଫ ଦେବବ୍ରତ ମହାନ୍ତି

ତେବେ ବିଭିନ୍ନ ଆର୍ଥିକ ସଂସ୍ଥାରେ ଥିବା ଜମା, ବିନିଯୋଗ, ବୀମା ରାଶି ଉପରେ ଭିଜିଲାନ୍ସ ତଦନ୍ତ କରୁଛି। ବିଶେଷ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ଭିଜିଲାନ୍ସ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ କେସ୍ ନଂ. ୦୧/୨୦୨୬ ରୁଜୁ ହୋଇଛି। ଅଭିଯୁକ୍ତ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ପଟିଆ ଶ୍ରୀବିହାର ଅଞ୍ଚଳରେ ଥିବା ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟସ୍ଥିତ ମହାନ୍ତିଙ୍କ ଭଡ଼ା ବାସଗୃହ, ଭଦ୍ରକ ମଠସାହିସ୍ଥିତ ପୈତୃକ ବାସଭବନ ଓ କଟକସ୍ଥିତ ଅଫିସ ଚ୍ୟାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଭୁବନେଶ୍ୱର ଭଡ଼ାଘରୁ ଜବତ ହୋଇଥିବା ବିପୁଳ ପରିମାଣର ନଗଦ ଅର୍ଥ ଟ୍ରଲି ବ୍ୟାଗ ଓ ଆଲମିରାରୁ ମିଳିଥିଲା। ୧୯୬୮ ମେ ୭ରେ ଜନ୍ମିତ ମହାନ୍ତି ସରକାରୀ ଚାକିରିରେ ଜଣେ କନିଷ୍ଠ ଖଣି ଅଧିକାରୀ ☞ପୃଷ୍ଠା-୪

# ଗଭୀର ଷଡ଼ଯନ୍ତ୍ର: ସିଜେଆଇ

## ଏନ୍‌ସିଇଆରଟି ୮ମ ଶ୍ରେଣୀ ନୂଆ ସାମାଜିକ ବିଜ୍ଞାନ ବହିରେ ନ୍ୟାୟପାଳିକାରେ ଦୁର୍ନୀତି ପାଠ୍ୟକ୍ରମକୁ ନେଇ ବିବାଦ

**ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ଏକ ଅଧ୍ୟାୟରେ 'ନ୍ୟାୟପାଳିକାରେ ଦୁର୍ନୀତି' ସଂକ୍ରାନ୍ତ ପାଠ୍ୟକ୍ରମ ସ୍ଥାନ ପାଇଥିବା ନେଇ ବିବାଦ ଉପୁଜିଛି। ଏହା ଉପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କ୍ଷୋଭ ପ୍ରକାଶ କରି ଆପତ୍ତି ଉଠାଇଛନ୍ତି। ସେ ଏହାକୁ ଗଭୀର ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏହା ପରେ ଏନ୍‌ସିଇଆର୍‌ଟି ନିଜ ୱେବ୍‌ସାଇଟ୍‌ରୁ ବହିକୁ କାଢ଼ି ନେଇଛି। ଉକ୍ତ ପୁସ୍ତକରୁ ବିବାଦୀୟ ଅଧ୍ୟାୟ ହଟାଯାଇପାରେ ବୋଲି ଏନ୍‌ସିଇଆର୍‌ଟି ପକ୍ଷରୁ କୁହାଯାଇଛି।**

ନୂଆଦିଲ୍ଲୀ, ୨୫।୨ (ପି.ଟି/ଲାଇଭ୍ ଲ)

ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ସୋମବାର ଜାରି କରିଥିବା ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ଏକ ଅଧ୍ୟାୟକୁ ନେଇ ବିବାଦରେ ଫସିଛି। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଉକ୍ତ ଅଧ୍ୟାୟର ନାମ ରଖାଯାଇଛି 'କରପ୍‌ଶନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଦୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। ନ୍ୟାୟପାଳିକାରେ ପର୍ଯ୍ୟାପ୍ତ ସଂଖ୍ୟକ ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ଦେଶର ସର୍ବୋଚ୍ଚ ଓ ଉଚ୍ଚ ଅଦାଲତଗୁଡ଼ିକରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଲେଖାଯାଇଛି। ପୁରୁଣା ପାଠ୍ୟପୁସ୍ତକରେ କେବଳ ନ୍ୟାୟପାଳିକାର ଭୂମିକା, ସ୍ୱାଧୀନ ନ୍ୟାୟପାଳିକା, କୋର୍ଟଗୁଡ଼ିକର ଢାଞ୍ଚା ଓ ଉପଲବ୍ଧତା ସମ୍ପର୍କରେ ଅବତାରଣା କରାଯାଇଥିଲା। ସେଥିରେ ଦୁର୍ନୀତିକୁ ନେଇ କିଛି ଲେଖାଯାଇ ନ ଥିଲା। କିନ୍ତୁ ନୂଆ ବହିର ଏକ ପାରାଗ୍ରାଫ୍‌ରେ ଲେଖାଯାଇଛି, କୋର୍ଟଗୁଡ଼ିକ ଏକ ମାମଲାର ଶୁଣାଣି କରିବାକୁ ଅନେକ ବର୍ଷ ଲଗାଇ ଦେଉଛନ୍ତି। ସୁପ୍ରିମକୋର୍ଟରେ ପ୍ରାୟ ୮୧ ହଜାର, ହାଇକୋର୍ଟଗୁଡ଼ିକରେ ୬୨ ଲକ୍ଷ ୪୦ହଜାର ଏବଂ ଜିଲା ଓ ସବ୍‌ଅର୍ଡିନେଟ୍ କୋର୍ଟଗୁଡ଼ିକରେ ୪ କୋଟି ୭୦ ଲକ୍ଷ ମାମଲା ଗଦୁଛି। ଏହି କାରଣରୁ ସାଧାରଣ ଲୋକେ ନ୍ୟାୟ ପାଇବା ପ୍ରଭାବିତ ହେଉଛି। ଅଦାଲତଗୁଡ଼ିକ ଲମ୍ବାଉଥିବା ଏତେ ସମୟକୁ ବ୍ୟାଖ୍ୟାକରିବା



ପାଇଁ ଅନେକ ସମୟରେ 'ବିଳମ୍ବିତ ରାୟ, ବିଡ଼ମ୍ବିତ ନ୍ୟାୟ' ବାକ୍ୟ ବ୍ୟବହାର କରାଯାଇଥାଏ ବୋଲି ଏହି ଅଧ୍ୟାୟରେ ଲେଖାଯାଇଛି। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବୁଧବାର ସୁପ୍ରିମକୋର୍ଟ ଏନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି।

ଉକ୍ତ ନୂତନ ବହିର 'ନ୍ୟାୟପାଳିକାରେ ଦୁର୍ନୀତି' ଭାଗରେ ଉଲ୍ଲେଖ କରାଯାଇଛି ଯେ ବିଚାରପତିମାନେ ଏକ ଆଚରଣ ବିଧି ମାନିବାକୁ ବାଧ୍ୟ, ଯାହାକି କୋର୍ଟରେ ସେମାନଙ୍କ ବ୍ୟବହାର ଉପରେ ଅନୁଶାସନ ସହ କୋର୍ଟ ବାହାରେ ସେମାନଙ୍କ ନିଜସ୍ୱ ଆଚରଣକୁ ନିର୍ଦ୍ଧାରଣ କରିଥାଏ। ଏପରି କି ବିଚାରପତିମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏଥିରେ ନ୍ୟାୟପାଳିକାର ଆଭ୍ୟନ୍ତରୀଣ ବ୍ୟବସ୍ଥା ପ୍ରତିଷ୍ଠା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନୁରୂପ ଭାବେ ଅଭିଯୋଗ ଗ୍ରହଣ ନିମନ୍ତେ ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ୍ (ସିପିଜିଆର୍‌ଏଏମ୍‌ଏସ୍) ଜରିଆରେ ଏକ ପ୍ରକ୍ରିୟା ଆପଣାଇବାକୁ ପରାମର୍ଶ ଦିଆଯାଇଛି। ୨୦୧୭ରୁ ୨୦୨୧ ମଧ୍ୟରେ ଏହା ମାଧ୍ୟମରେ ୧,୬୦୦ରୁ ଅଧିକ ଅଭିଯୋଗ ଦାଖଲ ହୋଇଥିବା ଏନ୍‌ସିଇଆର୍‌ଟି ପୁସ୍ତକରେ ଉଲ୍ଲେଖ ରହିଛି।

ଗମ୍ଭୀର ମାମଲାଗୁଡ଼ିକରେ ପାର୍ଲାମେଣ୍ଟ କାର୍ଯ୍ୟାନୁଷ୍ଠାନ ନେଇପାରିବ ☞ପୃଷ୍ଠା-୪

# ମାର୍ଚ୍ଚ ୧ମ ସପ୍ତାହରେ ରତ୍ନଭଣ୍ଡାର ଗଣତିମଣତି: ମନ୍ତ୍ରୀ

ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)

ରତ୍ନଭଣ୍ଡାର ଗଣତିମଣତି ମାର୍ଚ୍ଚ ପ୍ରଥମ ସପ୍ତାହରେ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣତିମଣତି ନେଇ ସେ କହିଛନ୍ତି, ଏନେଇ ଛତିଶା ନିଯୋଗ ସହ ଆଲୋଚନା ହେଇଛି, ଖୁବ୍‌ଶୀଘ୍ର ସମୟ ସ୍ଥିର ହେବ। ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ କେଉଁ ସମୟରେ କଲେ ଠିକ୍ ହେବ ବିଚାର କରାଯିବ। ଏସବୁ ବିଚାର ହେବାପରେ



ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରତ୍ନଭଣ୍ଡାର ଗଣତିମଣତି ଲାଗି ଏସ୍‌ଓପି ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାର ମଧ୍ୟ ତାକୁ ଅନୁମୋଦନ କରିସାରିଛନ୍ତି। ଏସ୍‌ଓପି ଅନୁଯାୟୀ, ମହାପ୍ରଭୁଙ୍କ ସମସ୍ତ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ୧୯୭୮ରେ ହୋଇଥିବା ଗଣତିର ତାଲିକା ଅନୁସାରେ ମେଳକ କରାଯିବ। ଏନେଇ ଗତ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା।

# ଝିଅର ପ୍ରେମ ପାଇଁ ମା', ଭାଇଙ୍କ ମୁଣ୍ଡ ଗଡ଼ିଥିଲା

କୋରାପୁଟ/ ବୋରିଗୁମ୍ମା, ୨୫।୨ (ଅମିତାଭ ବେହେରା/ ବିଜୟ ନାରାୟଣ ସାହୁ)

## ବୋରିଗୁମ୍ମା ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ

### ୪ ଅଭିଯୁକ୍ତ ଗିରଫ, ବାଳସୁଧାର ଗୃହରେ ନାବାଳିକା

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଘଟିଥିବା ଚର୍ଚ୍ଚିତ ଡବଲ ମର୍ଡର ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ନାବାଳିକା ଝିଅ ପ୍ରେମିକଙ୍କୁ ପାଇବା ପାଇଁ ମା' ଓ ଭାଇଙ୍କୁ ହଟାଇବାର ଷଡ଼ଯନ୍ତ୍ର ରଚିଥିବା ପୋଲିସ ସୂଚନା ଦେଇଛି। ନାବାଳିକା ପ୍ରେମିକଙ୍କ ସହ ମିଶି ମା' ଓ ଭାଇଙ୍କୁ ହତ୍ୟା କରିଥିବା ନେଇ ଏସ୍‌ପି ରୋହିତ ବର୍ମା ବୁଧବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଘଟଣାରେ ନାବାଳିକାଙ୍କ ପ୍ରେମିକ ଓ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନାବାଳିକାଙ୍କ ପ୍ରେମିକ ବୋରିଗୁମ୍ମା ଦାସିରି ସାହିର ପି.ଆଦି ନାରାୟଣ ରାଓ (୨୧), ଦାସିରି ସାହିର ପ୍ରୀତ ନାୟକ (୧୯), ବିଜାପୁରର ଆଦିନାରାୟଣ ପାଣିଗ୍ରାହୀ (୧୯) ଓ କମତାର ଜଗନ୍ନାଥ ଯାନୀ(୨୦)। ନାବାଳିକାଙ୍କୁ ବାଳସୁଧାର ଗୃହରେ ରଖାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ସ୍କୁଟର ଜବତ କରାଯାଇଥିବା ସୂଚନା ମିଳିଛି।

ପୋଲିସ ସୂଚନାନୁଯାୟୀ, ଗତ ୧୮ ତାରିଖରେ ଦାସିରି ସାହିର ଅନୁଷ୍କା ପରିଡ଼ା ଓ ତାଙ୍କ ପୁଅ ଏହେମ ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ନାବାଳିକା ତାଙ୍କ ପ୍ରେମିକ ପି.ଆଦି ନାରାୟଣ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଛୁରିରେ ପ୍ରଥମେ ଅନୁଷ୍କାଙ୍କ ତଣ୍ଟି କାଟିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ପରେ ଉକ୍ତ ଛୁରିରେ ଏହେମ୍‌ଙ୍କୁ ମଧ୍ୟ ଭୁସି ହତ୍ୟା କରିଥିଲେ। ଏକ ସ୍କୁଟିରେ ପ୍ରଥମେ ଏହେମଙ୍କ ମୃତଦେହକୁ ଜୟନ୍ତୀଗିରି କେନାଲରେ ଫିଙ୍ଗିଥିଲେ। ପରେ ପୁଣି ଥରେ ସ୍କୁଟିରେ ଅନୁଷ୍କାଙ୍କ ମୃତଦେହ ଆଣି କେନାଲରେ ପକାଇଥିଲେ। ଗତ ୨୦ ତାରିଖରେ ମୃତ ମହିଳାଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତଭାବେ ଜଣାଇଥିଲେ। ଏହାପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୋମବାର କୋଟପାଡ଼ ଥାନା ଅଧୀନ ଅଣ୍ଡରାମୁଣ୍ଡା କେନାଲରୁ ଏକ ☞ପୃଷ୍ଠା-୪

# ଆଜିଠୁ ୫ଦିନିଆ ଗସ୍ତରେ ମହାନଦୀ ଟ୍ରିବ୍ୟୁନାଲ କମିଟି

ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ସମେତ ମୋଟ୍ ୧୦ ଜଣ ଗୁରୁବାରଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଏବଂ ତାଙ୍କ ସଦସ୍ୟମାନେ ନିଜ ପରିବାର ସହ ଆସୁଥିବା ବେଳେ ସେମାନଙ୍କୁ ରାଜ୍ୟ ଅତିଥି ଘୋଷଣା କରାଯାଇଛି। ଟ୍ରିବ୍ୟୁନାଲ କମିଟି ଯେତେବେଳେ ଝାରସୁଗୁଡ଼ା ଆସିବେ ସେମାନଙ୍କୁ ରାଜ୍ୟ ଅତିଥି ଭାବେ ସବୁ ସୁବିଧା ଯୋଗାଇଦେବା ପାଇଁ କୁହାଯାଇଛି। ଝାରସୁଗୁଡ଼ା ଜିଲାପାଳଙ୍କୁ ଏହିସବୁ ସୁବିଧା କରିବାର ବ୍ୟବସ୍ଥା ତଦାରଖ କରିବା ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠି କରି ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କୁ ମଧ୍ୟ ବ୍ୟବସ୍ଥା କରିବାର ଦାୟିତ୍ୱ ଦିଆଯାଇଛି। ଟ୍ରିବ୍ୟୁନାଲ ସଦସ୍ୟମାନେ ଖୋର୍ଦ୍ଧା ଜିଲା ଗସ୍ତରେ ମଧ୍ୟ ଆସିବେ। ସେହିପରି ସେମାନେ ପୁରୀ ଯିବାକୁ ଥିବାବେଳେ ସେଠାର ସବୁ ବ୍ୟବସ୍ଥା ଦାୟିତ୍ୱ ସ୍ଥାନୀୟ ଜିଲାପାଳ ନେବେ। ଜଳ ସମ୍ପଦ ବିଭାଗ ପକ୍ଷରୁ ଜଣେ ଅଧିକାରୀ ରହି ଏସବୁ ବ୍ୟବସ୍ଥାର ତଦାରଖ କିପରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**କ୍ଷମତା ନିୟନ୍ତ୍ରଣର ଯୁଗ**

# ଆମେରିକା ଅର୍ଥନୀତି ଶକ୍ତିଶାଳୀ ହୋଇଛି: ଟ୍ରମ୍ପ

## 'ଷ୍ଟେଟ୍ ଅଫ୍ ଦି ୟୁନିୟନ' ଅଭିଭାଷଣ

## ■ ଭାଷଣ ବେଳେ ବିରୋଧୀଙ୍କୁ ପାଗଳ କହିଲେ
## ■ ୨୦୨୮ ନିର୍ବାଚନ ପାଇଁ ପ୍ରଚାର: ବିରୋଧୀ

ୱାଶିଂଟନ, ୨୫।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ୱାଶିଂଟନ ଡିସିସ୍ଥିତ 'ୟୁଏସ୍ କ୍ୟାପିଟୋଲ୍'ରେ ଦେଇଥିବା 'ଷ୍ଟେଟ ଅଫ୍ ଦି ୟୁନିୟନ' ଅଭିଭାଷଣ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ଅଭିଭାଷଣଟି ପ୍ରାୟ ୧୦୮ ମିନିଟ (୧ ଘଣ୍ଟା ୪୮ ମିନିଟ) ଧରି ଚାଲିଥିଲା, ଯାହା ଆମେରିକା ଇତିହାସରେ ସବୁଠାରୁ ଦୀର୍ଘତମ ଅଭିଭାଷଣ। ଆମେରିକାରେ ଏଭଳି ଅଭିଭାଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ କାର୍ଯ୍ୟକ୍ରମ। ଏହାକୁ ରାଷ୍ଟ୍ରପତିଙ୍କର 'ବାର୍ଷିକ ପ୍ରଗତି ପତ୍ର' ବୋଲି କୁହାଯାଇଥାଏ। ଟ୍ରମ୍ପ ତାଙ୍କ ଭାଷଣରେ ଅର୍ଥନୀତି, ବୈଦେଶିକ ନୀତି, ସୀମା ସୁରକ୍ଷା ଆଦି ପ୍ରମୁଖ ପ୍ରସଙ୍ଗରେ ନିଜ ସରକାରଙ୍କ ନୀତି ବିଷୟରେ ଉଲ୍ଲେଖ କରିଛନ୍ତି। ତାଙ୍କ ଶାସନ କାଳରେ ଆମେରିକାର ଅର୍ଥନୀତି ଶକ୍ତିଶାଳୀ ହୋଇଛି ଏବଂ ମୁଦ୍ରାସ୍ଫୀତି ହ୍ରାସ ପାଇଥିବା ସେ ଦାବି କରିଛନ୍ତି। ସେହିପରି ଟାରିଫ୍ କଥା ଉଠାଇ ସେ ସୁପ୍ରିମକୋର୍ଟଙ୍କୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ ଭାଷଣ ସମୟରେ ବିରୋଧୀ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇଥିବାବେଳେ ସେମାନଙ୍କୁ ଟ୍ରମ୍ପ 'ପାଗଳ' ଆଖ୍ୟା ଦେଇଛନ୍ତି। ବିରୋଧୀଙ୍କ ମତରେ ଟ୍ରମ୍ପଙ୍କ ୧୦୮ ମିନିଟର ଭାଷଣ କେବଳ 'ରାଜନୈତିକ ଶୋ'। ସେମାନେ ଏହାକୁ ୨୦୨୮ ନିର୍ବାଚନ ପାଇଁ ଏକ ପ୍ରଚାର ବୋଲି ଅଭିହିତ କରିଛନ୍ତି।

ଟ୍ରମ୍ପ ଦାବି କରିଛନ୍ତି ଯେ ତାଙ୍କର 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍' ଆକ୍ଟ ଯୋଗୁ ଆମେରିକାରେ ଟିକସ ହ୍ରାସପାଇଛି ଏବଂ ସାଧାରଣ ଲୋକଙ୍କ ପକେଟକୁ ଅଧିକ ଟଙ୍କା ଆସୁଛି। ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ସେ ନିଜ ହସ୍ତକ୍ଷେପ ଦ୍ୱାରା ରୋକିବାରେ ସଫଳ ହୋଇଛନ୍ତି। ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଯଥେଷ୍ଟ କମିଥିବା ସେ ପ୍ରକାଶ କରିଛନ୍ତି। ଭାଷଣ ମଝିରେ ସେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିବାବେଳେ ଆମେରିକାର ପୁରୁଷ ହକି ଦଳକୁ ସେ ପ୍ରଶଂସା କରିଥିଲେ ଏବଂ ଗୋଲକିପରଙ୍କୁ 'ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ୍' ପ୍ରଦାନ କରିଛନ୍ତି। ତେବେ ଭାଷଣ ସମୟରେ ବିରୋଧୀ ଡେମୋକ୍ରାଟ ସଦସ୍ୟମାନେ ପାଟିତୁଣ୍ଡ କରିବାରୁ ଟ୍ରମ୍ପ ରାଗିଯାଇ 'ଏହି ଲୋକମାନେ ପାଗଳ' ବୋଲି କହିଥିଲେ। ☞ପୃଷ୍ଠା-୪



## ଆମେରିକା ସନ୍ଧି କରାଇ ନ ଥିଲେ ୩୫ ନିୟୁତ ପ୍ରାଣ ହରାଇଥାନ୍ତେ

### ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିବା ଦାବିକଲେ ଟ୍ରମ୍ପ୍

ଗତବର୍ଷ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରାଇଥିବା ନେଇ ଦାବି କରିଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସମାନ ବିଷୟ ଦୋହରାଇବା ସହ ନୂଆ ପ୍ରଘଟ କରିଛନ୍ତି। ଆମେରିକା କଂଗ୍ରେସରେ ମଙ୍ଗଳବାର ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ କରି ଟ୍ରମ୍ପ୍ କହିଛନ୍ତି, ଅପରେଶନ ସିନ୍ଦୂର ବେଳେ ସେ ହସ୍ତକ୍ଷେପ କରି ନ ଥିଲେ ୩୫ ନିୟୁତ ଲୋକ ପ୍ରାଣ ହରାଇଥାନ୍ତେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ଜଣାଇଥିଲେ। ଆମେରିକୀୟ କମାଣ୍ଡର-ଇନ୍-ଚିଫ୍ ଟ୍ରମ୍ପ୍ କହିଛନ୍ତି, ହ୍ୱାଇଟ୍ ହାଉସ୍‌ରେ ତାଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷ ସହ ୮ ଯୁଦ୍ଧ ବନ୍ଦ କରାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ☞ପୃଷ୍ଠା-୪



ଇସ୍ରାଏଲ-ଅଧିକୃତ ଓ୍ୱେଷ୍ଟ ବ୍ୟାଙ୍କସ୍ଥିତ ହେବ୍ରୋନ୍‌ରେ ଇସ୍ରାଏଲ ଆକ୍ରମଣରେ ଭାଙ୍ଗି ଯାଇଥିବା ଏକ ଗାଡ଼ିରେ ବସିଛନ୍ତି ପାଲେଷ୍ଟିନୀୟ ମହିଳା।

# ଏପ୍‌ଷ୍ଟିନ୍ ଫାଇଲ: କ୍ଷମା ମାଗିଲେ ବିଲ୍ ଗେଟ୍ସ

## ୨ ରୁଷୀୟ ମହିଳାଙ୍କ ସହ ସମ୍ପର୍କ ଅଭିଯୋଗକୁ ସ୍ୱୀକାର



ନୂଆଦିଲ୍ଲୀ,୨୫।୨

ବହୁ ଚର୍ଚ୍ଚିତ ଯୌନ କେଲେଙ୍କାରୀ ଏପ୍‌ଷ୍ଟିନ୍ ଫାଇଲ ପ୍ରସଙ୍ଗକୁ ନେଇ ଗେଟସ୍ ଫାଉଣ୍ଡେଶନ୍ ଅଧ୍ୟକ୍ଷ ବିଲ୍ ଗେଟସ୍ ତାଙ୍କର କର୍ମଚାରୀମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ଏପ୍‌ଷ୍ଟିନ୍ ଫାଇଲରେ ବିଲ୍‌ଙ୍କ ନାମ ପ୍ରକାଶ ପାଇବା ସହିତ ଜେଫ୍ରି ଏପ୍‌ଷ୍ଟିନଙ୍କ ମାଧ୍ୟମରେ ତାଙ୍କର ୨ ରୁଷୀୟ ମହିଳାଙ୍କ ସହ ସମ୍ପର୍କ ସାମ୍ନାକୁ ଆସିବା ପରେ ବିଭିନ୍ନ ମଞ୍ଚରେ ବିଲ୍‌ଙ୍କୁ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ନିକଟରେ ଟାଉନ୍ ହଲ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ତାଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲାବେଳେ ୨ ରୁଷୀୟ ମହିଳାଙ୍କ ସହ ସମ୍ପର୍କକୁ ସେ ସ୍ୱୀକାର କରିଥିଲେ। ଏଥିପାଇଁ ସେ ଗେଟସ୍ ଫାଉଣ୍ଡେଶନ୍ କର୍ମଚାରୀଙ୍କୁ କ୍ଷମା ମାଗିଥିଲେ। ହେଲେ ଏପ୍‌ଷ୍ଟିନ୍ ଯୌନ କେଲେଙ୍କାରୀ ଘଟଣାରେ ମହିଳାଙ୍କୁ ଯେଉଁଳି ନିର୍ଯାତନା ଦିଆଯାଇଛି, ୨ ରୁଷୀୟ ମହିଳାଙ୍କ ସହ ତାଙ୍କର ସେଭଳି କୌଣସି ସମ୍ପର୍କ ନ ଥିଲା ବୋଲି ବିଲ୍ କହିଛନ୍ତି।

## ଅନିଲ ଅମ୍ବାନୀଙ୍କ ୩୭୦୦ କୋଟିର କୋଠା ବାଜ୍ୟାପ୍ତ କଲା ଇଡି

ମୁମ୍ବାଇ,୨୫।୨

ଏକ ମନି ଲଣ୍ଡରିଂ ମାମଲାର ଯାଞ୍ଚ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ୩୭୧୬ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି। ରିଲାଏନ୍ସ ଗ୍ରୁପ୍ ଅଧୀନସ୍ଥ ରିଲାଏନ୍ସ କମ୍ୟୁନିକେଶନ ଦ୍ୱାରା ହୋଇଥିବା ବିପୁଳ ଅର୍ଥ ହେର୍‌ଫେର୍ ମାମଲାରେ ଇଡି ଏହି ପଦକ୍ଷେପ ନେଇଛି। ଅନିଲଙ୍କ ମୁମ୍ବାଇ ପାଲି ହଲ୍‌ସ୍ଥିତ ୧୭ ମହଲା କୋଠା 'ଆବୋଡ୍'କୁ ଇଡି ନିଜ ହାତକୁ ନେଇଛି। ଏହାର ବଜାର ମୂଲ୍ୟ ୩୭୧୬.୮୩ କୋଟି ଟଙ୍କା ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି।



# ସତ୍ୟ, ବାସ୍ତବତାର ପଥ ବାଛିଛି ଭାରତ

## ମୋଦିଙ୍କୁ ଭାଇ ସମ୍ବୋଧନକଲେ ନେତାନ୍ୟାହୁ

ଜେରୁଜେଲମ୍,୨୫।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୨ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ଭାରତୀୟ ସମୟ ଅପରାହ୍ନରେ ତେଲ୍ ଆଭିଭ୍‌ରେ ପହଞ୍ଚିଛନ୍ତି। ମୋଦି ତେଲ୍ ଆଭିଭ୍‌ସ୍ଥିତ ବେନ୍ ଗୁରିଅନ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତାଙ୍କ ସ୍ତ୍ରୀ ସାରା ନେତାନ୍ୟାହୁଙ୍କ ଉପସ୍ଥିତିରେ ଇସ୍ରାଏଲୀ ମିଲିଟାରି ତାଙ୍କୁ ରେଡ୍ କାର୍ପେଟ୍ ସହ ସ୍ୱାଗତ କରିଛି। ୯ ବର୍ଷ ପରେ ମୋଦିଙ୍କ ଏହି ଦ୍ୱିତୀୟ ଗସ୍ତକୁ ନେଇ ଇସ୍ରାଏଲର ସବୁ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀ, ରାଜନେତା, କୂଟନୀତିଜ୍ଞଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସିରେ ବିଭୋର ହୋଇଯାଇଥିବା ଦେଖାଯାଇଛି। ଇସ୍ରାଏଲର ପ୍ରମୁଖ ସହରଗୁଡ଼ିକର ରାସ୍ତାରେ ଦୁଇ ଦେଶର ଜାତୀୟ ପତାକା, ମୋଦି-ନେତାନ୍ୟାହୁଙ୍କ ଫଟୋରେ ଛାଉଣି ହୋଇଥିଲାବେଳେ ପ୍ରବାସୀ ଭାରତୀୟମାନଙ୍କୁ ଇସ୍ରାଏଲୀ ନାଗରିକମାନେ ନମସ୍କାର କରି ଅଭିନନ୍ଦନ ଜଣାଇଛନ୍ତି। ଇସ୍ରାଏଲର ଗଣମାଧ୍ୟମ ମୋଦିଙ୍କ ଏହି ଗସ୍ତକୁ ଐତିହାସିକ ବୋଲି ଦର୍ଶାଇବା ସହିତ ପ୍ରକୃଷ୍ଟ ସମୟରେ ମହତ୍ତ୍ୱପୂର୍ଣ୍ଣ ବୋଲି କହିଛି। ସାମ୍ପ୍ରତିକ ବୈଶ୍ୱିକ ସ୍ଥିତି ଏବଂ ବିଶେଷକରି ମଧ୍ୟପ୍ରାଚ୍ୟ ଭୂ-ରାଜନୀତିକୁ ନେଇ ଚାଲିଥିବା ଦ୍ୱନ୍ଦ୍ୱ ମଧ୍ୟରେ ମୋଦିଙ୍କ ଇସ୍ରାଏଲ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ସହିତ ଭବିଷ୍ୟତ ରଣନୀତି ପ୍ରସ୍ତୁତ କରିବା ଦିଗରେ ସହାୟକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବିମାନ ବନ୍ଦରରୁ ଆସି ଜେରୁଜେଲମ୍‌ରେ ପହଞ୍ଚିବା ପରେ ମୋଦି ଏବଂ ନେତାନ୍ୟାହୁଙ୍କ ମଧ୍ୟରେ ବୈଠକ ହୋଇଥିଲା। ପରେ ପରେ ମୋଦି ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିଥିଲେ। ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ନେତା। ଭାରତ ଏବଂ ଇସ୍ରାଏଲ ମଧ୍ୟରେ ରହିଆସିଥିବା ସମ୍ପର୍କକୁ ଆଗାମୀ ଦିନରେ ଆହୁରି ମଜଭୁତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧିକରି ସମୃଦ୍ଧିର ପଥକୁ ପ୍ରଶସ୍ତ କରିବାକୁ ମୋଦି କହିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମୋଦିଙ୍କ ନେତୃତ୍ୱକୁ ଭୂରି ପ୍ରଶଂସା କରିବା ସହିତ ତାଙ୍କୁ ଭାଇ ସମ୍ବୋଧନକରି ଭାରତ ଇସ୍ରାଏଲକୁ ସମର୍ଥନ କରି ସତ୍ୟର ଆଶ୍ରୟ ନେଇଛି ବୋଲୀ କହିଥିଲେ। ଗୁରୁବାର ମୋଦି ଇସ୍ରାଏଲର ସରକାରୀ ସ୍ମୃତିସ୍ଥଳ ୟାଦ୍ ଭାସେମ୍‌ରେ ଶ୍ରଦ୍ଧାଞ୍ଜଳି ଦେବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ। ଭାରତ ଏବଂ ଇସ୍ରାଏଲ ମଧ୍ୟରେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା), କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସାଇବର୍ ସିକ୍ୟୁରିଟି ସମେତ ପ୍ରତିରକ୍ଷା ଦିଗରେ ଅନେକ ବୁଝାମଣା ହେବା କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପରିକଳ୍ପିତ 'ହେକ୍ସାଗନ୍' ମେଣ୍ଟରେ ଭାରତ ସାମିଲହେବା ଏବଂ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।



ତେଲ୍ ଆଭିଭ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ।

## ଭିଏସ୍‌ଆର୍‌ର ସବୁ ବିମାନ ବ୍ୟାନ୍

ନୂଆଦିଲ୍ଲୀ,୨୫।୨

ଭିଆଇପି ଏବଂ କର୍ପୋରେଟ୍ ଟ୍ରାଭେଲ୍ ପାଇଁ ବିଜ୍‌ନେଶ ଜେଟ୍ ସମେତ ଅନ୍ୟାନ୍ୟ ମଧ୍ୟମ ଶ୍ରେଣୀର ବିମାନ ଯୋଗାଇ ଦେଉଥିବା ଭିଏସ୍‌ଆର୍ କମ୍ପାନୀ ବିରୋଧରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କମ୍ପାନୀର ସମସ୍ତ ଜେଟ୍ ବିମାନ ଉପରେ ଡିଜିସିଏ ବ୍ୟାନ୍ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀର ୭ଟି ଅତ୍ୟାଧୁନିକ ଜେଟ୍ ବିମାନ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେଉଥିଲା ବେଳେ ଏଗୁଡ଼ିକ ଉପରେ ପ୍ରତିବନ୍ଧକ ଲାଗିଛି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ବିମାନ ଦୁର୍ଘଟଣାକୁ ନେଇ ଡିଜିସିଏ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଅଜିତ୍ ଭିଏସ୍‌ଆର୍ କମ୍ପାନୀର ଏକ ଲିଅରଜେଟ୍‌ରେ ଯାତ୍ରା କରୁଥିଲା ବେଳେ ଏହି ବିମାନଟି ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ଅଜିତ୍‌ଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଭିଏସ୍‌ଆର୍ କମ୍ପାନୀର ବିମାନଗୁଡ଼ିକର ସୁରକ୍ଷା ମାନ ଏବଂ ଆବଶ୍ୟକ ମାର୍ଗଦର୍ଶିକା ଅନୁପାଳନକୁ ନେଇ ପ୍ରଶ୍ନ ଉଠିବା ପରେ ଡିଜିସିଏ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଇଡି ମାମଲାରେ ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫।୨

ଜମି ହେର୍‌ଫେର୍ ଅଭିଯୋଗରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳାଇଥିବା ମାମଲାରେ ସୁପ୍ରିମକୋର୍ଟରୁ ହେମନ୍ତଙ୍କୁ ଆଶ୍ୱସ୍ତ କରିଛନ୍ତି। ଏହି ମାମଲାକୁ ନେଇ ଇଡି ୨୦୨୪ରେ ହେମନ୍ତଙ୍କୁ ହାଜର ହେବା ଲାଗି ବାରମ୍ବାର ସମନ୍ ଜାରି କରିଥିଲା। ହେଲେ ହେମନ୍ତ ହାଜର ନ ହେବାରୁ ଇଡି ପକ୍ଷରୁ ଆଇପିସି ଧାରା ୧୭୪ ଅନୁସାରେ ପୁଣି ମାମଲା ରୁଜୁ କରାଯାଇ ତାଙ୍କୁ ଦଣ୍ଡିତ କରିବାକୁ ଆବେଦନ କରାଯାଇଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲାବେଳେ ବୁଦବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ମାମଲା ସ୍ଥଗିତ ରଖିବାକୁ କହିଛନ୍ତି।



## ଇଣ୍ଡିଗୋରେ ଯାନ୍ତ୍ରିକ ତ୍ରୁଟି: ବିମାନରେ ୨୦୦ ଯାତ୍ରୀ ୫ ଘଣ୍ଟା ହନ୍ତସନ୍ତ

ଚେନ୍ନାଇ,୨୫।୨

ବୁଧବାର ସକାଳେ ଚେନ୍ନାଇରୁ ସିଙ୍ଗାପୁର ଯିବାକୁ ଥିବା ଇଣ୍ଡିଗୋ ବିମାନ ୫ ଘଣ୍ଟା ଧରି ବିମାନ ବନ୍ଦରରେ ପଡ଼ିରହିବା ପରେ ଏଥିରେ ଯାତ୍ରା କରୁଥିବା ପ୍ରାୟ ୨୦୦ ଯାତ୍ରୀଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଛି। ଏହି ବିମାନ ସକାଳ ୭.୩୦ ମିନିଟ୍‌ରେ ଉଡ଼ାଣ କରିବାକୁ ରହିଥିଲାବେଳେ ଯାତ୍ରୀମାନଙ୍କୁ ୬.୩୦ ମିନିଟ୍ ପରେ ବୋର୍ଡିଂ ପାଇଁ ଅନୁମତି ଦିଆଯାଇଥିଲା। ଉଡ଼ାଣ ସମୟ ପୂର୍ବରୁ ସମସ୍ତ ଯାତ୍ରୀ ବୋର୍ଡିଂ କରିସାରିଥିଲେ ମଧ୍ୟ ବିମାନଟି ଉଡ଼ାଣ କରି ନ ଥିଲା। କକ୍‌ପିଟ୍ ତାପମାତ୍ରାକୁ ନେଇ କିଛି ସମସ୍ୟା ରହିଥିବା ପାଇଲଟ୍ ଅନୁଭବ କରିବାପରେ ସର୍ଭିସ୍ ଟେକ୍‌ନିସିଆନ୍‌ଙ୍କୁ ଡକାଯାଇଥିବା ବିମାନ କର୍ତ୍ତୃପକ୍ଷ କହିଥିଲେ। ହେଲେ ୫ ଘଣ୍ଟା ଧରି ଏହି ସମସ୍ୟା ଦୂର ହୋଇପାରି ନଥିଲା। ଏହାଭିତରେ ଉକ୍ତ ବିମାନରେ ଯିବାକୁ ଥିବା ଜଣେ ପାଇଲଟ୍ ମଧ୍ୟ ବିମାନ ଛାଡି ପଳାଇଥିଲେ। ଯାତ୍ରୀମାନେ ୫ ଘଣ୍ଟା ଧରି ବିମାନରେ ବସିରହିଥିଲେ। କିନ୍ତୁ ବାରମ୍ବାର ଏସି ବନ୍ଦ କରାଯାଉଥିବାରୁ ଛୋଟ ପିଲା ଏବଂ ବୟସ୍କ ଯାତ୍ରୀ ଅଣନିଃଶ୍ୱାସୀ ହୋଇପଡ଼ିବା ସହିତ ଯନ୍ତ୍ରଣାରେ ଛଟପଟ ହୋଇଥିଲେ।

## କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିୟୋଜିତ ହେବେ ରାଜ୍ୟ ପୋଲିସ

ନୂଆଦିଲ୍ଲୀ,୨୫।୨(ପି.ଟି.)

ଏଣିକି ଭୋଟଗ୍ରହଣ ଦିନ ବୁଥ୍‌ଗୁଡ଼ିକରେ ନିୟୋଜିତ ହେବାକୁ ଥିବା ରାଜ୍ୟ ପୋଲିସ କର୍ମଚାରୀମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ନିୟୋଜିତ ହୋଇଥିବା କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିୟୋଜନ କରିବା ବ୍ୟବସ୍ଥା ହେବ। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ବଢ଼ାଇବାକୁ ନିର୍ବାଚନ କମିଶନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ପକ୍ଷପାତିତାକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୋଲିସଙ୍କୁ ସେମାନଙ୍କ ଥାନା କ୍ଷେତ୍ର ବାହାରେ ନିୟୋଜିତ କରାଯିବ। ନିର୍ବାଚନ କମିଶନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ପରାମର୍ଶ ଦେଇଛନ୍ତି।

## ପଶ୍ଚିମବଙ୍ଗ ଏସ୍‌ଆଇଆର୍: ନିୟୋଜିତ ହେବେ ଓଡ଼ିଶା, ଝାଡ଼ଖଣ୍ଡର ନ୍ୟାୟିକ ଅଧିକାରୀ

ନୂଆଦିଲ୍ଲୀ,୨୫।୨(ପି.ଟି.)

ପଶ୍ଚିମବଙ୍ଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)କୁ ନେଇ ୮୦ ଲକ୍ଷ ଆପତ୍ତି ଅଭିଯୋଗ ଆସିଥିବାବେଳେ ଏହାର ସମାଧାନ ପାଇଁ ସିଭିଲ ଜଜ୍‌ମାନଙ୍କୁ ନିୟୋଜିତ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁମତି ଦେବା ସହ ପଡ଼ୋଶୀ ଓଡ଼ିଶା ଓ ଝାଡ଼ଖଣ୍ଡରୁ ନ୍ୟାୟିକ ଅଧିକାରୀମାନଙ୍କୁ ଏହି କାର୍ଯ୍ୟରେ ଲଗାଇବାକୁ କହିଛନ୍ତି। ଏସ୍‌ଆଇଆର୍‌ରେ ୨୫୦ ଜଣ ଜିଲା ଜଜ୍‌ଙ୍କୁ ନିୟୋଜିତ କରାଯାଇଥିବାବେଳେ ସମସ୍ତ ଆପତ୍ତି ଅଭିଯୋଗର ସମାଧାନ ପାଇଁ ପ୍ରାୟ ୮୦ ଦିନ ଲାଗିଯିବ ବୋଲି କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତି ଜଣାଇବାରୁ ଏହାକୁ ବିଚାରକୁ ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଉପରୋକ୍ତ ଅନୁମତି ଦେଇଛନ୍ତି। ଏଥିପାଇଁ ଓଡ଼ିଶା ଓ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିବେଦନ କରିବାକୁ ଖଣ୍ଡପୀଠ କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଓ ଝାଡ଼ଖଣ୍ଡରୁ ନିୟୋଜିତ ହେବାକୁ ଥିବା ନ୍ୟାୟିକ ଅଧିକାରୀମାନଙ୍କ ଖର୍ଚ୍ଚ ନିର୍ବାଚନ କମିଶନ ବହନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ଫେବୃଆରୀ ୨୮ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ କହିଛନ୍ତି।




## କ୍ୟାଟ୍ରିନା ସୁପର ହିରୋ: ଭିକି

ମୁମ୍ବାଇ

ବଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ କପଲ୍ କ୍ୟାଟ୍ରିନା କୈଫ ଏବଂ ଭିକି କୌଶଲ। ଉଭୟ ଆଜିକାଲି ସେମାନଙ୍କ ପୁତ୍ର ବିହାନ ସହ ସମୟ ବିତାଉଛନ୍ତି। ନିକଟରେ ଭିକି ସୋସିଆଲ ମିଡିଆରେ ତାଙ୍କ ପିତା ହେବାର ଅଭିଜ୍ଞତା ବାଣ୍ଟିଛନ୍ତି। ବିହାନକୁ ଏବେ ତିନି ମାସ। ମୁଁ ଏବେ କେବଳ ଜଣେ ଚିୟରଲିଡର ହେବାକୁ ଚେଷ୍ଟା କରୁଛି । ଆଉ ତା' ବଡ଼ ହେବାକୁ ଅପେକ୍ଷା କରୁଛି ବୋଲି କହିଛନ୍ତି ଭିକି। ଏଥିସହ ଭିକି ସ୍ତ୍ରୀ କ୍ୟାଟ୍ରିନାଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ସ୍ତ୍ରୀଙ୍କ ପ୍ରତି ସମ୍ମାନ ପ୍ରଦାନ କରି ସେ କହିଛନ୍ତି, ବର୍ତ୍ତମାନ କ୍ୟାଟ୍ରିନା ଜଣେ ସୁପର ହିରୋ । ସେ ତାଙ୍କ ଗର୍ଭାବସ୍ଥାରେ ଜଣେ ଯୋଦ୍ଧା ଥିଲେ। ତାଙ୍କୁ ନେଇ ମୁଁ ଗର୍ବିତ ବୋଲି ମୁକ୍ତ କଣ୍ଠରେ ପ୍ରକାଶ କରିଥିବା ଭିକି କହିଛନ୍ତି। ୨୦୨୫ ଭିକିଙ୍କ ପାଇଁ ବ୍ୟକ୍ତିଗତ ଜୀବନ ଏବଂ କ୍ୟାରିଅର ଉଭୟ ଦୃଷ୍ଟିରୁ ଏକ ମହାନ ବର୍ଷ ପ୍ରମାଣିତ ହୋଇଛି। 'ଛାଭା' ଫିଲ୍ମରେ ଛତ୍ରପତି ସମ୍ଭାଜୀ ଭୂମିକାରେ ତାଙ୍କର ଅଭିନୟ ଏବଂ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କ କେମେଷ୍ଟ୍ରିକୁ ଦର୍ଶକ ବହୁତ ପ୍ରଶଂସା କରିଥିଲେ। ପ୍ରଶଂସକମାନେ ତାଙ୍କୁ ସଞ୍ଜୟଲୀଲା ବଂଶାଲିଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବିପକ୍ଷରେ ଦେଖିବା ପାଇଁ ମଧ୍ୟ ଉତ୍ସାହିତ ଅଛନ୍ତି।



ଧରିତ୍ରୀ
DHARITRI
52 Years





ଭୁବନେଶ୍ୱର ଓୟୁଏଟି ପରିସର ଫାର୍ମରୁ ଉତ୍ପାଦିତ 'ବେବି କର୍ନ'କୁ ମହିଳାମାନେ ବିକ୍ରି ପାଇଁ ପ୍ରସ୍ତୁତ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ସମସ୍ୟା ବୁଝି ସମୟ ବଢ଼ାଇଲେ

■ ଟୋକନ ଅବଧି ସରିବାର ୧୫ ଦିନ ଯାଏଁ ଚାଷୀଙ୍କ ଧାନ ଉଠିବ

■ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ ଧାନକିଣା

**ଭୁବନେଶ୍ୱର, ୨୫ା୨ (ସୁନିତ୍ ମିଶ୍ର)**

ଧାନକିଣା ନେଇ ରାଜ୍ୟବ୍ୟାପୀ ଚାଷୀଙ୍କ ଭିତରେ ଅସନ୍ତୋଷ ରହିଛି। ମଣ୍ଡିରୁ ଧାନ ନ ଉଠିବା, ସବୁଠାରେ ମଣ୍ଡି ନ ଖୋଲିବା, ଟୋକନ ପ୍ରଦାନ କରି ଯେଉଁ ଧାର୍ଯ୍ୟ ସମୟରେ ଧାନ ଉଠିବା କଥା ସେଥିରେ ବ୍ୟତିକ୍ରମ ଦେଖାଦେବା ଆଦି କଥାକୁ ନେଇ ବିଭିନ୍ନ ଆଡୁ ଖବର ଆସୁଛି। ସରକାର ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରୁଥିଲେ ମଧ୍ୟ ଅନେକ ସ୍ଥାନରେ ଏଭଳି ସମସ୍ୟାର ସମାଧାନ ଶତପ୍ରତିଶତ ହୋଇ ନ ପାରିବା ବିରୋଧୀ ଦଳଗୁଡ଼ିକୁ ସୁଯୋଗ ଦେଇଛି। ନିକଟରେ ସରିଥିବା ପ୍ରଥମ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଏହି ପ୍ରସଙ୍ଗକୁ ନେଇ ଭଲ ଭାବେ ଚାଲିପାରି ନାହିଁ। ଚାଷୀ ପ୍ରସଙ୍ଗରେ ଲଗାତର ୭ଟି କାର୍ଯ୍ୟଦିବସ ଏକ ପ୍ରକାର ଧୋଇଯାଇଥିଲା। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ପକ୍ଷରୁ ଗତ ମଙ୍ଗଳବାର ଚାଷୀ ପ୍ରସଙ୍ଗରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ବିଶାଳ ପ୍ରତିବାଦ ସଭା କରାଯାଇଛି। ଏଭଳି ସ୍ଥିତିରେ ଚାଷୀଙ୍କ ସମସ୍ୟା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି, କାହାର ଟୋକନ ଲାପ୍ସ ହେବାର ୧୫ ଦିନ ପର୍ଯ୍ୟନ୍ତ ଧାନ କିଣିବେ ସରକାର। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ବିରୋଧୀଙ୍କ ଅଭିଯୋଗ ଏକ ପ୍ରକାର ଠିକ୍ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ମନ୍ତ୍ରୀ ପାତ୍ର ଆହୁରି କହିଛନ୍ତି, ଯେଉଁ ଚାଷୀଙ୍କ ଟୋକନ ସମୟ ସରିଯାଇଛି ସେମାନେ ବ୍ୟସ୍ତହେବା ଦରକାର ନାହିଁ। ଟୋକନ ସମୟ ଶେଷହେବାର ୧୫ ଦିନ ପର୍ଯ୍ୟନ୍ତ ସରକାର ଧାନ କିଣିବେ। ରାଜ୍ୟର ସବୁ ଜିଲାପାଳ ଏହି ସମୟ ଅବଧି ବୃଦ୍ଧି କରିପାରିବେ। ବିଳମ୍ବ କିମ୍ବା ସମସ୍ୟା ଯୋଗୁ ଏହି ସମୟ ଯୋଗୁ ରାଜ୍ୟର ଚାଷୀଙ୍କୁ ବାଦ୍ ଦିଆଯିବ ନାହିଁ। ମାର୍ଚ୍ଚ ୩୧ ଯାଏଁ ଧାନ କିଣା ଜାରି ରହିବ।

ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୫-୨୬ରେ ପଞ୍ଜୀକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନ୍ ଖରିଫ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଜିଲାଗୁଡ଼ିକୁ ଫେବୃଆରୀ ୧୬ ସୁଦ୍ଧା ୭୧,୧୬,୦୫୪ ମେଟ୍ରିକ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଜିଲାଗୁଡ଼ିକରୁ ୫୮,୦୧,୯୬୮ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି ବୋଲି ମନ୍ତ୍ରୀ ପାତ୍ର ବିଧାନସଭାରେ ସୂଚନା ଦେଇଥିଲେ। ଭାଜପା ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଥିଲେ, ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଅଦ୍ୟାବଧି ପ୍ରାୟ ୪.୭୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ବିଭିନ୍ନ ଗୋଦାମରେ ଗଚ୍ଛିତ ରହିଛି। ୬.୪୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ କଷ୍ଟମ ମିଲରଙ୍କଠାରୁ ଆଦାୟ କରିବାର ପ୍ରକ୍ରିୟା ଚାଲୁ ରହିଛି। ଏହା ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ☞ପୃଷ୍ଠା-୫

# ମାଓବାଦୀଙ୍କୁ ହତ୍ୟାକଲେ ମାଓବାଦୀ

## ଆତ୍ମସମର୍ପଣକୁ ନେଇ ଅନ୍ୱେଷଙ୍କୁ ମାରିଦେଲେ ଶୁକ୍ରୁ

**ଫୁଲବାଣୀ/ଦାରିଙ୍ଗିବାଡି, ୨୫ା୨ (ରାକେଶ କୁମାର ରାଉତ/ଅରୁଣ ସାହୁ)**

କନ୍ଧମାଳ ଜିଲାରୁ ମାଓବାଦୀ ମୂଳୋତ୍ପାଟନ ପାଇଁ କୋମ୍ବିଂ ଅପରେଶନ ଜାରି ରହିଛି। କିଛିଦିନ ମଧ୍ୟରେ ପୋଲିସ ଗୁଳିରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ଆହୁରି ପ୍ରାୟ ୩୦ ଜଣ ମାଓବାଦୀ ଥିବା ପୋଲିସ ଅନୁମାନ କରୁଛି। ସେପଟେ ମୋଷ୍ଟ ୱାଣ୍ଟେଡ୍‌ମାନେ ଆତ୍ମସମର୍ପଣ କରୁଥିବାରୁ ମାଓବାଦୀ ସଙ୍ଗଠନରେ ଫାଟ ସୃଷ୍ଟି ହୋଇଛି।କନ୍ଧମାଳ ଜିଲା ସଙ୍ଗଠନ ଦାୟିତ୍ୱରେ ଥିବା ମୋଷ୍ଟ ୱାଣ୍ଟେଡ୍ ଶୁକ୍ରୁ ତାଙ୍କ ସାଥୀ ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିବା ଖବର ବୁଧବାର ☞ପୃଷ୍ଠା-୫



ହତ୍ୟାର ଶିକାର ହୋଇଥିବା ଅନ୍ୱେଷ।



ମୋଷ୍ଟ ୱାଣ୍ଟେଡ ଶୁକ୍ରୁ।

# କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଚୂଡ଼ାନ୍ତ

**ଭୁବନେଶ୍ୱର, ୨୫ା୨ (ସୁନିତ୍ ମିଶ୍ର)**

ଭୁବନେଶ୍ୱର ବାଇପାସ୍ ଟେଣ୍ଡର ଚୂଡ଼ାନ୍ତ ହୋଇଯାଇଛି। କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ତାହାର ଟେଣ୍ଡର ଚୂଡ଼ାନ୍ତ ହୋଇଥିବା ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'X' ରେ ସୂଚନା ଦିଆଯାଇଛି। ୩ଟି ପ୍ୟାକେଜିଂ ପାଇଁ ୩ଟି ନିର୍ମାଣକାରୀ ସଂସ୍ଥା ଚୟନ ହୋଇଛନ୍ତି। ଖୋର୍ଦ୍ଧା-ରାମେଶ୍ୱର-ବିଲିପଦା ଓ ଗୋବିନ୍ଦପୁର-କଟକ-ଟାଙ୍ଗୀ ସଂଯୋଗ ହେବ। ୬ ଲେନ୍ ବିଶିଷ୍ଟ ଏହି ରିଂରୋଡ୍ ୧୧୦ କି.ମି. ରହିବ। ପ୍ରତ୍ୟେକ ଫେଜ୍ ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି ଉଲ୍ଲେଖ କରାଯାଇଛି। ପ୍ୟାକେଜ ୱାନ୍ ଲାଗି ପଟେଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ୧୨୩୮.୭୯ କୋଟି, ପ୍ୟାକେଜ-୨ ପାଇଁ ଭିଆର୍‌ସି କନ୍‌ଷ୍ଟ୍ରକ୍ସନ ଲିମିଟେଡ୍‌କୁ ୧୧୯୨.୨୪ କୋଟି ଏବଂ ପ୍ୟାକେଜ -୩ ଲାଗି ଏଚ୍‌ଜି ଇନ୍‌ଫ୍ରା ଇଞ୍ଜିନିୟରିଂ ଲିମିଟେଡ୍‌କୁ ୧୫୮୨.୧୧ କୋଟି ଟଙ୍କାରେ କାମ ମିଳିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବାର୍ଷିକ ମିଡ଼ିଆ ମହୋତ୍ସବ ୨୦୨୬, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୧୩ତମ ଆଲୋଚନାଚକ୍ର ଓ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସମୟ: ସନ୍ଧ୍ୟା ୫ଟା ୪୫।
- ଓଡ଼ିଶା ପାଇକ ସମ୍ମାନ ୨୦୨୬ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ନୂତନ ଚନ୍ଦ୍ରାଗଡ଼ି କ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଜିମାବାଦ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍ଏମ୍ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଦିବଂଗତ ଖବରଦାତାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଦେଉଳୀ ଅଲେଖ ମହିମା ଆଶ୍ରମ, ବାସୁଦେବପୁର, ସମୟ: ସକାଳ ୬ଟା।
- ମହାଲକ୍ଷ୍ମୀ ମନ୍ଦିରରେ ସୁଦଶା ବ୍ରତ, ସ୍ଥାନ: ନିମପଡ଼ା, ବନ୍ତ, ସମୟ: ସକାଳ ୮ଟା।

## କେନ୍ଦୁଝର

- ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନାହାଳିଆ, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା।
- ମା' ମଙ୍ଗଳା ମନ୍ଦିରରେ କଳସ ଶୋଭାଯାତ୍ରା, ସ୍ଥାନ: ସିଂଡୋଭ, ହାଟଡିହୀ, ସମୟ : ସକାଳ ୮ ଟା।
- ଶ୍ରୀରାମ ମନ୍ଦିର ଶିଳାନ୍ୟାସ, ସ୍ଥାନ: ଢେଙ୍କିକୋଟ ଦଳେଇ ସାହି, ସମୟ: ସକାଳ ୯ ଟା।
- ଦୋଳ ପୂର୍ଣ୍ଣିମା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ : ନୀଳାଦ୍ରି, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବର ଘଟଉତ୍ତୋଳନ, ସ୍ଥାନ: ମଧୁବନସ୍ଥିତ ମା' ଭୈରବୀ ପୀଠ ପରିସର, ବାରିପଦା, ସମୟ: ସକାଳ ୮ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ତୁଳସୀଚଉରା ଗୋଶାଳା ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ୪୮ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ବୁଗୁଡ଼ା ବ୍ଲକ କରସିଙ୍ଗି, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ବୁଗୁଡ଼ା ବ୍ଲକ ବାରିକପଲ୍ଲୀ, ସମୟ: ସକାଳ ୭ଟା ୩୦।

## କନ୍ଧମାଳ

- ସାମୁହିକ ସୁଦଶା ବ୍ରତ ପୂଜନୋତ୍ସବ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ବାଲିଗୁଡ଼ା, ସମୟ : ସକାଳ ୯ ଟା।
- ପ୍ରବୋଧନ ତାଲିମ ଶିବିର, ସ୍ଥାନ: ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାଲିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା ସାହିତ୍ୟ ଆଲୋଚନା, ସ୍ଥାନ: ଫୁଲବାଣୀ ବିଟିମ୍ ପଡ଼ିଆ, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ବିଶ୍ୱ ସାମାଜିକ ନ୍ୟାୟ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଭୋଗ ମଣ୍ଡପ ଲୋକାର୍ପଣ, ସ୍ଥାନ: ମାଣିକମରା ପଞ୍ଚାୟତ କାଦପଡ଼ା ଗ୍ରାମ, ପରଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବେରୋଜଗାରଙ୍କ ପାଇଁ ନିଯୁକ୍ତି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅନୁଭୂତି ଓ ଶ୍ରୀଜଗନ୍ନାଥ କଥାମୃତ, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡ଼ାପଡ଼ା, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ପାର୍ବତୀ ମନ୍ଦିର ପ୍ରତିଷ୍ଠା , ସ୍ଥାନ : କନ୍ଥୁର ପଞ୍ଚାୟତ ଚାନ୍ଦପୁର ଗ୍ରାମ, ପରଜଙ୍ଗ, ସମୟ : ପୂର୍ବାହ୍ନ ୧୧ଟା।
- ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜୟଗୋପାଳ ମଠ, ବାଜିଚୌକ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା୩୦।
- ମହାପାଟ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇ କାଟେଣି ଗ୍ରାମ, ପରଜଙ୍ଗ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ଅଭିରାମ ପରମହଂସ ଦେବଙ୍କ ୨୯ତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ହମାମୀରା ଶାନ୍ତି ମଠ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ହିନ୍ଦୋଳ ସାହି, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିରରେ ବିଗ୍ରହ ସ୍ଥାପନ ଉତ୍ସବ, ସ୍ଥାନ: କିଶୋରନଗର ବଇସିଣା, ସମୟ: ପୂର୍ବାହ୍ନ ୧୦ଟା।
- ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ତଳମୂଳ କଲେଜ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସାନକନ୍ତକୁଳ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଧାରାଶ୍ରୀଙ୍କ ବିଗ୍ରହ ସ୍ଥାପନ, ସ୍ଥାନ: ଅନୁଗୋଳ ଜମୁଣ୍ଡା, ସମୟ: ଅପରାହ୍ନ ୧ଟା।
- ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ଭୁବନେଶ୍ୱର ଓ ସୁନ୍ଦରଗଡ଼ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଶ୍ରୀ ବିଶ୍ୱଗୁରୁ କଇଁଫୁଲିଆ ବାବାଙ୍କ ଭାଗବତ ମେଳା, ସ୍ଥାନ: ଆଠମଲ୍ଲିକ ଟାଙ୍ଗିଆନିଶା, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ଜଗତ୍‌ସିଂହପୁର ଜିଲାରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ସକାଳ ୯ଟା ୪୫।
- ଜିଲାସ୍ତରରେ ଏଆଇ ଟୁଲ୍ସ ଉପରେ ଦିନିକିଆ କ୍ଷମତା ବୃଦ୍ଧି କର୍ମଶାଳା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକିଆ ଜିଲା ସଡ଼କ ସୁରକ୍ଷା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା ୩୦।
- ଓରମାସ ପକ୍ଷରୁ ୫ ଦିନିଆ ସ୍ୱଦେଶୀ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ବତିଘର ପାଖ, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ, ଗତାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ରାଜସ୍ୱ ମାମଲା ସମ୍ପର୍କୀତ ଜନଶୁଣାଣି ଶିବିର, ସ୍ଥାନ:ତହସିଲ କାର୍ଯ୍ୟାଳୟ, ଗରଦପୁର ଓ ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା ।
- ମା' ମଙ୍ଗଳା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ମହାଯଜ୍ଞ, ସ୍ଥାନ:ସାହାବାଜପୁର, ବିଜୟନଗର, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡିହବଲରାମପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ସଚ୍ଚିଦାନନ୍ଦ ମହୋତ୍ସବ ଓ ଶ୍ରୀ ଜଗନ୍ନାଥ ସେବା ସମ୍ମାନ, ସ୍ଥାନ: ବଟିରା ଯାତ୍ରାଗଡା, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଅଷ୍ଟାଦଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତା ଗାୟତ୍ରୀ ଦଶବିଧ ମହାଯଜ୍ଞ ଓ ସନ୍ଥ ସମିଳନୀ, ସ୍ଥାନ:ଅବଧୂତ ଆଶ୍ରମ, ଆଡୋଇ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା

## ଯାଜପୁର

- ୭୦ତମ ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବର ଶୁଭାଧିବାସ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।
- ବିକଶିତ ଭାରତ ୟୁଥ ପାର୍ଲ୍ୟାମେଣ୍ଟ-୨୦୨୬, ସ୍ଥାନ: ଯାଜପୁର ଏନ.ସି. ସ୍ୱୟଂଶାସିତ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପୋଷଣ ଅଭିଯାନ ସଂକ୍ରାନ୍ତରେ ଆକସନ ପ୍ଲାନ ପାଇଁ ବୈଠକ, ସ୍ଥାନ: ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ମିଟିଂ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟହ୍ନ ୧୨ଟା ୩୦।
- ପିଏନଡିଟି ଆକ୍ଟ ଉପରେ ଜିଲା ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଓଡ଼ିଆ ଶିକ୍ଷା ବୃତ୍ତି ପୁରସ୍କାର ସଂକ୍ରାନ୍ତରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଛତିଆ ରଜଦୋଳ ମେଳଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛତିଆ ଫୁଟ୍‌ବଲ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜାମାଲାଗି ବେଶର ୩୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଅଷ୍ଟମ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନରେ ସବରୀ ପ୍ରସଙ୍ଗ, ଶ୍ରୀରାମ ହନୁମାନ ଭେଟ, ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ ।
- ରଘୁନାଥ ଜୀଉଙ୍କର ନୂତନ ମନ୍ଦିର, ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠାର ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା, କାରୁଶାଳା, ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ସହସ୍ର ନାମ ଆହୁତି, ପ୍ରାଣ ପ୍ରତିଷ୍ଠା ଆରମ୍ଭ, ଚତୁର୍ଥ ପ୍ରହରର ନାମଜଜ୍ଞ ଓ ଭଜନ ସମାରୋହ, ସ୍ଥାନ: ନୟାଗଡ଼ ବ୍ଲକ ରାଜପାଟଣା, ସମୟ:ସକାଳ ୭ରୁ ରାତ୍ର ୧୦ ।
- ବିଶ୍ୱଶାନ୍ତି ଶୈବଯଜ୍ଞର ଉଦ୍‌ଯାପନୀ ଦିବସରେ ପୂର୍ଣ୍ଣାହୁତି, ନାମ ସଂକୀର୍ତ୍ତନ ଓ ପୌରାଣିକ ନାଟକ ସିନ୍ଦୂର ହଜିଲା ଅଧା ବାଟରେ, ସ୍ଥାନ: ଓଡଗାଁ ବ୍ଲକ ବରସାହିସ୍ଥ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ସମୟ:ସମୟ:ସକାଳ ୭ରୁ ରାତ୍ର ୧୦ ।
- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପନୀ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷୀଣକାଳୀ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟାରୁ ରାତ୍ର ୮ଟା ।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂଜା ଓ ଆହୁତି ପ୍ରଦାନ, ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଗୃହ ପ୍ରବେଶ ପାଇଁ ପୂଜାପାଠ, ସ୍ଥାନ: ନୟାଗଡ଼ ସଦର ଥାନା ନିକଟସ୍ଥ ନୟାଗଡ଼ ଡିଏଭି ସ୍କୁଲର ନୂତନ ସ୍କୁଲ, ସମୟ:ପୂର୍ବାହ୍ନ ୧୧ଟା ୩୦ ।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୌରାଣିକ ନାଟକ ବାଳିବଦ୍ଧ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ମଧ୍ୟାହ୍ନ ୧୨ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲରେ କଟକ ବିଡାନାସି ବନାମ ବାପୁଜୀ କ୍ଲବ କଟକ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୪ଟା ।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ପ୍ରଥମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝିଅର ପ୍ରେମ...

ଅଖାରୁ ଏହେମ୍‌ଙ୍କ ଗଳିତ ମୃତଦେହ ମିଳିଥିଲା। ମଙ୍ଗଳବାର ସକାଳେ ଅନୁଷ୍କାଙ୍କ ମୃତଦେହ ଜୟନ୍ତୀଗିରି କେନାଲରୁ ମିଳିଥିଲା। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ପ୍ରେମକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହହେବାରୁ ନାବାଳିକାଙ୍କୁ ଆଣି ପଚରାଉଚରା କରାଯାଇଥିଲା। ଏହାପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏବେ ୫ଜଣଙ୍କ ନାମରେ ହତ୍ୟା ମାମଲା (ନମ୍ବର ୪୫/୨୬) ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମାଙ୍କ ସମେତ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ବୋରିଗୁମ୍ମା ଆଇଆଇସି ରାମାନନ୍ଦ ସାହୁ ଉପସ୍ଥିତ ଥିଲେ।

## ଖଣିବାବୁଙ୍କ ଘରେ ...

ପଦରେ ବରିଷ୍ଠ ସର୍ଭେୟର ଭାବେ ୨୦୦୪ ଅଗଷ୍ଟ ୯ରେ ବଲାଙ୍ଗୀର ଖଣି କାର୍ଯ୍ୟାଳୟରେ ଯୋଗଦେଇଥିଲେ। ସେହି ପଦରେ ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ବାରିପଦା, ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ବ୍ରହ୍ମପୁର, ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କଟକ, ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଭୁବନେଶ୍ୱର ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟ କରିଥିଲେ। ସେ ୨୦୧୮ ମାର୍ଚ୍ଚରେ ସହକାରୀ ଖଣି ଅଧିକାରୀ ପଦରେ ମୁଖ୍ୟ ସର୍ଭେୟର ଭାବେ ପଦୋନ୍ନତି ପାଇଥିଲେ। ସେ ୨୦୧୫ ଡିସେମ୍ବରରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ଫୁଲବାଣୀରେ ନିଯୁକ୍ତି ପାଇ ଫୁଲବାଣୀ, ବୌଦ୍ଧ ଓ ନୟାଗଡ଼ ଜିଲା କାର୍ଯ୍ୟଭାର ତୁଲାଉଥିଲେ। ସେ ୨୦୨୬ ଜାନୁଆରୀ ୭ରେ କଟକ ସର୍କଲର ଉପନିର୍ଦ୍ଦେଶକ ଭାବେ ଯୋଗଦେଇ କଟକ ଓ କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଞ୍ଜେଇ ନିଶାରେ ମୂଷା ବିରାଡ଼ିକି ଚିହ୍ନିପାରେ ନା।**

ନିଶା ମଣିଷକୁ ବିପଥଗାମୀ କରାଇଥାଏ। ନିଶା ସେବନ କଲେ ମଣିଷ ନିଜର ହିତାହିତ ଜ୍ଞାନ ହରାଇ ବସିଥାଏ। ସେହିପରି ନିଶା ଭୋଳରେ ବ୍ୟକ୍ତି ନିଜପକ୍ଷ ଓ ଶତ୍ରୁପକ୍ଷ ନ ଚିହ୍ନି ପାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗାଁ ଧୋଅରା ଯେଉଁଠି ପଶେ, ପଧାନ ହଳ ସେଇଠି ଚଷେ।**

ସାଧାରଣତଃ ଗ୍ରାମର ମୁଖିଆ ସ୍ତରର ବ୍ୟକ୍ତିଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ମିଳିଥାଏ। ସବୁପ୍ରକାର ସୁଖ ସୁବିଧା ମିଳିବା ସହ ତାଙ୍କ ଇଚ୍ଛା ପ୍ରତି ସମ୍ମାନ ଦିଆଯାଇଥାଏ। ଏପରିକି ସବୁ କଥାରେ ତାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏ ପରିସ୍ଥିତିରେ ଗ୍ରାମର ପ୍ରଧାନ ବ୍ୟକ୍ତି ଶ୍ରେଷ୍ଠ ଜମି ବା ଉର୍ବର ଜମି ଚାଷ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଆମେରିକା ଅର୍ଥନୀତି ...

ଏହାର ପ୍ରତିବାଦରେ କେତେଜଣ ବିରୋଧୀ ନେତା ସଭା କକ୍ଷରୁ ବାହାରି ଯାଇଥିବାବେଳେ ବାରମ୍ବାର ପ୍ରତିବାଦ କରୁଥିବା ଡେମୋକ୍ରାଟିକ ପାର୍ଟିର ସାଂସଦ ଅଲ୍ ଗ୍ରୀନ୍‌ଙ୍କୁ ସୁରକ୍ଷା କର୍ମୀମାନେ ବାହାରକୁ ନେଇଯାଇଥିଲେ। ଟାରିଫ୍ ବା ଶୁଳ୍କ ନୀତି ଉପରେ ନିକଟରେ ଆସିଥିବା ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସେ ବିଦେଶୀ ସାମଗ୍ରୀ ଉପରେ ଟିକସ ଲଗାଇବା ନୀତିକୁ ସମର୍ଥନ କରିଥିଲେ। ସୁପ୍ରିମକୋର୍ଟ ଏହି ନୀତି ବିରୋଧରେ ରାୟ ଦେଇଥିଲେ ମଧ୍ୟ ଅନ୍ୟ ଆଇନଗତ ପନ୍ଥା ଆପଣାଇ ଏହାକୁ ଜାରି ରଖିବେ ବୋଲି ସେ କହିଥିଲେ। ଟ୍ରମ୍ପ 'ବର୍ଡର ୱାଲ' ଏବଂ କଠୋର ସୀମା ସୁରକ୍ଷା ନୀତିକୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ସମୟରେ ବିରୋଧୀ ଡେମୋକ୍ରାଟ୍ ନେତାମାନେ ପାଟିତୁଣ୍ଡ କରିବା ସହ ମିନେସୋଟାରେ ଘଟିଥିବା କିଛି ହିଂସାତ୍ମକ ପ୍ରବାସୀ-ବିରୋଧୀ କାର୍ଯ୍ୟାନୁଷ୍ଠାନର ଫଟୋ ଧରି ପ୍ରତିବାଦ କରିଥିଲେ।

ଟ୍ରମ୍ପଙ୍କ ଦୀର୍ଘ ଅଭିଭାଷଣ ପରେ ବିରୋଧୀ ଡେମୋକ୍ରାଟିକ ଦଳ ପକ୍ଷରୁ ଭର୍ଜିନିଆର ଗଭର୍ନର ଏବିଗେଲ ସ୍ପାନବର୍ଗର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଟ୍ରମ୍ପ ଅର୍ଥନୀତିର ଯେଉଁ ଉଜ୍ଜ୍ୱଳ ଚିତ୍ର ଦେଖାଉଛନ୍ତି, ତାହା ବାସ୍ତବତାଠାରୁ ଦୂରରେ। ସାଧାରଣ ଆମେରିକୀୟ ପରିବାର ଏବେ ବି ମହଙ୍ଗା ଜୀବନଧାରଣ ପାଇଁ ଅସୁବିଧାରେ ଅଛନ୍ତି। ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ଜିନିଷପତ୍ରର ଦାମ ବଢୁଛି, ଯାହା ମଧ୍ୟବିତ୍ତ ଶ୍ରେଣୀ ଉପରେ ବୋଝ ଲଦି ହୋଇଯାଇଛି। ସ୍ପାନବର୍ଗର ଆହୁରି କହିଛନ୍ତି, ରାଷ୍ଟ୍ରପତି ଦେଶରେ ଏକତା ବଦଳରେ ବିଭାଜନ ସୃଷ୍ଟି କରୁଛନ୍ତି। ସଂସଦରେ ବିରୋଧୀଙ୍କୁ 'ପାଗଳ' ବୋଲି କହିବା ତାଙ୍କର ପଦବୀର ଗରିମା ହାନି କରୁଛି। ଟ୍ରମ୍ପଙ୍କ କଠୋର ପ୍ରବାସୀ ନୀତିକୁ ଯୁବ ନେତ୍ରୀ ଆଲେକ୍ସଜାଣ୍ଡ୍ରିଆ ଓକାସିଓ-କର୍ଟେଜ 'ଅମାନବୀୟ' ବୋଲି ଦର୍ଶାଇଥିଲେ। ସୀମାରେ ଲୋକଙ୍କୁ ଯେଉଁଭଳି ଭାବେ ବନ୍ଦୀ କରାଯାଉଛି, ତାହା ଆମେରିକାର ମୂଲ୍ୟବୋଧ ବିରୋଧୀ ବୋଲି ସେ କହିଛନ୍ତି। ଡେମୋକ୍ରାଟ୍‌ମାନେ ଦାବି କରିଛନ୍ତି ଯେ ସୁରକ୍ଷା ସହିତ ମାନବିକତାକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ। ଆମେରିକା ପ୍ରତିନିଧି ସଭାରେ ଡେମୋକ୍ରାଟିକ ଦଳର ନେତା ହାକିମ୍ ଜେଫ୍ରିସ୍ ଟ୍ରମ୍ପଙ୍କ ଅର୍ଥନୈତିକ ପ୍ରଗତି ଦାବିକୁ 'କେବଳ ଏକ ମିଛ କାହାଣୀ' ବୋଲି କହିଛନ୍ତି। ଟ୍ରମ୍ପ କେବଳ ଧନୀ ଲୋକଙ୍କ ପାଇଁ କାମ କରୁଥିବା ସେ କହିଛନ୍ତି। କାଲିଫର୍ଣ୍ଣିଆର ପ୍ରଭାବଶାଳୀ ନେତା ଜଭିଏର୍ ବେସେରା ଟ୍ରମ୍ପଙ୍କ ସ୍ୱାସ୍ଥ୍ୟସେବା ନୀତିକୁ ତୀବ୍ର ବିରୋଧ କରିଛନ୍ତି। ବିଶେଷକରି ଟ୍ରମ୍ପ ଯେଉଁଭଳି ଭାବେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥାରେ ପରିବର୍ତ୍ତନ କରୁଛନ୍ତି, ତାହାକୁ ସେ 'ସାଧାରଣ ଆମେରିକୀୟଙ୍କ ପାଇଁ ବିପଦ' ବୋଲି କହିଛନ୍ତି। ଟ୍ରମ୍ପଙ୍କର ଜଣେ ବଡ଼ ସମାଲୋଚକ ଭାବେ ଜଣାଶୁଣା କାଲିଫର୍ଣ୍ଣିଆର ଗଭର୍ନର ଗେଭିନ୍ ନ୍ୟୁସମ୍ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ନୀତି ଉପରେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ଟ୍ରମ୍ପ ପରିବେଶ ସୁରକ୍ଷା ନିୟମକୁ କୋହଳ କରୁଥିବାରୁ ନ୍ୟୁସମ ତାଙ୍କୁ ସମାଲୋଚନା କରିଆସୁଛନ୍ତି। ମିଶିଗାନ ଗଭର୍ନର ଗ୍ରେଚେନ୍ ହ୍ୱିଟ୍‌ମର୍ ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ସ୍ଥାନୀୟ ବ୍ୟବସାୟ ଗୁରୁତର ପ୍ରଭାବିତ ହେଉଥିବା କହିଛନ୍ତି। ଟେକ୍ସାସର ସାଂସଦ ଅଲ୍ ଗ୍ରୀନ୍ ସଂସଦ ଭବନ ଭିତରେ ହିଁ ଟ୍ରମ୍ପଙ୍କ ବିରୋଧରେ ପ୍ରତିବାଦ କରି ଚର୍ଚ୍ଚାରେ ଥିଲେ। ସେ ଟ୍ରମ୍ପଙ୍କୁ ସାମ୍ବିଧାନିକ ମୂଲ୍ୟବୋଧର ଉଲ୍ଲଂଘନକାରୀ ବୋଲି କହିଛନ୍ତି। ଭାରତ-ପାକିସ୍ତାନ ଯୁଦ୍ଧ ରୋକିବା ନେଇ ଟ୍ରମ୍ପ କରିଥିବା ଦାବିକୁ ବିରୋଧୀମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଟ୍ରମ୍ପ ନିଜର ପ୍ରଶଂସା ପାଇଁ ଘଟଣାକୁ ଅତିରଞ୍ଜିତ କରି କହୁଛନ୍ତି ଏବଂ ଏହା ଦ୍ୱାରା ଅନ୍ୟ ଦେଶ ସହ ସମ୍ପର୍କ ଖରାପ ହୋଇପାରେ ବୋଲି ସେମାନେ କହିଛନ୍ତି।

ଆମେରିକାର ସମ୍ବିଧାନ ଅନୁଯାୟୀ, ରାଷ୍ଟ୍ରପତି ସମୟ ସମୟରେ ସଂସଦ 'କଂଗ୍ରେସ'ର ଯୁଗ୍ମ ଅଧିବେଶନ (ଦ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଓ ସିନେଟ୍)କୁ ଦେଶର ସ୍ଥିତି ବିଷୟରେ ସୂଚନା ଦେବା ବାଧ୍ୟତାମୂଳକ। ଏହି ଅଭିଭାଷଣରେ ରାଷ୍ଟ୍ରପତି ଦେଶର ଅର୍ଥନୀତି, ସୁରକ୍ଷା ଏବଂ ସାମାଜିକ ସ୍ଥିତି ବିଷୟରେ ଜଣାନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗତ ବର୍ଷରେ ସରକାର କ'ଣ ସବୁ ଭଲ କାମ କରିଛନ୍ତି, ତାହା ରାଷ୍ଟ୍ରପତି ଜନସାଧାରଣଙ୍କୁ ଅବଗତ କରାଇଥାନ୍ତି। ସେହିପରି ଆଗାମୀ ବର୍ଷ ପାଇଁ ସରକାରଙ୍କର ଲକ୍ଷ୍ୟ କ'ଣ ଏବଂ ସେ କେଉଁ ନୂଆ ଆଇନ ଆଣିବାକୁ ଚାହୁଁଛନ୍ତି, ତାହା ଏଠାରେ ଘୋଷଣା କରାଯାଏ। ଏହା ଏକ ପରମ୍ପରା ନୁହେଁ, ବରଂ ଏକ ସମ୍ବିଧାନିକ ନିୟମ। ଏହି କାର୍ଯ୍ୟକ୍ରମ ୱାଶିଂଟନ ଡିସିସ୍ଥିତ 'ୟୁଏସ୍ କ୍ୟାପିଟୋଲ୍' (ଆମେରିକା ସଂସଦ ଭବନ) ଠାରେ ଅନୁଷ୍ଠିତ ହୁଏ। ସଂସଦର ଉଭୟ ସଦନର ସମସ୍ତ ସଦସ୍ୟ, ଉପରାଷ୍ଟ୍ରପତି, ମନ୍ତ୍ରିମଣ୍ଡଳ, ସୁପ୍ରିମକୋର୍ଟର ବିଚାରପତି ଏବଂ ସେନା ମୁଖ୍ୟମାନେ ଉପସ୍ଥିତ ରହିଥାନ୍ତି।

## ଆମେରିକା ସନ୍ଧି ...

କହିଥିଲେ, ସନ୍ଧି ପାଇଁ ଆମେରିକା ହସ୍ତକ୍ଷେପ କରି ନ ଥିଲେ ଭାରତର 'ଅପରେଶନ୍ ସିନ୍ଦୂର'ରେ ପ୍ରାୟ ୩୫ ନିୟୁତ ଲୋକ ପ୍ରାଣ ହରାଇଥାନ୍ତେ। ଟ୍ରମ୍ପ ପ୍ରଶାସନ ୮ଟି ଯୁଦ୍ଧ ବନ୍ଦ କରିସାରିଥିବାବେଳେ ୯ମ ଯୁଦ୍ଧର ଅବସାନ ପାଇଁ କଠିନ ପରିଶ୍ରମ ଜାରି ରଖିଛି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହତ୍ୟା ତଥା ବଧ ଚାଲିଛି। କିନ୍ତୁ ଆରମ୍ଭରୁ ସେ ରାଷ୍ଟ୍ରପତି ଥିଲେ ଯୁଦ୍ଧ ହେବାକୁ ଦେଇ ନ ଥାନ୍ତେ। ପ୍ରକାଶ ଯେ, ଗତବର୍ଷ ମେ' ୧୦ର ଅପରେଶନ ସିନ୍ଦୂର ପରଠୁ ଟ୍ରମ୍ପ ଅଦ୍ୟାବଧି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିବା ବିଷୟ ୮୦ ଥର ଦାବି କଲେଣି। ୨୦୨୫ ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱସ୍ତ କରିବା ପାଇଁ ଅପରେଶନ ସିନ୍ଦୂର ଚଳାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାବେଳେ ଟ୍ରମ୍ପ ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ଦେଶ ଉପରେ ୨୦୦% ଟାରିଫ୍ କଷିବା ଚେତାବନୀ ଦେବା ସହ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରିଥିବା ଟ୍ରମ୍ପ ଦାବି କରି ଆସୁଛନ୍ତି। ତେବେ ଭାରତ ଏହାକୁ ଖଣ୍ଡନ କରିଆସୁଛି। ପାକିସ୍ତାନର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ (ଡିଜିଏମ୍‌ଓ)ଙ୍କ ଅନୁରୋଧକ୍ରମେ ଭାରତୀୟ ପ୍ରତିପକ୍ଷ ପ୍ରତ୍ୟକ୍ଷ ଆଲୋଚନା କରି ଯୁଦ୍ଧ ବନ୍ଦ କରିଥିବା ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା।

## ଆଜିଠୁ ୫ଦିନିଆ ଗସ୍ତରେ...

ହେବ ତାଙ୍କୁ ବୁଝିବେ। ଟ୍ରିବ୍ୟୁନାଲ କମିଟି ୨୬ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦର ଠାରେ ଅପରାହ୍ନ ୫ଟା ୧୫ ମିନିଟ୍‌ରେ ପହଞ୍ଚିବା ପରେ ସେଦିନ ହୀରାକୁଦସ୍ଥିତ ଅଶୋକ ନିବାସରେ ରହିବେ। ୨୭ ତାରିଖରେ ହୀରାକୁଦ ଏବଂ ମହାନଦୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବେ। ସେଦିନ ପୁଣି ଥରେ ଅଶୋକ ନିବାସରେ ରାତ୍ରିଯାପନ କରିବେ। ୨୮ରେ ସମଲେଶ୍ୱରୀ ମନ୍ଦିର ଯିବେ। ସେଠାରେ ଦର୍ଶନ ସାରିବା ପରେ ଅଶୋକ ନିବାସରେ ମଧ୍ୟାହ୍ନଭୋଜନ ସାରି ଭୁବନେଶ୍ୱର ଆସି ରାତ୍ରିଯାପନ କରିବେ। ୧ ତାରିଖରେ ଲିଙ୍ଗରାଜ ମନ୍ଦିର ଦର୍ଶନ କରିବେ। ସେଠାରୁ ପୁରୀ ଯାଇ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଦର୍ଶନ କରିବେ। ସେହିଦିନ ଅପରାହ୍ନ ୪ଟାରେ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ଯିବେ। ଚନ୍ଦ୍ରଭାଗା ଯାଇ ସେଠାରୁ ପୁରୀରେ ରାତ୍ରିଯାପନ କରିବେ। ୨ ତାରିଖରେ ସାତପଡ଼ା ଯିବା ସହ ଚିଲିକା ବୁଲିବେ। ସେହିଦିନ ଟ୍ରିବ୍ୟୁନାଲ କମିଟି ଓଡ଼ିଶାରୁ ଫେରିଯିବେ।

## ଗଭୀର ଷଡ଼ଯନ୍ତ୍ର...

ଏବଂ ମହାଭିଯୋଗ ପ୍ରସ୍ତାବ ପାରିତ କରି ଜଣେ ବିଚାରପତିଙ୍କୁ ହଟାଇପାରିବ। ଏଭଳି ପ୍ରସ୍ତାବ କେବଳ ଉପଯୁକ୍ତ ତଦନ୍ତ ପରେ ହିଁ ଅଣାଯାଇଥାଏ। ସେହି ଅବଧି ମଧ୍ୟରେ ବିଚାରପତିଙ୍କୁ ମାମଲାରେ ନିଜ ପକ୍ଷ ରଖିବାକୁ ଉପଯୁକ୍ତ ସୁଯୋଗ ଦିଆଯାଇଥାଏ। ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଦୁର୍ନୀତି ହେଉଥିବାବେଳେ ଗରିବ ଓ ବଞ୍ଚିତ ବର୍ଗ ନ୍ୟାୟ ପାଇବାରେ ଅସୁବିଧା ହେଉଛି। ତେଣୁ ନ୍ୟାୟପାଳିକାରେ ବିଶ୍ୱାସ ପ୍ରତିଷ୍ଠା ତଥା ସ୍ୱଚ୍ଛତା ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ତରରେ ଉଦ୍ୟମ କରାଯାଉଛି। ଏଥିପାଇଁ ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। କୌଣସି ବିଚାରପତି ଦୁର୍ନୀତିଗ୍ରସ୍ତ ହୋଇଥିବା ପ୍ରମାଣିତ ହେଲେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି ବୋଲି ଏଥିରେ କୁହାଯାଇଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ଆପତ୍ତି ଉଠାଇ ଏହାର ଜରୁରୀ ଶୁଣାଣି ପାଇଁ ଆବେଦନ କରିଛନ୍ତି। ଉଭୟେ ଯୁକ୍ତି ବାଢ଼ିଛନ୍ତି, ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନ୍ୟାୟପାଳିକାରେ ଦୁର୍ନୀତି ଚାଲିଥିବା ସମ୍ପର୍କିତ ପାଠ ପଢ଼ାଯିବା ଅତ୍ୟନ୍ତ ଚିନ୍ତାଜନକ। ସିଜେଆଇ କହିଛନ୍ତି, ନ୍ୟାୟପାଳିକାକୁ ବଦନାମ କରିବାକୁ କାହାକୁ ଦିଆଯିବ ନାହିଁ। ଆଇନ ତା' ବାଟରେ ଯିବ। ସୁପ୍ରିମକୋର୍ଟ ମୁଖ୍ୟ ହିସାବରେ ସେ ନିଜ କର୍ତ୍ତବ୍ୟ ପାଳନ କରିଛନ୍ତି ଏବଂ ଏହାକୁ ସଂଜ୍ଞାନକୁ ନେଇଛନ୍ତି। ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି, ଏହି ପୁସ୍ତକ ସମ୍ବିଧାନର ମୌଳିକ ଢାଞ୍ଚା ପରିପନ୍ଥୀ ଭଳି ମନେହେଉଛି। ଏହା ଶୁଣିବା ପରେ ସିଜେଆଇ କହିଲେ, ଦୟାକରି କିଛି ଦିନ ଅପେକ୍ଷା କରନ୍ତୁ। ଆଇନଜୀବୀ ଓ ବିଚାରପତିମାନେ ଏହାକୁ ନେଇ ମର୍ମାହତ।

ଏହି ବିବାଦ ମୁଣ୍ଡ ଟେକିବା ପରେ ଏନ୍‌ସିଇଆର୍‌ଟି ନିଜ ୱେବ୍‌ସାଇଟ୍‌ରୁ ବହିକୁ କାଢ଼ି ନେଇଛି। ଉକ୍ତ ପୁସ୍ତକରୁ ବିବାଦୀୟ ପାଠ୍ୟକ୍ରମକୁ ମଧ୍ୟ ହଟାଯାଇପାରେ ବୋଲି କୁହାଯାଉଛି। ବିଶେଷଜ୍ଞମାନଙ୍କ ସହ ବିଚାରବିମର୍ଶ ପାଇଁ ଏନ୍‌ସିଇଆର୍‌ଟି ଏକ ଆଭ୍ୟନ୍ତରୀଣ ସମୀକ୍ଷା ବୈଠକ ଡାକିଛି। ତେବେ ମାମଲା ଅଦାଲତଙ୍କ ବିଚାରାଧୀନ ଥିବାରୁ ଏହା ଉପରେ ଏନ୍‌ସିଇଆର୍‌ଟି ଅଧ୍ୟକ୍ଷ ଦୀନେଶ ପ୍ରସାଦ ସକଲାନି ଏନେଇ ମୁହଁ ଖୋଲିନାହାନ୍ତି। ଏନ୍‌ସିଇଆର୍‌ଟି ଏକ ସ୍ୱୟଂଚାଳିତ ସଂସ୍ଥା ହୋଇଥିବାରୁ ବହିରେ ଉକ୍ତ ଅଧ୍ୟାୟ ଯୋଡ଼ିଥିବା ଅଫିସରମାନେ ଦାୟୀ ବୋଲି କେନ୍ଦ୍ର ସରକାର ମନେ କରୁଥିବା ସୂତ୍ରରୁ ପ୍ରକାଶ। ଇତିମଧ୍ୟରେ ପୂର୍ବତନ ଆଇନମନ୍ତ୍ରୀ ଅଶ୍ୱିନୀ କୁମାର ସିଜେଆଇଙ୍କ ହସ୍ତକ୍ଷେପକୁ ସ୍ୱାଗତ କରିଛନ୍ତି। ଏହି ପଦକ୍ଷେପ ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥାକୁ ପୁନଃ ଅବସ୍ଥାପିତ କରିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଦେବଗୁରୁଙ୍କ ସହ ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ସୌଭାଗ୍ୟ ପ୍ରଦାୟକ ରହିବେ। କୃତି, କୃତିତ୍ୱ ଓ ବାଗ୍ମିତାକୁ ନେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟସାଧନ କରିବେ। କିନ୍ତୁ ସାମାନ୍ୟ କଥାରେ ପରିବାରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବୃଷ** - ଉଚ୍ଚାରୋହୀ ଶୁକ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇପାରିବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ଅଭିଳାଷ ପୂରଣ ହେବ। ପାରିବାରିକ ସ୍ଥିତି ପୂର୍ବପରି ବ୍ୟତିକ୍ରମ ମଧ୍ୟରେ ରହିପାରେ। ବନ୍ଧୁସମ୍ପର୍କ, ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ନିର୍ମାଣକାର୍ଯ୍ୟରେ ପ୍ରତିବନ୍ଧକ ଦୂରେଇଯିବ।

**ମିଥୁନ** - ଶୁଭ ଗ୍ରହଙ୍କ ପ୍ରଭାବରୁ ଆପଣଙ୍କ ଦୂରଦର୍ଶୀ ଯୋଜନା ଫଳପ୍ରଦ ହେବାରେ ବନ୍ଧୁବର୍ଗଙ୍କ ସହଯୋଗ ଅବିସ୍ମରଣୀୟ ରହିବ। ପଡ଼ୋଶୀଙ୍କ ପରାମର୍ଶରେ ମାନସିକ ଦ୍ୱନ୍ଦ୍ୱର ଅବସାନ ସଙ୍ଗକୁ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବେ। ଯାତ୍ରା କାଳରେ ଅନ୍ୟମନସ୍କ ହେତୁକ କୌଣସି ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି।

**କର୍କଟ** - ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ନିରଙ୍କୁଶ ରହିବା ସହ ସାମଗ୍ରିକ ସୁବିଧା ସୁଯୋଗ ହାସଲ କରିପାରିବେ। ଆଶା ପୂରଣ, ଦୀର୍ଘ ଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ଆଶା ରହିଛି। ଭାବପ୍ରବଣତା ବଶତଃ ଓଲଟା କଥା କହି ଅପଦସ୍ଥ ହେବେ। ପଡ଼ୋଶୀଙ୍କ ଦ୍ୱାରା ପ୍ରତିରୋଧ କାରଣରୁ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଚିନ୍ତା ବୃଦ୍ଧି କରିପାରେ।

**ସିଂହ** - ଆଜିର ଗ୍ରହସ୍ଥିତି ଅନୁକୂଳ ଥିବାରୁ ଯେଉଁ କାମରେ ହାତ ଦେବେ ନିଶ୍ଚିତ ପୂର୍ଣ୍ଣାଙ୍ଗ ହୋଇପାରିବ। କିନ୍ତୁ ଶନିଙ୍କ ପ୍ରଭାବରେ ପଛବୁଦ୍ଧିଆ ଭଳି କାମ କରି ପଶ୍ଚାତ୍ତେ ଅନୁତାପ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ହଠାତ୍ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବ୍ୟବସାୟରେ ଲାଭ ପରିମାଣ କୌଣସି ପ୍ରକାରେ ଊଣା ହେବ ନାହିଁ।

**କନ୍ୟା** - କର୍ମଭାବସ୍ଥ ଚନ୍ଦ୍ର ଓ ଗୁରୁଙ୍କ ପ୍ରଭାବରେ ବନ୍ଧୁଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। ସଭାସମିତି, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗାଯୋଗ ତଥା ଏଜେନ୍ସିପରୁ ଶୁଭଫଳ ମିଳିବ। ସରକାରୀ ସ୍ତରରୁ ସହାୟତା ପାଇବା ସହଜ ହେବନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ତୁଳା** - ଅନୁକୂଳ ଗ୍ରହସ୍ଥିତିଜନିତ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଶୃଙ୍ଖଳିତ ରହିବ। ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବ। ବନ୍ଧୁମିଳନ ପରିପ୍ରେକ୍ଷୀରେ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ବଳହୀନ ଶନିଙ୍କ କୁପ୍ରଭାବରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଯାତ୍ରା ସ୍ଥଗିତ ରହିଯିବ।

**ବିଛା** - ଅଷ୍ଟମସ୍ଥ ଚନ୍ଦ୍ର ଗୁରୁଙ୍କ ସାନ୍ନିଧ୍ୟରେ ସନ୍ତାନଙ୍କ ସକାଶେ ସମସ୍ୟା ସୃଷ୍ଟିର କାରଣ ସାଜିପାରନ୍ତି। ଆନୁଷ୍ଠାନିକ କାମରେ ଆପଣଙ୍କର ପ୍ରଶଂସନୀୟ ସାହାଯ୍ୟ ଓ ସହଯୋଗ ଜନାଦୃତ ହେବ। ସାମାଜିକ ସ୍ତରରେ ପାରିବେଶିକ କୁପ୍ରଭାବରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ। ବୃଥା ସନ୍ଦେହ ଅଶାନ୍ତିର କାରଣ ପାଲଟିଯାଇ ପାରେ।

**ଧନୁ** - ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାମରେ ସଫଳତା ଲାଭ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଲେ ମଧ୍ୟ ବିଶେଷ କିଛି ଅସୁବିଧା ରହିବ ନାହିଁ। କୌଣସି ଅଜଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇଯିବ।

**ମକର** - ମୁଖଭାବରେ ଏକାଧିକ ଗ୍ରହଜନିତ ଆପଣଙ୍କ ରୁକ୍ଷ ବ୍ୟବହାର ସମ୍ପର୍କହାନିର କାରଣ ହେବ। ଶନିଙ୍କ ପ୍ରଭାବରେ କାମରେ ଅବହେଳାଜନିତ ସୁଯୋଗ ହରାଇପାରନ୍ତି। ଅଯଥା କାମରେ ସମୟର ଅପଚୟ ନ କରି କୌଣସି ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଓ ଯୋଜନା କରିବା ଭଲ ହେବ। ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** - ରାଶିରେ ପଞ୍ଚଗ୍ରହକୂଟ ପ୍ରଭାବରେ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପରକଥାରେ ମୁଣ୍ଡ ପୂରାଇଲେ ଅଶାନ୍ତି ସୃଷ୍ଟି ହେବାର ସୂଚନାକୁ ଦୃଢ଼ୀଭୂତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଶେୟାରବଜାର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ବିବାଦରେ ବିଜୟ ଲାଭ ସଙ୍ଗକୁ ପ୍ରତିଯୋଗିତାରେ ସଫଳତା ନିଶ୍ଚିତ ପାଇବେ।

**ମୀନ** - ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟାର କୁପରିଣାମ ଭୋଗ କରିବାକୁ ପଡ଼ିପାରେ। ଶନିଙ୍କ ସ୍ଥିତିରୁ ଯେତେ ଭଲ କଲେ ମଧ୍ୟ ଖଳ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। ଜମିଜମା ବିବାଦର ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ଆଜିର ବ୍ୟବସାୟିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

ଆଜି ଫେବୃଆରୀ ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀ ଗୁରୁବାର। ସୁଦଶାବ୍ରତ, ଶ୍ରୀଜୀଉଙ୍କର ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ। ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ.୧୨।୧୧ମି. ଗତେ ଆର୍ଦ୍ରା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ନବବଧୂ ଯାତ୍ରା, ଦେବତା ପ୍ରତିଷ୍ଠା ସକାଶେ ଶୁଭଦିନ। ଦିବା ଘ.୦୬।୧୨ମି. ଗତେ ଘ.୦୭।୪୪ମି. ମଧ୍ୟେ, ଘ.୧୦।୫୦ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୬ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁ କାଳ ।




# ଲାଟ୍ରିନ୍ ସଫାରେ ବିଳମ୍ବ ହେବାରୁ ଛାତ୍ରୀଛାତ୍ରଙ୍କୁ ମାଡ଼

## ୧୦ରୁ ଊର୍ଦ୍ଧ୍ୱ ଆହତ

- ଖବର ପାଇ ପହଞ୍ଚିଲେ ଅଭିଭାବକ, ସ୍କୁଲରେ ଉତ୍ତେଜନା
- ଆସିଲେନି ଏଡିଇଓ, ବିଇଓ

କବିସୂର୍ଯ୍ୟନଗର, ୨୫।୨ (କୃପାସିନ୍ଧୁ ସ୍ୱାଇଁ)

ସବୁ ଛାତ୍ରୀଛାତ୍ରଙ୍କୁ ଲହୁଲୁହାଣ କରି ନିସ୍ଠୁକ ପିଟିଛନ୍ତି ଜଣେ ସହାୟକ ଶିକ୍ଷୟିତ୍ରୀ। ପାଠ ପାଇଁ ନୁହେଁ, ଲାଟ୍ରିନ୍ ସଫା ସହ ସେମାନଙ୍କୁ କହିଥିବା ଅନ୍ୟ କାର୍ଯ୍ୟରେ ବିଳମ୍ବ ଯୋଗୁ ସେମାନଙ୍କୁ ଏପରି ଦଣ୍ଡ ମିଳିଛି। ଶିକ୍ଷୟିତ୍ରୀଙ୍କ ମାଡ଼ରେ କାହାର ହାତ, କାହାର ପିଠି ଆଉ କାହାର ଜଙ୍ଘରେ ନୋଳା ପଡ଼ିଯାଇଛି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏଭଳି ଘଟଣା ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଠଗଡ଼ପାଟଣା ଆଠଗଡ଼ ଦୁର୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଶିକ୍ଷାନୁଷ୍ଠାନ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ବେଳେ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଇଛି।

ଖବରରୁ ଜଣାପଡିଛି, ପ୍ରତିଦିନ ଭଳି ବୁଧବାର ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ସଫା କରିବା ସହ ଗଛରେ ପାଣି ଦେଉଥିଲେ। ମାତ୍ର ଆଜି ପ୍ରଧାନ ଶିକ୍ଷୟିତ୍ରୀ ଆସିବାରେ ବିଳମ୍ବ ହେତୁ ସହାୟକ ଶିକ୍ଷୟିତ୍ରୀ ଝରଣା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଲାଟ୍ରିନ୍ ସଫା କରିବା, ଶ୍ରେଣୀକକ୍ଷ ଝାଡୁ କରିବା, ପାରିବେଶ ସଫା କରିବାକୁ କହିଥିଲେ। ପିଲାମାନେ ସେହି ଅନୁଯାୟୀ କାମ ମଧ୍ୟ କରିଥିଲେ। ମାତ୍ର କାର୍ଯ୍ୟରେ ବିଳମ୍ବ ହେତୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଝରଣା ନିସ୍ଠୁକ ମାଡ଼ ମାରିଥିଲେ। ଏ ନେଇ ଖବର ପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ସରପଞ୍ଚଙ୍କୁ ଡାକିବାରୁ ସରପଞ୍ଚ ପ୍ରତିନିଧି ଆଦିତ୍ୟ ତ୍ରିପାଠୀ ବିଦ୍ୟାଳୟରେ ପହଞ୍ଚିଥିଲେ। ତ୍ରିପାଠୀ ଏନେଇ ବିଇଓ ଅଭିମନ୍ୟୁ ସାହୁଙ୍କୁ ଜଣାଇବାରୁ କାର୍ଯ୍ୟବ୍ୟସ୍ତତା ହେତୁ କାଲି ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଅଭିଭାବକମାନେ ସହାୟକ ଶିକ୍ଷୟିତ୍ରୀଙ୍କୁ ଆମ ପିଲାଙ୍କୁ କାହିଁକି ବାଡ଼େଇଲେ ବୋଲି ପଚାରି ଏହାର ଜବାବ ମାଗିଥିଲେ। ମାତ୍ର ଶିକ୍ଷୟିତ୍ରୀ ଝରଣା କିଛି ନ ଶୁଣି ମୋବାଇଲ ଫୋନ୍ ଦେଖୁଥିବା ଦେଖାଯାଇଥିଲା। ଅଭିଭାବକମାନେ ତାଙ୍କୁ ବାହାରକୁ ଯିବାକୁ କହିବାରୁ ସେ ସମସ୍ତଙ୍କୁ ଜୁହାର କରିବା ଦେଖିବାକୁ ମିଳିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୋମିତା ଅଜାଲିନ ମିଶ୍ର, ସିଆରସିସି ସୀମାଞ୍ଚଳ ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିପାଠୀ ଘଟଣା ସମ୍ପର୍କରେ ତାଙ୍କୁ ଯେତେ ପଚାରିଲେ ସୁଦ୍ଧା ସେ କୌଣସି ଉତ୍ତର ନ ଦେଇ ମୋବାଇଲ ଦେଖାରେ ବ୍ୟସ୍ତ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ, ସିଆରସିସି ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିପାଠୀ ଅଭିଭାବକମାନଙ୍କୁ ବୁଝାଶୁଝା କରିବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା। ତେବେ ସମ୍ପୃକ୍ତ ସହାୟକ ଶିକ୍ଷୟିତ୍ରୀଙ୍କୁ ଏଠାରୁ ବଦଳି କରିବା ଓ ତାଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଥିଲେ।

ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ରୋମିତା ଅଜାଲିନ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଘଟଣା ବେଳେ ମୁଁ ବିଦ୍ୟାଳୟରେ ନ ଥିଲି। କ'ଣ ହୋଇଛି ମୁଁ ଦୃଷ୍ଟି ଦେବି। ସହାୟକ ଶିକ୍ଷୟିତ୍ରୀ ଜଣକ ଦୁଇଦିନ ଛୁଟିରେ ଯାଇଛନ୍ତି ବୋଲି ସେ କହିଥିଲେ। ଏଡିଇଓ ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଁ କବିସୂର୍ଯ୍ୟନଗର ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପରୀକ୍ଷା ପରିଦର୍ଶନ କରି ଫେରିଛି। ଏ ନେଇ କୌଣସି ଖବର ତାଙ୍କ ପାଖରେ ନାହିଁ। ସହାୟକ ଶିକ୍ଷୟିତ୍ରୀ ଝରଣାଙ୍କ ମତାମତ ମିଳିପାରିନାହିଁ।

# ଏନ୍‌ଏଚ୍‌ଆର୍‌ସି ସ୍ପେଶାଲ ମନିଟରଙ୍କ ୬ ଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୫।୨ (ସୁଚିସ୍ମିତା ସାହୁ)

ଜାତୀୟ ମାନବ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)ର ସ୍ୱତନ୍ତ୍ର ମନିଟର ବାଲକ୍ରୀଷ୍ଣ ଗୋଏଲ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ବୁଧବାର ଅପରାହ୍ଣରେ ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ସ୍ୱାଗତ କରିଥିଲେ। ସେ ସିଆର୍‌ପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେଠାରେ ସେ ହିତାଧିକାରୀଙ୍କ ସହ ଆଲୋଚନା କରି ରାଶନର ସମୟୋଚିତ ବଣ୍ଟନ, ଚାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରି ବୁଝିଥିଲେ। ପିଡିଏସ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ସେ ସନ୍ତୋଷ ବ୍ୟକ୍ତ କରିବା ସହିତ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ନିରୀକ୍ଷଣ ସମୟରେ ସିଏସ୍‌ଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସେବାସଦନ ସ୍ପେଶାଲ ଆଡପ୍‌ଶନ ସେଣ୍ଟରକୁ ଯାଇ ୬ ବର୍ଷରୁ କମ୍ ବୟସର ଅନାଥ ଓ ଅସହାୟ ଶିଶୁଙ୍କ ସହ ସମୟ ବିତାଇଥିଲେ। ସେଠାରେ ସେ ଶିଶୁଙ୍କ ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମାଗିଥିଲେ। କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚାଲୁ କରିବା ସହ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧ୍ୟକ୍ଷ ଓ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ବଳଦେବ ଜୀଉଙ୍କ ରଥ ନିର୍ମାଣ ଲାଗି ୧ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ

ଭୁବନେଶ୍ୱର, ୨୫।୨ (ସୌମ୍ୟରଞ୍ଜନ ରାଉତ)

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଗତ କିଛିବର୍ଷ ହେବ ରଥର ୧୪ ଚକର ଅବସ୍ଥା ଠିକ୍ ନ ଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀ ମା' ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିପାରୁ ନ ଥିଲା ଏବଂ ପାଖାପାଖି ୨ ଦିନ ବିଳମ୍ବ ହେଉଥିଲା। ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର


ବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ।

ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ହରିଚନ୍ଦନ ମତପ୍ରକାଶ କରିଛନ୍ତି।

# ବାପାଙ୍କୁ ସାଇକେଲରୁ ନେଇ ଦଳିଦେଲା, ଖସିଗଲେ ପୁଅ

## ହାତୀ ଆକ୍ରମଣରେ ଜଣେ ମୃତ

ନୟାଗଡ଼/ରଣପୁର, ୨୫।୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ନୟାଗଡ଼ ଜିଲା ମୟୂରଝାଳିଆ ଅଞ୍ଚଳରେ ଗୋଟିଏ ହାତୀ ସାଇକେଲରୁ ଭିଡିନେଇ ବାପାଙ୍କୁ ମାରି ଦେଇଥିବାବେଳେ ପୁଅ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ମୟୂରଝାଳିଆ ଗାଁର କାଳୁ ମହାରଣା(୫୮)। ରଣପୁର ତହସିଲଦାର ଆର୍ଯ୍ୟ ଦାମନ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୟୂରଝାଳିଆ ଗାଁର କାଳୁ ପୁଅଙ୍କୁ ସାଇକେଲରେ ବସାଇ ନିଜ କାଜୁ ବଗିଚାକୁ ବୁଧବାର ସକାଳେ ଯାଉଥିଲେ। ମୟୂରଝାଳିଆ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ଦନ୍ତା ହାତୀ କାଳୁଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଏହି ସମୟରେ ପୁଅ ହାତୀ ହାତୀ ଚକ୍ରାର କରି ଖସି ଯାଇଥିଲେ। ହେଲେ ବାପା କାଳୁ ହାତୀ କବଳରୁ ଖସି ପାରି ନ ଥିଲେ। ହାତୀ ସାଇକେଲରୁ କାଳୁଙ୍କୁ ଭିଡି ନେଇ ପ୍ରଥମେ ସାଇକେଲକୁ ଭାଙ୍ଗି ପରେ କାଳୁଙ୍କୁ ଚକଟି ମାରିଥିଲା।

ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲା କୁଞ୍ଜୁରୀ ନରମାନବୀ ଗାଁରେ ବାବୁଲି ପରିଡା(୫୮) ନାମକ ଜଣେ ବ୍ୟକ୍ତିଙ୍କୁ ଅନରୂପ ଭାବେ ହାତୀ ଭିଡି ନେଇ ଦଳି ଦେଇଛି। ଗୋଟିଏ ଦିନରେ ଖୋର୍ଦ୍ଧା ବନଖଣ୍ଡରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି।

ପ୍ରକାଶ ଯେ, ମୟୂରଝାଳିଆ ଅଞ୍ଚଳରେ କିଛି ଦିନ ହେବ ହାତୀଙ୍କ ଉତ୍ପାତ ବୃଦ୍ଧି ପାଇଛି। ଗତ ୧ମାସ ମଧ୍ୟରେ ୨ରୁ ୩ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇ ସାରିଲେଣି। ତେବେ ବନ ବିଭାଗର ପଦକ୍ଷେପ ନ ଥିବାରୁ ଜଣକ ପରେ ଜଣେ ହାତୀ ଆକ୍ରମଣରେ ପ୍ରାଣ ହରାଇ ଚାଲିଛନ୍ତି।

# ହୋଲିରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୫।୨ (ଅନୁରାଧା ମହାରଣା)

ହୋଲି ଏବଂ ଦୋଳଯାତ୍ରା ସମୟରେ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ ଭାରତୀୟ ରେଳପଥ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି। ଓଡ଼ିଶାର ପ୍ରମୁଖ ଷ୍ଟେଶନ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର ନୂଆ, ପୁରୀ, ବ୍ରହ୍ମପୁର ଏବଂ ମାଳତୀପାଟପୁରକୁ ଦେଶର ପ୍ରମୁଖ ସ୍ଥାନ ସହ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରାଯାଇଛି। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୦୪୦୬୬ ଆନନ୍ଦବିହାର ଟର୍ମିନାଲ-ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ୦୪୦୬୫ ଖୋର୍ଦ୍ଧାରୋଡ୍-ଆନନ୍ଦବିହାର ଟର୍ମିନାଲ ସ୍ପେଶାଲ, ୦୭୧୬୫ ଚାର୍ଲାପଲ୍ଲୀ-ଭୁବନେଶ୍ୱର ନୂଆ ସ୍ପେଶାଲ ଏବଂ ୦୭୧୬୬ ଭୁବନେଶ୍ୱର ନୂଆ-ଚାର୍ଲାପଲ୍ଲୀ ସ୍ପେଶାଲ, ୦୧୯୨୯ ବୀରଙ୍ଗନା ଲକ୍ଷ୍ମୀବାଈ ଝାନ୍ସି -ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ୦୧୯୩୦ ଖୋର୍ଦ୍ଧାରୋଡ୍-ବୀରଙ୍ଗନା ଲକ୍ଷ୍ମୀବାଈ ଝାନ୍ସି ସ୍ପେଶାଲ, ୦୩୨୩୦ ପାଟ୍‌ନା-ପୁରୀ ସ୍ପେଶାଲ ଏବଂ ୦୩୨୨୯ ପୁରୀ-ପାଟ୍‌ନା ସ୍ପେଶାଲ, ୦୮୦୧୧ ଭଞ୍ଜପୁର-ପୁରୀ ସ୍ପେଶାଲ ଏବଂ ୦୮୦୧୨ ପୁରୀ-ଭଞ୍ଜପୁର ସ୍ପେଶାଲ, ୦୨୮୩୯ ଶାଲିମାର-ପୁରୀ ସ୍ପେଶାଲ ଏବଂ ୦୨୮୪୦ ପୁରୀ-ଶାଲିମାର ସ୍ପେଶାଲ, ୦୨୮୬୩ ସାନ୍ତ୍ରାଗାଛି-ୟାଲାହାଙ୍କା ଜଙ୍କ୍ସନ ସ୍ପେଶାଲ ଏବଂ ୦୨୮୬୪ ୟାଲାହାଙ୍କା ଜଙ୍କ୍ସନ-ସାନ୍ତ୍ରାଗାଛି ସ୍ପେଶାଲ, ୦୨୮୪୧ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ ସ୍ପେଶାଲ ଏବଂ ୦୨୮୪୨ ଚେନ୍ନାଇ ସେଣ୍ଟ୍ରାଲ-ଶାଲିମାର ସ୍ପେଶାଲ, ୦୭୦୨୭ ଚାର୍ଲାପଲ୍ଲୀ-ବ୍ରହ୍ମପୁର ସ୍ପେଶାଲ ଏବଂ ୦୭୦୨୮ ବ୍ରହ୍ମପୁର-ଚାର୍ଲାପଲ୍ଲୀ ସ୍ପେଶାଲ, ୦୫୦୬୪ ଗୋମତୀ ନଗର(ଲକ୍ଷ୍ନୌ)-ମାଳତୀପାଟପୁର ସ୍ପେଶାଲ ଏବଂ ୦୫୦୬୩ ମାଳତୀପାଟପୁର-ଗୋମତୀ ନଗର(ଲକ୍ଷ୍ନୌ) ସ୍ପେଶାଲ ସହ ୦୮୪୦୫ ପୁରୀ-ପୁଣେ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। ଟ୍ରେନ୍ ସମ୍ପର୍କିତ ସୂଚନା ପାଇଁ ଅନୁମୋଦିତ ରେଳ ଅନୁସନ୍ଧାନ ପ୍ରଣାଳୀ ଏବଂ ଆଇଆର୍‌ସିଟିସି ପ୍ଲାଟ୍‌ଫର୍ମ ମାଧ୍ୟମରେ ଟ୍ରେନ୍ କାର୍ଯ୍ୟସୂଚୀ, ରହଣି ଓ ବୁକିଂ ଉପଲବ୍ଧତା ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

# ୧୦ ସ୍ଥାନରେ ବାଲି ସତ୍ୟାଗ୍ରହ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ

## ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର, ୨୫।୨ (ସୁଚିସ୍ମିତା ସାହୁ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାରଠାରୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛି। ହେଲେ ଏହାକୁ ବିରୋଧ କରୁଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ବୈଠକ ବୁଧବାର ୟୁନିଟ-୬ସ୍ଥିତ ନେତାଜୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଟ୍ରିବ୍ୟୁନାଲର ରହଣି ଯାଏ ଅର୍ଥାତ୍ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୧୦ ସ୍ଥାନରେ ବାଲି ସତ୍ୟାଗ୍ରହ କରାଯାଇ ବିରୋଧ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୁଦର୍ଶନ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷା ବେଲା ଏମ୍ ତ୍ରିବେଦୀ, ସଦସ୍ୟ ଜଷ୍ଟିସ ଡ. ରବି ରଞ୍ଜନ ଓ ତାଙ୍କ ସ୍ତ୍ରୀ ଡ. ସୁନିତା ରାୟ, ଝିଅ ଭବ ପ୍ରିୟଦର୍ଶିନୀ, ନାତି ଗୁରୁ ବିକ୍ରମାଦିତ୍ୟ, ସଦସ୍ୟା ଜଷ୍ଟିସ ଇନ୍ଦରମୀତ କୌର୍ କୋଚର, ତାଙ୍କ ସ୍ୱାମୀ ଜଷ୍ଟିସ ଏ. କେ. ପାଠକ, ହିସାବ କାରକ ଏ.କେ. ସିଂହ, ଆସେସାର କୃଷ୍ଣନୁନ୍ନି ଏନ.ଏମ., ରେଜିଷ୍ଟ୍ରର ଚନ୍ଦନ ମୁଖାର୍ଜୀ, ସୁରକ୍ଷା ଅଧିକାରୀ ଅନିଲ ଦତ୍ତ ଶର୍ମା, ସୁଜିତ କୁମାର ଗିରି, ବିଭାଗ ଅଧିକାରୀ ମନୋଜ କୁମାର ପ୍ରମୁଖ ଏହି ଟିମରେ ଆସୁଛନ୍ତି। ଏହି ଗସ୍ତ ଏକ ଘରୋଇ ପିକନିକ ବୋଲି ବୈଠକରେ ମତ ପ୍ରକାଶ ପାଇବା ସହ ନାନା ପ୍ରଶ୍ନ ଉଠାଯାଇଛି?

# ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଗଲା

ଟାଙ୍ଗୀ, ୨୫।୨ (ରଘୁନାଥ ସାହୁ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପକ୍ଷରେ ହାତୀ-ମଣିଷ ଲଢ଼େଇରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ବୁଧବାର ସକାଳେ ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ରଣ୍ଡା ବିଟ୍ ହାଉସ୍ ନିକଟରେ ହାତୀ ଆକ୍ରମଣରେ ଜଣଙ୍କର ଜୀବନ ଯାଇଛି। ମୃତକ ହେଲେ କୁଞ୍ଜୁରୀ ପଞ୍ଚାୟତ ନରମାନବୀ ଗ୍ରାମର ବାବୁଲି ପରିଡ଼ା(୪୦)। ସୂଚନା ମୁତାବକ, ବାବୁଲି ଏବଂ ତାଙ୍କର ଦୁଇଜଣ ସାଙ୍ଗ ବୁଧବାର ସକାଳେ ଗ୍ରାମ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ହଠାତ୍ ଏକ ହାତୀ ସେମାନଙ୍କୁ ଗୋଡ଼ାଇଥିଲା। ତେବେ ଦୁଇ ସାଙ୍ଗ ଦୌଡ଼ି ପଳାଇଥିବା ବେଳେ ବାବୁଲି ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ସେଠାରେ ଆକ୍ରମଣ କରିବା ସହ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

କଟକ, ୨୫।୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମଗ୍ର ରାଜ୍ୟର ୪୬୨ଟି କେନ୍ଦ୍ରରେ ଏହି ପରୀକ୍ଷା ଜାନୁଆରୀ ୨୮ରେ ଅନୁଷ୍ଠିତ ହୋଇଥିଲା। ମୋଟ ୭୭୬୪୪ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ଷ୍ଟେଜ-୧ରେ ୬ଷ୍ଠ ଶ୍ରେଣୀର ୪୧,୧୧୪ ଜଣ ଓ ଷ୍ଟେଜ-୨ରେ ନବମ ଶ୍ରେଣୀର ୩୬,୫୩୦ ଜଣ ପରୀକ୍ଷାର୍ଥୀ ଅଛନ୍ତି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରେ ନିଜ ରୋଲ ନମ୍ବର ଜରିଆରେ ଫଳ ଜାଣିପାରିବେ।

# ଝଡ଼ବର୍ଷା: ୨୩ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨୫।୨ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଥିବା ଘୂର୍ଣ୍ଣିବଳୟ ୧.୫ କିଲୋମିଟର ପର୍ଯ୍ୟନ୍ତ ଉପରକୁ ବିସ୍ତାରିତ ହୋଇ ରହିଛି। ଏହା ପୂର୍ବଦିଗରେ ଗତି କରି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବୁଧବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଗୁରୁବାର ୨୩ ଜିଲାରେ ଝଡ଼ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ରହିଛି।

## ପ୍ରଥମ ପୃଷ୍ଠାରୁ

### ସମସ୍ୟା ବୃଦ୍ଧି...

ଚାଲିବ। ବଳକା ଚାଉଳର ଉପଯୋଗ ବିଷୟ ସରକାରଙ୍କ ବିଚାରାଧୀନ ରହିଥିବା ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖ କରାଯାଇପାରେ, ଚାଷୀଙ୍କ ଠାରୁ ଧାନକିଣା ସମୟରେ ଯେତେବେଳେ ସମସ୍ୟା ହେଲା ସେହି ସମୟରେ ମିଲରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ଅଭିଯୋଗ ଉଠାଯାଇଥିଲା। ମିଲରମାନେ କିଛି ଦାବି ନେଇ ଧାନ ଉଠାଇବାକୁ ପ୍ରଥମେ ରାଜି ହୋଇ ନ ଥିଲେ। ପୂର୍ବରୁ ସେମାନଙ୍କ ମିଲ୍‌ରେ ପଡ଼ି ରହିଥିବା ଧାନ ଖାଲି ହୋଇ ନ ଥିବା ଯୋଗୁ ସେମାନେ ଧାନ ଉଠାଇବାକୁ ଆଉ ରାଜି ହୋଇ ନ ଥିଲେ। ଏହାସହ ଅନ୍ୟ ରାଜ୍ୟ ତୁଳନାରେ ସେମାନଙ୍କୁ ସରକାର ଦେଉଥିବା ମିଲିଂ ଚାର୍ଜ ବୃଦ୍ଧି ପାଇଁ ମଧ୍ୟ ସେମାନେ ଦାବି କରିଥିଲେ, ଯାହାକୁ ନେଇ ମିଲର ଆସୋସିଏସନ ଏବଂ ସରକାରଙ୍କ ମଧ୍ୟରେ ବାରମ୍ବାର ବୈଠକ ବସିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ସମୟରେ ଶାସକ ଦଳ ପକ୍ଷରୁ ଦାବି କରାଯାଇଥିଲା, ଯେହେତୁ ଭାଜପା ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରିଦେଲେ ସେଥିଲାଗି ରାଜ୍ୟର ସବୁଆଡ଼େ ଅନ୍ୟ ଚାଷ ଅପେକ୍ଷା ସମସ୍ତେ ଧାନ ଉତ୍ପାଦନ କରିବାକୁ ଚାହିଁଲେ; ଯେଉଁଥିଲାଗି ଧାନ ଫସଲ ବିଗତ ଦିନଗୁଡ଼ିକ ଅପେକ୍ଷା ଏଥର ବହୁ ଅଧିକ ହେଲା। ଏଭଳି ସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ ଉପସ୍ଥାପନା କରିବା ସମୟରେ ୨ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଚାଷୀଙ୍କୁ ସେମାନଙ୍କ ସମୟୋଚିତ ପାଉଣା ପୈଠକରିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆବର୍ତ୍ତନ ପାଣ୍ଠିକୁ ୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ଅଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ଲାଗି ପ୍ରସ୍ତାବ ରହିଛି।

### ମାଓବାଦୀଙ୍କୁ...

ପଦାକୁ ଆସିଛି। ଅନ୍ୱେଷ ଆତ୍ମସମର୍ପଣ କରିବାକୁ ଚାହୁଁଥିବାରୁ ହତ୍ୟାର ଶିକାର ହୋଇଛନ୍ତି। ଏହି ଘଟଣା ପରେ ଶୁକ୍ରୁ ଏବେ ପୋଲିସର ମୋଷ୍ଟ ୱାଣ୍ଟେଡ୍‌ଙ୍କ ତାଲିକାର ଆଗରେ ରହିଛନ୍ତି।

ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ କୁଟିମାହା ଗ୍ରାମ ନିକଟ ପକାରୀ ସଂରକ୍ଷିତ ଜଙ୍ଗଲରୁ ମାଓବାଦୀ ଅନ୍ୱେଷଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। କେକେବିଏନ୍ ଡିଭିଜିନାଲ କମିଟି ସଦସ୍ୟ ଅନ୍ୱେଷ ଏବଂ ତାଙ୍କର କେତେଜଣ ସହଯୋଗୀ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଉଦ୍ୟମ କରୁଥିଲେ। ଏହାକୁ ସଙ୍ଗଠନ ନେତୃତ୍ୱ ନେଉଥିବା ଷ୍ଟେଟ କମିଟି ମେମ୍ବର ଶୁକ୍ରୁ ବିରୋଧ କରୁଥିଲେ। ବର୍ତ୍ତମାନ ସ୍ଥିତି ଭଲ ନ ଥିବା ଅନ୍ୱେଷ ବାରମ୍ବାର କହୁଥିଲେ ସୁଦ୍ଧା ଶୁକ୍ରୁ ଶୁଣୁ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ଜାନୁୟାରୀ ୨୯ରେ ଶୁକ୍ରୁ ଏବଂ ତାଙ୍କର କେତେଜଣ ସାଥୀ ମିଶି ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଗତ ୨୩ ତାରିଖରେ ପୋଲିସ ସହ ମୁହାଁମୁହିଁ ବେଳେ ନିହତ ହୋଇଥିବା ଜାଗେଶ ମଧ ଶୁକ୍ରୁଙ୍କ ସହ ମିଶି ଏହି କାଣ୍ଡ କରିଥିଲେ ବୋଲି କନ୍ଧମାଳ ଏସ୍‌ପି ହରିଶ ବି.ସି. ପ୍ରକାଶ କରିଛନ୍ତି। ଅନ୍ୱେଷଙ୍କୁ ସଙ୍ଗଠନ ମଧ୍ୟରେ ହତ୍ୟା କରାଯିବା ପରେ ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ, ସେମାନଙ୍କ ମଧ୍ୟରେ ଏବେ ଭୟ ପଶିଯାଇଛି। ଅନ୍ୟପକ୍ଷରେ ଅନେକ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ଶୁକ୍ରୁଙ୍କୁ ଧରିବା ପାଇଁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଅନ୍ୱେଷଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ଏ ନେଇ ଦାରିଙ୍ଗିବାଡି ଥାନାରେ ନଂ.୫୮/୨୬ରେ ହତ୍ୟା ମାମଲା ରୁଜୁ ହୋଇଛି।



ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ।-ଶ୍ରୀମା

-ଫଗୁ ଦଶମୀ, ସୁଦଶାବ୍ରତ ଓ ଶ୍ରୀଜୀଉଙ୍କ ଚାଚେରୀ ବେଶ



# କ୍ଷମତା ନିୟନ୍ତ୍ରଣର ଯୁଗ



ଦେବଦତ୍ତ ପଟ୍ଟନାୟକ

ଶିକ୍ଷାବିତ୍‌ଙ୍କ ବାସ୍ତବ ତଥ୍ୟ ଓ ରାଜନେତାଙ୍କ ବିଚାରର ଦ୍ୱନ୍ଦ୍ୱ ମଧ୍ୟରୁ କେଉଁଟିକୁ ପସନ୍ଦ କରିବ ବୋଲି ଭାରତ ଯେଭଳି ଜଟିଳତାର ସମ୍ମୁଖୀନ ହୋଇଛି ଚାଇନା ମଧ୍ୟ ସେହିଭଳି ସ୍ଥିତିକୁ ସାମ୍ନା କରିଛି। କିନ୍ତୁ ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଭାରତର ଇତିହାସ ବିବିଧତା ଉପରେ ଅଧାରିତ ଥିବାବେଳେ ଚାଇନାର ଇତିହାସ ହେଉଛି ଏକତାର ସମ୍ଭାର। ଭାରତରେ ଆନ୍ତଃଜାତି ବିବାହକୁ ବିଶ୍ୱାସ କରୁଥିବା ଅନେକ ଶହ ଜାତି ଅଛନ୍ତି। କର୍ମ ଓ ବର୍ଣ୍ଣ ଅନୁଯାୟୀ ସେମାନଙ୍କୁ ଚାରି ଭାଗରେ ବିଭକ୍ତ କରାଯାଇଛି। ଏଥିରେ ଆଉ କୌଣସି ନୂଆ ଜାତି ଯୋଡ଼ି ହୋଇନାହିଁ। ଏହିସବୁ ଜାତି ମଧ୍ୟରେ ବିଶ୍ୱାସ ରହିଛି ଯେ, ଜାତି ବାହାରେ ବିବାହ କରିବା ଏକ ଅପବିତ୍ର କାର୍ଯ୍ୟ। ପୁରାତନ ଯୁଗରେ ବୌଦ୍ଧ ଧର୍ମକୁ ଏକ ଧର୍ମ ଭାବେ ଗଣାଯିବା ପୂର୍ବରୁ ଅଧିକାଂଶ ଲୋକ, ଯେଉଁମାନେ ବୁଦ୍ଧଙ୍କୁ ଓ ବୌଦ୍ଧ ଧର୍ମର ବ୍ୟବସ୍ଥାକୁ ଗ୍ରହଣ କରୁଥିଲେ , ସେମାନେ ସେମାନଙ୍କ ଜାତି ପ୍ରତି ଅନୁରକ୍ତ ଥିଲେ। ତେବେ ବୌଦ୍ଧ ବିଚାରଧାରା ପରବର୍ତ୍ତୀ ସମୟରେ ଏକ ଧର୍ମ ଭାବେ ପରିପ୍ରକାଶ ହୋଇଥିଲା।

ବୌଦ୍ଧଧର୍ମ ଚାଇନାରେ ଯେତେବେଳେ ପ୍ରବେଶ କରିଥିଲା ସେତେବେଳେ ଚାଇନା ତାଓିଷ୍ଟ ଓ କନ୍‌ଫ୍ୟୁସିଆନ ସିଦ୍ଧାନ୍ତ ଆଧାରରେ ଚାଲୁଥିଲା। ସେ ସମୟରେ ଚାଇନାର ଆଧ୍ୟାତ୍ମିକ ବା ଦାର୍ଶନିକ ପଥ ପ୍ରତି ବୌଦ୍ଧଧର୍ମ ଏକ ଆହ୍ୱାନକାରୀ ଶକ୍ତି ଭାବେ ଉଭା ହୋଇଥିଲା। ହେଲେ ଧୀରେ ଧୀରେ ବୌଦ୍ଧ ବିଚାରଧାରାକୁ ଚାଇନା ଗ୍ରହଣ କରିଥିଲା। ତେବେ ଚାଇନାରେ ହାନ୍ ସିଦ୍ଧାନ୍ତ ଅଧିକ ଗ୍ରହଣୀୟ ହୋଇଛି। ଚାଇନା ଦର୍ଶନର ସଂସ୍କୃତିଗତ ଗ୍ରହଣୀୟତାକୁ ଆଧାର କରି ଗଢ଼ିଉଠିଥିବା ହାନ୍ ସିଦ୍ଧାନ୍ତ ସାମାଜିକ ବ୍ୟବସ୍ଥାର ଅଂଶ ପାଲଟିଯାଇଛି। ଏପରିକି ଚାଇନାକୁ ଶାସନ କରିଥିବା ମଙ୍ଗୋଲୀୟ ଓ ମାଞ୍ଚୁରୀୟ, ଉତ୍ତରଭାଗର ଯାଯାବର ସମୁଦାୟ ସମୟକ୍ରମେ ହାନ୍ ବିଚାରଧାରାକୁ ଗ୍ରହଣ କରିଯାଇଥିଲେ। ଏବେ ଚାଇନାର ୯୦% ଲୋକ ହାନ୍ ସିଦ୍ଧାନ୍ତକୁ ମାନିନେଇଛନ୍ତି। ହେଲେ ତିବ୍ବତର ବୌଦ୍ଧଧର୍ମାବଲମ୍ବୀ ଓ ଉଇଘରର ମୁସଲମାନମାନେ ଏହି ଦର୍ଶନକୁ ଗ୍ରହଣ କରିନାହାନ୍ତି, ଯେଉଁଥିପାଇଁ ରାଜନୈତିକ ସ୍ତରରେ ସେମାନଙ୍କୁ ଏକ ବିପଦ ବୋଲି ମନେକରାଯାଉଛି।

ଚାଇନାର ଇତିହାସକୁ ବୁଝିବାକୁ ହେଲେ ଏହାର କ୍ଷମତା, ଅବିଶ୍ୱାସ ମାନସିକତା, ପତନ ତଥା ପୁନରାବୃତ୍ତିର ଏକ ଚକ୍ରକୁ ବଝିବାକୁ ପଡ଼ିବ। ଅନେକ ଶତାବ୍ଦୀ ଧରି କନ୍‌ଫୁସିୟସ ଦର୍ଶନର ସମ୍ପର୍କବାଦ ଏବଂ ବିଧିବାଦୀ ଯୋଗ୍ୟତାବାଦ ମଧ୍ୟରେ ଚାଇନା ଲଗାତର ଆଗପଛ ହୋଇ ଚାଲିଆସିଛି। ଚାଇନା ଇତିହାସରେ ୩,୦୦୦ରୁ ଊର୍ଦ୍ଧ୍ୱ ଏକ ଡଜନରୁ ଅଧିକ ରାଜବଂଶ ଶାସନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ପ୍ରତ୍ୟେକେ ଅନ୍ୟଠାରୁ ନିଜକୁ ନିଆରା ବୋଲି ଦାବି କରନ୍ତି, ହେଲେ କାହାଣୀ ସବୁବେଳେ ସମାନ ହୋଇଛି। ନୂଆ ସମ୍ରାଟ ଆସିଛନ୍ତି, କିନ୍ତୁ ଏକାପ୍ରକାର ଏକଚ୍ଛତ୍ରବାଦ ଆପଣାଇଛନ୍ତି। ଶାସନରେ ନୂଆ ପତାକା ହୋଇଛି, ହେଲେ ସମାନ ପ୍ରକାର ଭୟ ରହିଛି। ଗୋଟିଏ ରାଜବଂଶର ପତନ ଘଟିଛି ଏବଂ ପୁନର୍ବାର ଏକ ନୂଆ ଜାତି, ନୂଆ ପ୍ରଥାକୁ ନେଇ ଆଉ ଏକ ରାଜବଂଶର ଉତ୍‌ଥାନ ଆରମ୍ଭ ହୋଇଛି। ରାଜବଂଶ ଶାସନର ଅଧ୍ୟାୟରେ କେବେ ବି ପରିବର୍ତ୍ତନ ଘଟିନାହିଁ। କୃଷକମାନେ ଭୋକରେ ମୃତ୍ୟୁବରଣ କରୁଥିବାବେଳେ ଶାସକମାନେ ବିଳାସରେ ସମୟ କାଟନ୍ତି। ପରେ ଏଭଳି ସ୍ଥିତିକୁ ନେଇ ବିଦ୍ରୋହ ତେଜିବା ଅପରିହାର୍ଯ୍ୟ ହୋଇପଡ଼େ। ବିଦ୍ରୋହରୁ ପରିବର୍ତ୍ତନର ଧାରା ଆସେ। ଦାବି କରାଯାଏ ଯେ,'ସ୍ୱର୍ଗର ଦେବଶକ୍ତି' ତାଙ୍କୁ ଶାସକ ଭାବେ ବାଛିଛି ଏବଂ ସେ ପୁରୁଣା ସମ୍ରାଟଙ୍କୁ ହତ୍ୟା କରି ସିଂହାସନ ଦଖଲ କରନ୍ତି । ନିଜକୁ ସ୍ୱର୍ଗର ପୁତ୍ର ବୋଲି ଘୋଷଣା କରନ୍ତି। ଗୋଟିଏ କିମ୍ବା ଦୁଇଟି ପିଢ଼ି ପାଇଁ ଏଭଳି ବ୍ୟବସ୍ଥା ଜାରି ରହେ। ତା'ପରେ ଆସିଯାଏ ବନ୍ୟା, ଦୁର୍ଭିକ୍ଷର ପ୍ରଭାବ ଏବଂ ଟିକସ ଚାପ। ସମ୍ରାଟଙ୍କ କ୍ଷମତା ବଢ଼େ ଏବଂ କୃଷକ ହତାଶ ହୋଇଯାଏ। ସମୟକ୍ରମେ ସାମ୍ରାଜ୍ୟ ଭୁଶୁଡ଼ି ପଡ଼େ ଏବଂ ଆଉ ଏକ ପର୍ଯ୍ୟାୟ ଆରମ୍ଭର ସଙ୍କେତ ଦିଏ। ଅବଶ୍ୟ ଏହା ହେଉଛି ନିଶ୍ଚିତ ରୂପେ ଏକ ନିରାଶାବାଦୀ ଦୃଷ୍ଟିକୋଣ।



ପ୍ରତ୍ୟେକ ରାଜବଂଶ ଏକଚ୍ଛତ୍ରବାଦକୁ ନୂଆ ରୂପ ଦେଇଛନ୍ତି। କିନ୍ ରାଜବଂଶ ବିଧିବାଦ ଅର୍ଥାତ କଠୋର ଆଇନକୁ ଉପଯୋଗ କରିଥିଲା, ଯାହାର ସାମାଜିକ, ଭାବଗତ କିମ୍ବା ବୃତ୍ତିଗତ ପରିଣାମ ଅତ୍ୟନ୍ତ ଭୟଙ୍କର ଥିଲା। ହାନ୍ ବଂଶ ରାଜତ୍ୱ ସମୟରେ କନ୍‌ଫୁସିୟସ ବିଚାରରେ ଏକଚ୍ଛତ୍ରବାଦକୁ ଆପଣାଇଥିଲା। ସେ ସମୟର ସିଭିଲ ସର୍ଭିସ ପରୀକ୍ଷା ହେଉଛି ୨୦୦୦ ବର୍ଷର ଏକ ପୁରୁଣା ବ୍ୟବସ୍ଥା। ତାଙ୍ଗ ବଂଶର ଶାସନ ସମୟରେ କାବ୍ୟର ବିକାଶ ହେବା ସହ ପ୍ରାସାଦରେ ହତ୍ୟା ଲାଗି ବେଶ୍ ଜଣାଶୁଣା। ସୋଙ୍ଗ୍ ବଂଶ ରାଜତ୍ୱ କାଳ ଆର୍ଥିକ ସମୃଦ୍ଧିର ସୁବର୍ଣ୍ଣ ଯୁଗ ହେଲେ ମଧ୍ୟ ନିଜକୁ ରକ୍ଷା କରିପାରି ନ ଥିଲା। ୟୁଆନ କହିଲେ ବିଦେଶୀ ମଙ୍ଗୋଲ ଶାସକଙ୍କ ସମୟକୁ ବୁଝାଏ, ଯେଉଁମାନେ ଚାଇନାର ଲମ୍ବା ପୋଷାକ ପରିଧାନ କରୁଥିଲେ। ମିଙ୍ଗ୍ ବଂଶ ରାଜତ୍ୱରେ ୱାଲ ନିର୍ମାଣ କରାଯିବା ସହ ସମୁଦ୍ର ପଥରେ ଜାହାଜ ପୋଡ଼ିଥିଲେ, ଯାହା ବିଦେଶୀଙ୍କୁ ଘୃଣା କରିବାର ଏକ ବଡ଼ ଦୃଷ୍ଟାନ୍ତ। କ୍ୱିଙ୍ଗ୍ ଶାସନରେ ପୁରୁଷଙ୍କୁ କପାଳ ସାମ୍ନା ଲଣ୍ଡା ହୋଇ ପଛରେ ଜଟ ଭଳି ଚୁଟି ରଖିବାକୁ ବାଧ କରାଯାଇଥିଲା ଏବଂ ନିଜର ବିଫଳତା ଯୋଗୁ ଏହି ରାଜବଂଶର ଅଧପତନ ଘଟିଥିଲା। ଦେଖିବାକୁ ଗଲେ ଚାଇନାରେ ପ୍ରତ୍ୟେକ ରାଜବଂଶର ପତନର କାହାଣୀ ସମାନ ରହିଛି। ଜଣେ ଐତିହାସିକଙ୍କ ମତରେ, ଚାଇନାରେ ସଭ୍ୟତା କମ୍ ଏବଂ ନିଜ ସ୍ୱାର୍ଥ ପାଇଁ ଲୋକଙ୍କୁ ନିୟନ୍ତ୍ରଣ କରୁଥିବା ଲୋକଙ୍କ ଦ୍ୱାରା ଏହା ଚାଲିଆସିଛି।

ରାଜବଂଶ ଶାସନ ବଡ଼ ଆକାରରେ ଆରମ୍ଭ ହୋଇଥିଲେ ମଧ୍ୟ ଗ୍ରହଣୀୟ ହୋଇନାହିଁ, କ୍ଷମତା ଭୁଶୁଡ଼ି ପଡ଼ିଛି। ତଥାପି ଶାସନ ସବୁବେଳେ ଲୋକଙ୍କୁ ଖାଦ୍ୟ ଯୋଗାଇବା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଛି। ସବୁ ଆହ୍ୱାନର ସମ୍ମୁଖୀନ ହୋଇ ଆଗକୁ ବଢ଼ିଛି। ଏହି ଦେଶ ପ୍ରତିଯୋଗିତାରେ ବିଜୟୀ ହୋଇଛି। ୫୦୦ ବର୍ଷର ଲଗାତର ଯୁଦ୍ଧ ପରେ ଏହି ଦେଶର ଅସ୍ତିତ୍ୱ ଆଜକୁ ୨୨୦୦ ବର୍ଷ ତଳେ ସାମ୍ନାକୁ ଆସିଥିଲା ଏବଂ ରକ୍ଷକର ଭୂମିକା ନିଭାଇଥିଲା, ଯାହା ଏବେ ସୁଦ୍ଧା ରହିଆସିଛି। ତେବେ ବିଂଶ ଶତାବ୍ଦୀରେ ଚାଇନାର କମ୍ୟୁନିଷ୍ଟ ପାର୍ଟି ସେହି ବ୍ୟବସ୍ଥା ପୁନରାବୃତ୍ତି ପାଇଁ ପଦକ୍ଷେପ ନେଇଥିଲା। ସେମାନେ ରାଜବଂଶ ଶାସନକୁ ନ ହଟାଇ କେବଳ ଏହାର ପୁନଃନାମକରଣ କରି ପରିବର୍ତ୍ତନ କରିଥିଲେ। ରାଜକୀୟ ଆଦେଶ ବଦଳରେ ପାର୍ଟି ନିର୍ଦ୍ଦେଶ ପ୍ରଚଳନ ହୋଇଛି। 'ସ୍ୱର୍ଗର ଦେବତାଙ୍କ ପ୍ରେରିତ ଶାସକ'ର ସିଦ୍ଧାନ୍ତ ବଦଳରେ ଏବେ ଚାଇନିଜଙ୍କ ପ୍ରବୃତ୍ତିରେ ସମାଜବାଦ କିମ୍ବା ପୁଞ୍ଜିବାଦ ବସା ବାନ୍ଧିଛି। ଚାଇନା ଏବେ ସୁଦ୍ଧା ଏକ ଦଳୀୟ ଶାସନ ବ୍ୟବସ୍ଥାରେ ରହିଛି। କିନ୍ତୁ ଏକ ବଡ଼ ପରିବର୍ତ୍ତନ ଘଟିଥିଲା। ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲେ ବି ଖୁବ୍ କମ୍ ସମୟ ମଧ୍ୟରେ ସଂଖ୍ୟାଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିଲେ, ଯାହା ଏକ ଉଲ୍ଲେଖନୀୟ ସଫଳତା ହୋଇ ରହିଛି।

୩,୦୦୦ ବର୍ଷ ପୂର୍ବେ, ସ୍ୱର୍ଗର ଶକ୍ତି ନାମରେ ଚାଇନାରେ କ୍ଷମତା ଦଖଲ କରାଯିବା ଦେଖାଯାଇଛି। ସ୍ଥାୟିତ୍ୱ ବଦଳରେ ଭୟ ରହିଥିଲା। ଲୋଭ ଏବଂ ଦୁର୍ନୀତି ଯୋଗୁ ଶାସନ ଭୁଶୁଡ଼ି ପଡ଼ିଥିଲା। ରାଜବଂଶ ପରେ ରାଜବଂଶ, ପାର୍ଟି ପରେ ପାର୍ଟି କ୍ଷେତ୍ରରେ ଏହା ଘଟିଛି। ଚାଇନାର ଇତିହାସ ଜ୍ଞାନର ଏକ ନଦୀ ନୁହେଁ, ବରଂ ଏହା ହେଉଛି କ୍ଷମତା ନିୟନ୍ତ୍ରଣର ଏକ ଚକ୍ର। କେବଳ ରାଜବଂଶ ଶାସନ ସମୟରେ ଅଧିକ ଟିକସ, ବନ୍ୟା ଓ ଯୁଦ୍ଧ ସହୁଥିବା କୃଷକଙ୍କ ନିର୍ଯାତନା ସ୍ଥାୟୀ ଭାବେ ରହିଆସିଛି। ଏହି ଦୀର୍ଘ କାହାଣୀରୁ ଯେଉଁ ଗୋଟିଏ ଶିକ୍ଷା ମିଳିଛି ତାହା ହେଉଛି ନାମାନୁସାରେ ଶାସନ ବଦଳିଛି, କିନ୍ତୁ ଘଟଣାଚକ୍ରର ପୁନରାବୃତ୍ତି ଜାରି ରହିଛି। ଯଦି ପ୍ରାସାଦରେ ଜନ୍ମ ହୋଇଛନ୍ତି ତୁମେ ମହାନ, ଯଦି କୃଷକ ଭାବେ ଜନ୍ମ ହୋଇଛନ୍ତି ତେବେ ତୁମେ ତାହା ନୁହେଁ। ଭାରତ ସମ୍ପର୍କରେ ଜଣେ ଏହି ସମାନ କଥା କହିପାରନ୍ତି, ଯେଉଁଠି ସବର୍ଣ୍ଣ ଜନ୍ମିତ ଶୋଷକ ଥିବାବେଳେ ଶୋଷିତ ଅସବର୍ଣ୍ଣ ଅଛନ୍ତି।

-devduttofficial@gmail.com

# ହିଙ୍ଗା ଓ ବୁଢ଼ୀ ହଳଦୀ



ଡ.ଚନ୍ଦନ କୁମାର ସିଂହ

ଶୀତର ଦାଉ ଏବେ ଦୁର୍ବିପାକ ଅବସ୍ଥାକୁ ଆସିଗଲାଣି। ଦିହକୁ କାଟୁନି ଖରାତାତି। ବେଳ ନ ଗଡୁଣୁ ଡଙ୍ଗର ଉପରୁ ଚହଲି ଆସୁଛି ଜାଡୁଆ ପବନ। ଗଛପତର ଜାଡ଼ରେ କାଠ ପାଲଟିଯାଉଛି। ଗାଁର ମଣିଷ କଥା ପଚାରୁଛି କିଏ ସତରେ! ମାଣ୍ଡିଆ, ବିରି ଅମଳ ସରିଗଲାଣି। କୋଳଥ ଅମଳ ହେଉଛି। କାନ୍ଦୁଲ ବାଡ଼ରେ କାନ୍ଦୁଲ ହସୁଛି। କାନ୍ଦୁଲ ଗଛରେ ହଳଦିଆ ଫୁଲ ପବନରେ ଥରି ଥରି ହସୁଛି। ଗତ ବରଷ ଏଇ ମାସରେ ବରଷା ବରଷିଲାରୁ କାନ୍ଦୁଲ ଫୁଲ ଝଡ଼ିଗଲା। କାନ୍ଦୁଲ ହେଲା ନାହିଁ। ଏଥରକ ଶୀତ ବଢ଼ିଛି। କାନ୍ଦୁଲ ଗଛରେ ଫୁଲ ଭର୍ତ୍ତି। ଦିନରେ ଖରା ସାଙ୍ଗରେ ଶୀତୁଆ ପବନ। ଆଉ ଦିନରେ ଡଙ୍ଗର ଦିହରୁ ଆସୁଥିବା ପବନ। ନହନହକା ଗଛ ନିଜ ନିଜ ଝାମ୍ପୁରା ଦିହରେ କାନ୍ଦୁଲ ଧରି ଠିଆ ହୋଇଛନ୍ତି। କେଉଁଠି କାନ୍ଦୁଲ ଧରିଲାଣି ତ ଆଉ କେଉଁଠାରେ ଫୁଲ କନ୍ଦିରୁ ମୁରୁକି ହସୁଛି କାନ୍ଦୁଲ, କଷି କାନ୍ଦୁଲ। ମାତ୍ର ଏଣେ ପଦର ଆଉ ଗୁଡ଼ିଆରେ ହିଙ୍ଗା ପତର (ହଳଦୀ) ଶୁଖିଗଲାଣି। କିଏ କିଏ ହିଙ୍ଗା ଅମଳ କଲେଣି ତ ଆଉ କେହି କାନ୍ଦୁଲ ପରବ ପରେ ପରେ ହିଙ୍ଗା ଅମଳ କରିବେ। କୁଇ କନ୍ଧ କୁଳ ସମାଜରେ କାନ୍ଦୁଲ ସହ ହିଙ୍ଗାର ଅମଳ ଯୋଡ଼ାଯୋଡ଼ି। ଓଷଦ ଦିଆ ଯାଏନାହିଁ। ଖୋଲା ଆକାଶର ପାଣି, ଖରା, ପବନ ଓ ଗୁଡ଼ିଆ ଦିହରୁ ହିଙ୍ଗା ରସ ନେଇ ନିଜ ଶରୀରକୁ ଗଢ଼ିଥାଏ। ଚାଟିକଣା, ବିଷମ କଟକ, ହାଟ ମୁନିଗୁଡ଼ା, ମୁନିଖୋଲ ହାଟରେ ବିକ୍ରି ହୁଏ ହିଙ୍ଗା। ଯିଏ ଗଲାବରଷ ବିକ୍ରି କରି ନ ପାରିଛନ୍ତି ହିଙ୍ଗା ପାଲଟିଛି ବୁଢ଼ୀ ହଳଦୀରେ। ବୁଢ଼ୀ ହଳଦୀର ଟାଣ ବେଶି। ନୂଆ ହିଙ୍ଗା ଆଉ ବୁଢ଼ୀ ହଳଦୀ ମିଶିଲେ ହଳଦୀ ଗୁଣ୍ଡ ସହଜ ହୁଏ। ଖାଲି ହିଙ୍ଗା, ଖାଲି ବୁଢ଼ୀ ହଳଦୀ ଅଡୁଆ ତଡୁଆ। ପଦର, ଗୁଡ଼ିଆ ଓ ଡଙ୍ଗର ତଳର ପ୍ରାଥମିକ ଶିକ୍ଷାରେ ହିଙ୍ଗା ଓ ବୁଢ଼ୀ ହଳଦୀର ପ୍ରୟୋଗ ଖୁବ୍ ଅହେତୁକ ଓ ଦରକାରୀ। ଅର୍ଥାତ୍ ନୂଆ ଓ ପୁରୁଣା ପ୍ରାଥମିକ ଶିକ୍ଷା ଦିହକୁ ଦଣ୍ଡାଟିଏ ପରି। ଧୀରେ ଧୀରେ ପାଦଥାପି ପିଲାଙ୍କ ପାଖକୁ ଯାଇ ହୁଏ। ତାଙ୍କ ପହୁଞ୍ଚ ଭିତରକୁ ପଶି ପାରିବା ସହଜ ହୁଏ। ଏହି ନୂଆ ପୁରୁଣା ହେଉଛନ୍ତି ପ୍ରାଥମିକ ଶିକ୍ଷାର ଭାଷା ସମ୍ବଳ। ବିଶେଷଭାବେ କୋମଳମତି ଶିଶୁଟି ତା'ପରିବାର ଭିତରୁ ହିଁ ବୁଝିବା, ନ ବୁଝିବା, ଶୁଣିବା, ନ ଶୁଣିବା, ଦେଖିବା, ନ ଦେଖିବା ଆଦି ପ୍ରସଙ୍ଗଗୁଡ଼ିକୁ ବହୁ ସରାଗରେ ସାଉଁଟି ଧରିଥାଏ। ଏଥିପାଇଁ ନୂଆ ପୁରୁଣାର ଆୟମଟି ବହୁ ପ୍ରସ୍ଥର। ତାଲିମ ଅପେକ୍ଷା ଅଧିକତର ଭାବେ ତଳିପକାକୁ ବୁଝାଇଥାଏ। ଅର୍ଥାତ୍ ଏଇଟି ଭିତରୁ କେତେ କେତେ କଥା। ପ୍ରାଥମିକ ଶିକ୍ଷା ହେଉଛି ତଳିପକା କାମ। ମାଟିକୁ ପାଗ କରାଯାଉଥିବ। ବିହନ ଏହି ତଳିରେ ହିଁ ପଡ଼ିବ। ଭାରି ନରମ ମାଟି। ଅଥଚ ହାଲୁକା ମାଟି। ପ୍ରାଥମିକ ଶିକ୍ଷାର ପାଗ ହିଁ ଏହି ତଳିପତାର ମାଟି। ଏହାରି ଭିତରେ ଭାଷା ହିଁ ଖୁବ୍ ମୌଳିକ। ତା' ପାଖର ଗୀତ, ତାପ, ଚିତ୍ର, ଉଦାହରଣ ଭାଷାର ରୂପଦିଅନ୍ତି।

ତୁଚ୍ଛା ଭାଷା କେବେ ହେଲେ ନ ଥାଏ। ଏସବୁର ଆଦର ଯେତେ ଯେତେ ପିଲାର ବୁଝିବା ମଧ୍ୟ ସେତେ ସେତେ। ବେଳେ ଏହାରି ଭିତରୁ ପିଲା ପାଟିରୁ କେତେ କେତେ ଶବ୍ଦ ଛାଆଁକୁ ଛାଆଁ ବାହାରି ପଡ଼େ। ଶ୍ରେଣୀ କକ୍ଷର ଶିକ୍ଷକଙ୍କ ପାଇଁ ଏହା ରଙ୍ଗ ବେରଙ୍ଗର ବାଲି ଗରଡ଼ା ପରି। ଆଗକୁ ପାଠକୁ ନେବାରେ ଏହା ଖୁବ୍ ସାହାଯ୍ୟ କରନ୍ତି। ପଦର-ଜୀବନରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଖୁବ୍ ଅନ୍ତରଙ୍ଗ ଶବ୍ଦ ଗୋଟିଏ ଉଚ୍ଚାରଣ କରନ୍ତି ବେଳ ଅବେଳରେ ''ବଡ଼ ବାଆଧା ଏକା'' ଏହି ଖଣ୍ଡବାକ୍ୟଟି ପିଲାଙ୍କ ବୋଧଗମ୍ୟତା ପାଇଁ ଏକ ନମୁନା ଭଳି। ପ୍ରତିଦିନ ଶ୍ରେଣୀ କକ୍ଷରେ ଶିକ୍ଷକ ଓ ପିଲାଙ୍କ ତୁଣ୍ଡ-ଆଲୋଚନାରେ ଅନେକ ଶବ୍ଦ ସ୍କୁଲ ଅଙ୍ଗନକୁ ପୂର୍ଣ୍ଣ କରିଦିଅନ୍ତି। ଏସବୁକୁ ସାଉଁଟି ଆଣି ସେ ସବୁର ପ୍ରୟୋଗ କରି ଜାଣିଲେ ପ୍ରାଥମିକ ଶିକ୍ଷାରେ ଭାଷା ସମ୍ବଳ ପ୍ରସଙ୍ଗ ଆହୁରି ପୁଷ୍ଟ ହୋଇ ଉଠେ। ଲିଖିତ ଅବା ଅଲିଖିତ ଅବା କଥିତ ଭାଷାରେ ଅନେକ ଶବ୍ଦ ବ୍ୟଞ୍ଜିନ ସୁଦୂର ପ୍ରସାରୀ ଅର୍ଥ ବହନ କରନ୍ତି। ଭାବାବେଗକୁ ଆଧାର କରି ଏହାର ନିହିତାର୍ଥ ଗଭୀର। ତେଣୁ ହିଙ୍ଗା ଓ ବୁଢ଼ୀ ହଳଦୀ ପ୍ରାଥମିକ ଶିକ୍ଷାର ଅଭିଭାବକ ପରି। ସଲପଗଛର ବାହୁଙ୍ଗା ଭିତରୁ ଠେଲି ଆସୁଥିବା ଶୀତୁଆ ପବନ ଝରଣା କୂଳର ସରଗି ଜଙ୍ଗଲ ଭିତରୁ ମାଟି ଉପରେ ପଡୁଥିବା ଚେନା ଚେନା ଖରା ଭିତରଦେଇ ପ୍ରାଥମିକ ଶିକ୍ଷାର ଭାଷା ଆମ ପାଇଁ ସବୁବେଳେ ଏକ ଆଶ୍ୱାସନାର ଆହ୍ୱାନ।

**ବିଷମ କଟକ, ରାୟଗଡ଼**
**ମୋ: ୮୨୪୯୬୫୭୭୭୮**

## ଏଇ ଭାରତରେ

କର୍ଣ୍ଣାଟକର ଗ୍ରାମାଞ୍ଚଳ ପିଲାଙ୍କୁ ସ୍ମାର୍ଟ ଶିକ୍ଷା ଦେବା ପାଇଁ ଏକ ଅଭିନବ ଉପାୟ ଆପଣାଇଛନ୍ତି ଅକ୍ଷୟ ମାଶେଲ୍‌କର। ସେ ଏଥିପାଇଁ ଏକ ରୋବୋ ନିର୍ମାଣ କରିଛନ୍ତି। ଏପରି ରୋବୋ ଏବେ ପାଠ ପଢ଼ାଉଛି କର୍ନାଟକର ସିର୍‌ଶି ଗାଁରେ। ରୋବୋ ଶିକ୍ଷକ ମଣିଷଙ୍କ ଭଳି ପଢ଼ାଇପାରୁଛି। ୩୦ ବର୍ଷିଆ ଅକ୍ଷୟ କୋଭିଡ୍ ମହାମାରୀ ସମୟରେ ଏହି ରୋବୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତଦନୁଯାୟୀ ଯୋଜନା ପ୍ରସ୍ତୁତ କରିଥିଲେ। ୨୦୨୨ରେ ସେ ତାଙ୍କ ଯୋଜନାକୁ ବାସ୍ତବରୂପ ଦେଇପାରିଥିଲେ। ଏହି ରୋବୋ ଶିକ୍ଷକର ନାମ ଶିଖା। ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ କନ୍ନଡ ଓ ଇଂଲିଶ୍‌ରେ ପଢ଼ାଇପାରୁଛି। ଶିଖା ରାଇମ୍ ମଧ୍ୟ ଗାଉଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ରୋବୋ ତିଆରିରେ ସେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏହା ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୮ ମାସ ସମୟ ଲାଗିଯାଇଥିଲା। ଏବେ ସେ ପ୍ରାୟ ୩୫,୦୦୦ ଟଙ୍କାରେ ଅନ୍ୟ ଏକ 'ଶିଖା' ତିଆରି କରିବାକୁ ମନସ୍ଥ କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲ୍‌ରେ ପିଲା ସ୍ମାର୍ଟ ଶିକ୍ଷା ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟଙ୍କ ନିକଟରୁ ପିଲାମାନେ ରୋବୋଟିକ୍ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ପାଇ ରୋବୋ ନିର୍ମାଣ କରିପାରୁଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିବାରେ ସକ୍ଷମ ହୋଇଗଲେଣି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

**୨୬ ଫେବୃଆରୀ ୧୯୭୭**

- ରାଜ୍ୟରେ କୃଷି ଶିଳ୍ପର ବିକାଶ ଲାଗି ବିଶ୍ୱବ୍ୟାଙ୍କ ୨୦ ନିୟୁତ ଡଲାର ମଞ୍ଜୁର କରିଛନ୍ତି।
- ହରିଆଣା ବିଧାନସଭା ସଭ୍ୟ ରୁଲିଆ ରାମ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 8 | | | | 2 | 4 | 5 |
| | | | | | | | | |
| | 7 | | | 2 | 4 | 3 | | |
| | | | 2 | | | 5 | 9 | |
| | 2 | | 7 | | 9 | 8 | | |
| | | 1 | | | 3 | 7 | 2 | |
| 4 | 6 | 2 | 1 | 3 | 5 | | 8 | |
| 8 | 1 | | | | | | | 2 |
| | 3 | 9 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 6 | 2 | 4 | 3 | 8 | 1 |
| 6 | 1 | 8 | 9 | 7 | 3 | 4 | 5 | 2 |
| 2 | 4 | 3 | 8 | 1 | 5 | 6 | 7 | 9 |
| 3 | 9 | 4 | 1 | 8 | 6 | 5 | 2 | 7 |
| 7 | 2 | 6 | 4 | 5 | 9 | 8 | 1 | 3 |
| 1 | 8 | 5 | 7 | 3 | 2 | 9 | 4 | 6 |
| 4 | 5 | 2 | 3 | 9 | 1 | 7 | 6 | 8 |
| 9 | 6 | 7 | 2 | 4 | 8 | 1 | 3 | 5 |
| 8 | 3 | 1 | 5 | 6 | 7 | 2 | 9 | 4 |

ଗତକାଲିର ଉତ୍ତର

# ସାମାଜିକ ନ୍ୟାୟ ସଙ୍କଳ୍ପ



ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠାରେ ସର୍ବାଧିକ ଅନଗ୍ରସର ବର୍ଗର ଲୋକ ବସବାସ କରନ୍ତି। ଯେଉଁଠାରେ ଶତାଂଶ ଦୃଷ୍ଟିରୁ ମିଳିତ ଭାବେ ଭାରତବର୍ଷର ସର୍ବାଧିକ ଅନୁସୂଚିତ ଜାତି ଓ ଜନଜାତି ଏବଂ ଓବିସିମାନେ ବସବାସ କରନ୍ତି। ଆଉ କେଉଁ ରାଜ୍ୟରେ ଏମାନେ ଏତେ ସଂଖ୍ୟାରେ ନାହାନ୍ତି। ଯେଉଁଥିରେ ଏସ୍‌ଟିଙ୍କ ସଂଖ୍ୟା ଶତକଡା ୨୨.୮୫ ଭାଗ ଓ ଏସ୍‌ସିଙ୍କ ସଂଖ୍ୟା ଶତକଡା ୧୭.୧୩ ଭାଗ ୨୦୧୧ ମସିହାର ଜନଗଣନା ଅନୁଯାୟୀ। ଏମାନଙ୍କ ସମୁଦାୟ ସଂଖ୍ୟା ଶତକଡା ୪୦ ଭାଗ। କୁହାଯାଉଛି ଏ ସଂଖ୍ୟା ଏବେ ଆହୁରି ବଢ଼ିଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ସଂଖ୍ୟା ଶତକଡା ୫୪ ଭାଗ ୧୯୩୧ ମସିହା ଜନଗଣନା ଅନୁଯାୟୀ। ତେବେ ୨୦୨୩ ମସିହା ସର୍ଭେ ଅନୁଯାୟୀ ଏସ୍‌ଇବିସିଙ୍କ ସଂଖ୍ୟା ୩୯.୩୧%। ୧୯୩୧ର ଓବିସି ସଂଖ୍ୟାକୁ ମିଶାଇଲେ ସମୁଦାୟ ସଂଖ୍ୟା ଶତକଡା ୯୪ ଭାଗ ଓ ୨୦୨୩ର ରିପୋର୍ଟକୁ ନେଲେ ଏହା ପାଖାପାଖି ଶତକଡା ୯୦ ଭାଗ ହେବ। ଏମାନେ ଏତେସଂଖ୍ୟାରେ ଥିଲେହେଁ ରାଜ୍ୟର ସମସ୍ତ କ୍ଷେତ୍ରରେ ନିଜର ସମାନୁପାତିକ ଅଧିକାର ହାସଲ କରିପାରିନାହାନ୍ତି।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆଯାଉଥିଲା, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ସଂରକ୍ଷଣ ମିଳିବା କଥା। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ବିଜେଡି ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଫାଇଲ ଭିତରେ ବନ୍ଧା ହୋଇ ରହିଲା, କର୍ଯ୍ୟକାରୀ ହୋଇପାରିଲା ନାହିଁ। ଏମାନେ ସଂରକ୍ଷଣ ହାର କମ୍ ପାଇବା ଦ୍ୱାରା ଗତବର୍ଷ ପ୍ରାୟ ୪୦୦ ଏମ୍‌ବିବିଏସ ଆଡମିଶନ ଆସନ ହରାଇଛନ୍ତି। ବିଗତ ଦଶ ବର୍ଷରେ ପ୍ରାୟ ୨୦୦୦ରୁ ଅଧିକ ଆସନ ହରାଇଛନ୍ତି। ସେହିପରି ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନ ସମେତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ କେତେ ଆସନ ଏଯାଏ ହରାଉଛନ୍ତି ତାହାର ହିସାବ ହେବା ଉଚିତ। ଏପରି ଉଦାସୀନତାର ତର୍ଜମା ହେବା ଜରୁରୀ।

ରାଜ୍ୟରେ ଓବିସି/ଏସ୍‌ଇବିସିଙ୍କ ଅବସ୍ଥା ଆହୁରି ସଙ୍ଗିନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ ସଦୃଶ। ଓଡ଼ିଶାରେ ୨୦୨୩ ସର୍ଭେ ଅନୁଯାୟୀ ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡା ୩୯.୩୧ ଭାଗ, କିନ୍ତୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ ଏ ସୁବିଧା ରାଜ୍ୟ ସରକାର ଦେଇ ନଥିଲେ। ମଣ୍ଡଳ କମିଶନଙ୍କ ସୁପାରିସ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରି ଓ ଶିକ୍ଷା କ୍ଷେତ୍ରରେ ପାଇବା କଥା, ତାହା ଦେବା ପାଇଁ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇନାହାନ୍ତି। ରାଜ୍ୟରେ ଚାକିରି କ୍ଷେତ୍ରରେ ଏମାନଙ୍କୁ ୨୭% ସଂରକ୍ଷଣ ସୁବିଧା ନ ଦେଇ ମାତ୍ର ୧୧.୨୫% ସଂରକ୍ଷଣ ଦେବା ଯୋଗୁ ବିଗତ ୧୫ ବର୍ଷରେ ଅଦ୍ୟାବଧି ଏମାନେ ପ୍ରାୟ ପାଞ୍ଚ ଲକ୍ଷ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଂରକ୍ଷଣ ୨୦୦୫ରୁ ଲାଗୁ ହୋଇଛି। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିବା ଯୋଗୁ ଏମାନେ ଅଦ୍ୟାବଧି ପ୍ରାୟ ଚାରି ହଜାର ଏମ୍‌ବିବିଏସ୍ ଆସନ ହରାଇଲେଣି। ଗତବର୍ଷ ଏ କ୍ଷେତ୍ରରେ ପ୍ରାୟ ୭୦୦ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ କେତେ ଆସନ ହରାଇଛନ୍ତି ତାହାର ହିସାବ ଜରୁରୀ।

ରାଜ୍ୟରେ ଭାଜପା ସରକାର ଗଠିତ ହେବା ପରେ ଏ ଦିଗରେ ଆଶାର ସଞ୍ଚାର ହୋଇଛି। ସମ୍ବିଧାନସମ୍ମତ ଭାବେ ଏହି ବର୍ଗର ଲୋକମାନଙ୍କୁ ବର୍ଦ୍ଧିତ ସଂରକ୍ଷଣ ସୁବିଧା ଦେବା ଦିଗରେ ପଦକ୍ଷେପ ନେଉଛନ୍ତି। ପୂର୍ବରୁ ସେ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନ ପାଇଁ ଅନୁସୂଚିତ ଜାତି ଓ ଜନଜାତିର ସଂରକ୍ଷଣ ହାରକୁ ୨୦%ରୁ ବଢ଼ାଇ ୩୮.୭୫% କରିଛନ୍ତି ଏବଂ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ହାର ୧୧.୨୫% କରିଛନ୍ତି।



ପୂର୍ବରୁ ଏସ୍‌ଇବିସିଙ୍କ ପାଇଁ ସାଧାରଣ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ନଥିଲା। ସରକାରଙ୍କ ଏ ପ୍ରକାର ପଦକ୍ଷେପ ସ୍ୱାଗତଯୋଗ୍ୟ। ତେବେ ଏ ପ୍ରକାର ପରିବର୍ଦ୍ଧିତ ସଂରକ୍ଷଣ ଯଥେଷ୍ଟ ନୁହେଁ ବୋଲି ସାମାଜିକ ନ୍ୟାୟ ସମର୍ଥିତ ବିଭିନ୍ନ ସଂଗଠନ ଓ ସଂଗଠକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପ୍ରକାର ବର୍ଦ୍ଧିତ ସଂରକ୍ଷଣ ସୁବିଧା ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ ପ୍ରଦାନ ପାଇଁ ଦାବିକରି ଆସିଛନ୍ତି।

ନିକଟରେ ଜାତୀୟ 'ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା' ବିଭାଗର ଯୋଜନା ପ୍ରଣୟନ କମିଟି ବୈଠକରେ ସର୍ବସମ୍ମତିଭାବେ ସୁପାରିସ ହୋଇଛି ସମସ୍ତ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ହାର ବୃଦ୍ଧି ପାଇଁ। ଅର୍ଥାତ ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ ବର୍ଦ୍ଧିତ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ। ସୁପାରିସ ଅନୁଯାୟୀ ଅନୁସୂଚିତ ଜାତିଗୁଡ଼ିକ ସଂରକ୍ଷଣ ୮% ରୁ ବଢ଼ି ୧୬.୨୫% ହେବ ଓ ଅନୁସୂଚିତ ଜନଜାତିଗୁଡ଼ିକ ପାଇଁ ୧୨%ରୁ ବଢ଼ି ୨୨.୫% ହେବ, ମୋଟ ୩୮.୭୫% ହେବ। ସେହିପରି ଏସ୍‌ଇବିସିମାନେ ମଧ୍ୟ ଏହି ଅନୁଷ୍ଠାନଗୁଡ଼ିକରେ ୧୧.୨୫% ସଂରକ୍ଷଣ ସୁବିଧା ପାଇବେ। ବିଭିନ୍ନ ସୂତ୍ରରୁ ଯାହା ଜଣାପଡୁଛି ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷା ବର୍ଷରୁ ଏହାକୁ କର୍ଯ୍ୟକାରୀ କରିବା ପାଇଁ ମନସ୍ଥ କରିଛନ୍ତି। ଏ ବାବଦକୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବାକି ରହିଛି। ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏ ପଦକ୍ଷେପ ଯୋଗୁ କୋଟି କୋଟି ଦଳିତ ଓ ଆଦିବାସୀ ଉପକୃତ ହେବେ। ଏସଇବିସି ମଧ୍ୟ ଲାଭ ପାଇବେ।

ଅନ୍ୟ ଏକ ପଦକ୍ଷେପ ରାଜ୍ୟ ସରକାରଙ୍କ ନେତୃତ୍ୱକୁ ଆହୁରି ମଜଭୁତ କରିବ, ତାହା ହେଉଛି ରାଜ୍ୟରେ ଓବିସିଙ୍କ ସଂରକ୍ଷଣକୁ ୧୧.୨୫%ରୁ ମଣ୍ଡଳ କମିଶନ ସୁପାରିସ ମୁତାବକ ୨୭%କୁ ବୃଦ୍ଧି କରିବା। ଏ ବାବଦକୁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। ଓଡ଼ିଶାର ସ୍ୱତନ୍ତ୍ର ସାମାଜିକ ସ୍ଥିତି ଅନୁଯାୟୀ ଏ ବିଷୟ ସମ୍ବନ୍ଧିତ ଏକ ବିଧେୟକ ଓଡ଼ିଶା ବିଧାନସଭାରେ ପାରିତ କରି ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ସହିତ ପୂର୍ବ ସରକାର ଅମଳରେ ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଓବିସି ସମ୍ବନ୍ଧୀୟ କେସ୍‌ର ଆନ୍ତରିକତାର ସହିତ ପରିଚାଳନା ଜରୁରୀ।

**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜିଟାଲ ପେମେଣ୍ଟରେ ଦାନ ଦିଆଯାଉ

ମହାଶୟ,

ଡିଜିଟାଲ ଦ୍ୱାରା ଅର୍ଥ ଦେଣନେଣରେ ଭାରତ ବିଶ୍ୱରେ ଆଗକୁ ବଢ଼ିବାରେ ଲାଗିଛି। ଏବେ ଆମ ଦେଶ ବିକାଶ ହେବା ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଏହି ମାଧ୍ୟମ ହିଁ ଟନିକ୍ ଭଳି କାମ କରୁଛି। ଆଜିର ଦିନରେ ଅନେକ ବୁଲାବିକାଳି ଓ ଗାଁ ଗାଁ ବୁଲି ଲୁହାଲକଡ଼ି କିଣୁଥିବା କବାଡ଼ିଆ ମଧ୍ୟ ଫୋନ୍ ପେ' ବ୍ୟବହାର କଲେଣି। ଛୋଟରୁ ଅତି ଛୋଟ ଦୋକାନୀ ଫୋନ୍ ପେ' ବ୍ୟବହାର କରୁଥିବା ବେଳେ ଆମିଷ ହାତରେ ମାଛ ମାଂସ ବିକ୍ରେତା କାରବାର କରୁଥିବା ନଗଦ ଟଙ୍କାପଇସାର ପବିତ୍ରତା ନଷ୍ଟ ହେଉଛି। ଏ ହାତରୁ ସେ ହାତ ହୋଇ ଅପବିତ୍ର ରାଶି ମନ୍ଦିର ପୂଜକଙ୍କ ଅଣ୍ଟାକୁ ଯିବା ସହିତ ମନ୍ଦିର ଦାନବାକ୍ସରେ ମଧ୍ୟ ପଡୁଛି। ଏଭଳି ସ୍ଥିତିରେ ଏବେ ଡିଜିଟାଲ ଯୁଗରେ ମାଛ ମାଂସ କିଣାବିକା ବେଳେ ଦୋକାନୀ ଓ ଗରାଖ କେବଳ ଫୋନ୍ ପେ' ବ୍ୟବହାର କରିବା ଦରକାର। ଏଭଳି ନିୟମ ପାଳନ ପାଇଁ ସରକାରୀ ଆଦେଶ ଆସିବା ଦରକାର।

**-ମନୋରଞ୍ଜନ ପାତ୍ର, ଶୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିର୍ମଳ ଯୋଜନାର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା

ଯାଜପୁର,୨୫।୨(ହର୍ଷବର୍ଦ୍ଧନ ବେହେରା)

**ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ**

■ କଟକର ଏକ ଠିକା ସଂସ୍ଥାକୁ ଅନୁକମ୍ପା

ଯାଜପୁର ଜିଲାରେ ନିର୍ମଳ ଯୋଜନା ଅଧୀନରେ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। କର୍ତ୍ତୃପକ୍ଷଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏବଂ କେତେଗୋଟି ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ ପାଇଁ ଏଠାରେ ସମସ୍ତ ନିୟମକୁ ଜଳାଞ୍ଜଳି ଦିଆଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ଏକ ଟେଣ୍ଡର (ସଂଖ୍ୟା-୭୯୯) ୨୦୨୫ ଫେବୃଆରୀ ୨୫ରେ ବିଜ୍ଞାପନ ମାଧ୍ୟମରେ ଆହ୍ୱାନ କରାଯାଇଥିଲା। ଯେଉଁଥିରେ ଅନେକ ବିଡର ଟେଣ୍ଡର ପକାଇଥିଲେ ମଧ୍ୟ ଉକ୍ତ ଟେଣ୍ଡରକୁ ଆଉ ଖୋଲା ନ ଯାଇ ଝୁଲାଇ ରଖାଯାଇଥିଲା। ଏଥିରେ କୌଣସି କାରଣ ନ ଥାଇ ସିଡିଏମ୍‌ଓ ନିଜ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୫୦୫୨ ମାଧ୍ୟମରେ ୨୦୨୫ ଅକ୍ଟୋବର ୧୫ରେ ନାକଚ କରି ଦେଇଥିଲେ। ପରେ ସେହିଦିନର ପତ୍ର ସଂଖ୍ୟା-୫୦୫୩ ମାଧ୍ୟମରେ ନିର୍ମଳ ଯୋଜନା ଅଧୀନରେ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ପୁନଃ ଟେଣ୍ଡର ନିମନ୍ତେ ଏକ ବିଜ୍ଞାପନ ପ୍ରକାଶ କରିବା ଲାଗି ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ପତ୍ର ପଠାଇଥିଲେ। ମାତ୍ର ସେହି ସମୟରେ ନୂଆପଡ଼ା ଉପ-ନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ବିଭାଗ ପକ୍ଷରୁ ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେବା ପାଇଁ ଟିପ୍ପଣୀ ଦେଇ ଅକ୍ଟୋବର ୧୬ ତାରିଖରେ ଫେରାଇ ଦିଆଯାଇଥିଲା। କିନ୍ତୁ ଜିଲା କର୍ତ୍ତୃପକ୍ଷ ଆଉ କୌଣସି ଅନୁମତି ନ ନେଇ କିମ୍ବା ପୁନଃ ବିଜ୍ଞାପନ ନ ଦେଇ ଚଞ୍ଚକତା କରି ଟେଣ୍ଡର ପ୍ରକ୍ରିୟାକୁ ଗୁପ୍ତ ଭାବେ ଆଗକୁ ବଢ଼ାଇଥିଲେ। ଫଳରେ ରାଜ୍ୟର ଅନେକ ଅଭିଜ୍ଞ ସଂସ୍ଥା ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରି ନ ଥିଲେ। ଅନ୍ୟପକ୍ଷେ ଏହି ଟେଣ୍ଡର ପ୍ରକ୍ରିୟାରେ ୨୨ ଜଣ ବିଡର୍ ଭାଗ ନେବା ପାଇଁ ଆବେଦନ କରିଥିବାବେଳେ ଜିଲା କର୍ତ୍ତୃପକ୍ଷ ବିନା କାରଣରେ ସେଥିରୁ ୨ ଆବେଦନକୁ ବାଦ ଦେଇ ବାକି ୨୦ଟି ପ୍ରସ୍ତାବକୁ ଗ୍ରହଣ କରି ତାହା ଉପରେ କାର୍ଯ୍ୟ କରିଥିଲେ ବୋଲି ଅଭିଯୋଗ ଆସିଛି। କାରଣ ସରକାରୀ ପଞ୍ଜିକାରେ ଯେତେବେଳେ ୨୨ଟି ସଂସ୍ଥାର ଆବେଦନ ଦାଖଲ ହୋଇଛି ବୋଲି ଉଲ୍ଲେଖ ରହିଛି ସେଥିରୁ ଟେଣ୍ଡରର ସମସ୍ତ ଯୋଗ୍ୟତା ରଖୁଥିବା ସେହି ୨ଟି ଆବେଦନ ପତ୍ରକୁ କାହିଁକି ଏବଂ କେଉଁ ପରିସ୍ଥିତିରେ ଗ୍ରହଣ କରାଗଲା ନାହିଁ, ସେ ନେଇ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପାଖରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ହିଁ ନାହିଁ ବୋଲି ଚର୍ଚ୍ଚା ହେଉଛି।

ବିଶ୍ୱସ୍ତସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଏ ନେଇ ଯାଜପୁର ସର୍କିଟ ହାଉସରେ ଏକ ଗୁପ୍ତ ବୈଠକ ମାଧ୍ୟମରେ କଟକର ଏକ ନିର୍ଦ୍ଦିଷ୍ଟ ସଂସ୍ଥା ସହ ଗୁପ୍ତ ବୁଝାମଣା ହୋଇଥିଲା। ଯେଉଁ ସଂସ୍ଥାଟି ବର୍ତ୍ତମାନ ପୁରୀ ଜିଲାରେ କାର୍ଯ୍ୟ କରୁଥିବାବେଳେ ପୂର୍ବରୁ ମଧ୍ୟ ଅଯୋଗ୍ୟ ଘୋଷିତ ହୋଇଥିଲା ତାହାର ମାଲିକଙ୍କ ସହ ଅଣ୍ଡର-ଟେବୁଲ ଡିଲ ଯୋଗୁ ଅନେକ ଅଭିଜ୍ଞ ଓ ସ୍ୱଚ୍ଛ ସଂସ୍ଥାକୁ ସାମାନ୍ୟ କାରଣ ଦର୍ଶାଇ ବାଦ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଜଣେ ବ୍ୟକ୍ତି ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମଧ୍ୟସ୍ଥ ସାଜିଥିବା ମଧ୍ୟ କୁହାଯାଉଛି। ତାହା ହୋଇ ନ ଥିଲେ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଦୃଷ୍ଟିରୁ ସାଧାରଣତଃ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ କିମ୍ବା ସେମାନଙ୍କ କାଗଜପତ୍ର ଯାଞ୍ଚ ପରେ ହିଁ କାହାକୁ ଯୋଗ୍ୟ ଅଯୋଗ୍ୟ ଘୋଷଣା କରାଯାଏ। ମାତ୍ର ଏଠାରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ସେହି ୨ଟି ସଂସ୍ଥାକୁ ବାଦ ଦେବା ଜିଲା କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଯାଜପୁର ଜିଲାପାଳ ଏହି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଏହାର ତଦନ୍ତ ପୂର୍ବକ ଏଭଳି ଅନିୟମିତତା ଟେଣ୍ଡରକୁ ବାତିଲ କରି ପୁନଃଟେଣ୍ଡର କରିବାକୁ ଦାବି ହୋଇଛି। ତାହା ନ ହେଲେ ପ୍ରଶାସନର ଏଭଳି ଏକଚାଟିଆ କାର୍ଯ୍ୟ ଯୋଗୁ ବଞ୍ଚିତ ହୋଇଥିବା ଉକ୍ତ ୨ ସଂସ୍ଥା ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ତେବେ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗର ଏହି ଭିତିରି କଥା ପଦାକୁ ଆସିବା ପରେ ଏହା ବିଭିନ୍ନ ମହଲରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍‌ଓ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରେ ନିର୍ମଳ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ। ଆଇନ ଅନୁସାରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।




# ବୁଣାକାରଙ୍କ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଦାବିପତ୍ର



ମହାସଂଘର ସଦସ୍ୟ ରାଜ୍ୟପାଳଙ୍କ ଭେଟୁଛନ୍ତି।

**ମାର୍ଚ୍ଚରେ ହେବ ବୁଣାକାର ମହାସଂଘ ବାର୍ଷିକ ଉତ୍ସବ**

ରସୁଲପୁର,୨୫।୨(ରଞ୍ଜିତ ରାଉତ)

ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ଆସନ୍ତା ମାର୍ଚ୍ଚ ୨୦ରୁ ୨୫ ଭିତରେ ବାର୍ଷିକୋତ୍ସବ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜନ କରାଯିବ। ଉକ୍ତ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କୁମ୍ଭମପାଟିଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ଏଥି ସକାଶେ ମହାସଂଘର ସଭାପତି ଶ୍ରୀଧର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ କୁମ୍ଭମପାଟିଙ୍କୁ ଲୋକଭବନରେ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି। ପ୍ରତିନିଧି ମଣ୍ଡଳୀ ସହ ମହାସଂଘର କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ମେହେର, ଉପସଭାପତି କିଶୋର ଚନ୍ଦ୍ର ଦାସ, ଉପଦେଷ୍ଟା ଡ. ପ୍ରଭାସ କୁମାର ସିଂ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳ ମହାସଂଘର ନିମନ୍ତ୍ରଣକୁ ସାଦରରେ ଗ୍ରହଣ କରିବା ସହ ଉତ୍ସବରେ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଥିବା ଜଣାଯାଇଛି। ଏହାଛଡ଼ା ପ୍ରତିନିଧି ମଣ୍ଡଳୀ ଦ୍ୱାରା ସଂଘ ପକ୍ଷରୁ ବୁଣାକାରମାନଙ୍କ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇ ଆଲୋଚନା କରାଯାଇଥିଲା। ବୁଣାକାରମାନଙ୍କର କାଳନୈପୁଣ୍ୟତା ଜଣେ କଳାକାରଠାରୁ କୌଣସି ଗୁଣରେ କମ୍ ନୁହଁ। ସେହି ଆଧାରରେ କଳାକାର ଭତ୍ତା ରାଶି ୩ ହଜାର ଟଙ୍କା ଆଧାରେ ବୁଣାକାରମାନଙ୍କୁ ଭତ୍ତା ପ୍ରଦାନ, ବୁଣାବୁଣିରେ ବ୍ୟବହୃତ ବିଦ୍ୟୁତ ମାଗଣାରେ ଯୋଗାଇ ଦେବା, ଭୂମିହୀନ/କର୍ମଶାଳା ନିର୍ମାଣ କରିବାକୁ ଘରଡିହ ନ ଥିବା ବୁଣାକାର ପରିବାରକୁ ସରକାରୀ ଜମି ଯୋଗାଇ ଦେବା, ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି କର୍ମଶାଳା ନିର୍ମାଣ କରିଛନ୍ତି ସେମାନଙ୍କୁ ବନ୍ଦୋବସ୍ତ ଜରିଆରେ ପଟ୍ଟା ପ୍ରଦାନ, ବୁଣାକାରମାନଙ୍କୁ ପ୍ରଦାନ କରାଯାଉଥିବା ମଜୁରିରେ ୪୦ ଶତକଡା ସରକାରୀ ପ୍ରୋତ୍ସାହନ, ବୁଣାକାରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରାଜ୍ୟର ବୁଣାକାର ବହୁଳ ସ୍ଥାନରେ ଇଏସ୍‌ଆଇ ଡାକ୍ତରଖାନା ସ୍ଥାପନ, ହସ୍ତତନ୍ତ ବସ୍ତ୍ରକୁ ଜିଏସ୍‌ଟି ମୁକ୍ତ କରିବା, ସୁବିଧାରେ କଞ୍ଚାମାଲ ଆଦି ପ୍ରଦାନ କରାଯିବାକୁ ନେଇ ଦାବି ଉପସ୍ଥାପନ କରି ରାଜ୍ୟପାଳ କମ୍ଭମପାଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ କମ୍ଭମପାଟିଙ୍କ ପକ୍ଷରୁ ସଂଘର ଦାବିକୁ ସହୃଦୟତାର ସହ ଗ୍ରହଣ କରାଯାଇଥିବାରୁ ସଂଘ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଧ୍ୱଜା ସ୍ଥାପନ, ବିଭିନ୍ନ ଗ୍ରାମଦେବତୀଙ୍କୁ ଭେଟିଲେ ମା’

**ମା’ ବୁଢ଼ୀ ଭାଲୁସୁଣୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ**

ରସୁଲପୁର,୨୫।୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବିଲିପଡା ଗ୍ରାମରେ ଗ୍ରାମଦେବତୀ ମା’ ବୁଢ଼ୀ ଭାଲୁସୁଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବୁଧବାର ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଯାଜ୍ଞିକ ପଣ୍ଡିତମାନଙ୍କ ଦ୍ୱାରା ମନ୍ଦିରର ଧ୍ୱଜା ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ବହୁ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ମନ୍ଦିର ସ୍ଥଳ ଫାଟି ପଡୁଛି। ଏହାଛଡା ମା’ଙ୍କ ବିଗ୍ରହ ପ୍ରତିଷ୍ଠା ପୂର୍ବକ ମା’ ବୁଢ଼ୀ ଭାଲୁସୁଣୀ ବିଭିନ୍ନ ଗ୍ରାମର ଗ୍ରାମଦେବତୀ ପୀଠକୁ ଯାତ୍ରା କରିଥିଲେ। ଭୋଟକା ଗାଁର ମା’ ମଙ୍ଗଳା, ବାହାରଦେବୀ, ସେରପୁର ଓ ସାନରମ୍ଭେଇ ଗ୍ରାମର ମା’ ଥାନପତି, ଇଚ୍ଛାପୁର ଗ୍ରାମର ମା’ ବାସୁଳେଇ, ଅରଡା ଗ୍ରାମର ମା’ କେତୀ ଠାକୁରାଣୀ ଭଳି ଆଖପାଖ ଗ୍ରାମରେ ପୂଜା ପାଉଥିବା ଗ୍ରାମଦେବୀଙ୍କ ପୀଠରେ ମା’ଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ପାଲିଙ୍କରେ ପଟୁଆର ସହ ବିଜେ ହୋଇଥିଲେ। ସେଠାରେ ମା’ଙ୍କ ଚଳନ୍ତି ପ୍ରତିମାକୁ ପାରମ୍ପାରିକ ରୀତିନୀତି ସହ ପୂଜାର୍ଚ୍ଚନା କରାଯାଇ ଭଉଣୀଙ୍କ ମଧ୍ୟରେ ଭେଟଘାଟ କରାଯାଇଥିଲା। ମା’ଙ୍କ ଆଗମନକୁ ନେଇ ବିଭିନ୍ନ ଗାଁ ଉତ୍ସବ ମୁଖର ହୋଇଉଠିଥିଲା। ପ୍ରାତଃରୁ ଗ୍ରାମଦେବତୀ ପୀଠରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହାଛଡା ପୀଠରେ ପାରମ୍ପରିକ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିସହ ଯଜ୍ଞସ୍ଥଳରେ ବେଦପାଠ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ-ପୂଜା, ଶାଳାପୂଜା, ପ୍ରସାଦ ସ୍ନାନ, କଳସ ଚକ୍ର ସ୍ଥାପନ, ମା’ ଭାଲୁସୁଣୀଙ୍କ ମହାସ୍ନାନ, ଶୟନ ଆଦି ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଆୟୋଜିତ ସମସ୍ତ ଯଜ୍ଞ କାର୍ଯ୍ୟକୁ ବିଲିପଡା, ସରିଫାବାଦ, ବାହାଦଲାପୁର ଗ୍ରାମର ଜନସାଧାରଣ ପରିଚାଳନା କରୁଛନ୍ତି।

# ସମ୍ବାଦପତ୍ର ଜଡ଼ବସ୍ତୁ ନୁହେଁ ଜୀବନ୍ତ ସତ୍ତା: ମନ୍ତ୍ରୀ



ସମାରୋହରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଅନ୍ୟ ଅତିଥି।

ଯାଜପୁରରୋଡ଼, ୨୫।୨(ପବିତ୍ର ରଞ୍ଜନ ମହାନ୍ତି):

**କଳିଙ୍ଗନଗର ବୁଲେଟିନ୍‌ର ସ୍ୱନକ୍ଷତ୍ର ସମାରୋହ**

ସମ୍ବାଦପତ୍ର ଜଡବସ୍ତୁ ନୁହେଁ ଜୀବନ୍ତ ସତ୍ତା ବୋଲି ବ୍ୟାସନଗର ସହରରୁ ପ୍ରକାଶ ପାଉଥିବା ମାସିକ ସମ୍ବାଦପତ୍ର କଳିଙ୍ଗନଗର ବୁଲେଟିନର ୧୪ତମ ସ୍ୱନକ୍ଷତ୍ର ସମାରୋହକୁ ବୁଧବାର ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ କରି ଏଭଳି ମତବ୍ୟକ୍ତ କରିଛନ୍ତି। ଡିଜିଟାଲ ଯୁଗରେ ମୁଦ୍ରିତ ସମ୍ବାଦପତ୍ରର ଚାହିଦା କମିଯାଇଥାଇପାରେ କିନ୍ତୁ ଡିଜିଟାଲ ମିଡିଆ କେବେ ହେଲେ ସମ୍ବାଦପତ୍ରର ସ୍ଥାନ ନେଇପାରିବନାହିଁ। ସମ୍ବାଦପତ୍ର ପ୍ରତି ଯେଉଁ ରୁଚି ପାଠକଙ୍କ ରହିଛି, ସେ ସ୍ଥାନ କେବେ ହେଲେ ଡିଜିଟାଲ ମିଡିଆ ପୂରଣ କରିପାରିବ ନାହିଁ। ଏହା ସତ୍ୟ ମୁଦ୍ରିତ ସମ୍ବାଦପତ୍ର ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। କିନ୍ତୁ ସତ୍ୟ ଏବଂ ପ୍ରକୃତ ଖବର ପରିବେଷଣ ମାଧ୍ୟମ ପାଲଟିଛି। ବୁଲେଟିନ ସମ୍ପାଦକ ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାରୋହର ଉଦ୍‌ଘାଟକ ମନ୍ତ୍ରୀ ବଳସାମନ୍ତ ସମ୍ବାଦ ପତ୍ର ଜଡ଼ ବସ୍ତୁ ନୁହଁ ଏକ ଜୀବନ ସତ୍ତା। ଯେଉଁ ଖବରଦାତା ସମ୍ବାଦପତ୍ରରେ କାର୍ଯ୍ୟ କରୁଛନ୍ତି ସେମାନେ ଧନ୍ୟବାଦର ପାତ୍ର। ବରିଷ୍ଠ ଖବରଦାତା ସନ୍ଦୀପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗ୍ରାମାଞ୍ଚଳ ଖବରଦାତା ପ୍ରକୃତ ଖବରଦାତା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ବୁଲେଟିନର ଦୀର୍ଘାୟୁ କାମନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ବ୍ୟାସନଗର ପୌରାଧକ୍ଷ ସୁବାସ ବଳ ଯୋଗଦେଇ କଳିଙ୍ଗନଗର ବୁଲେଟିନ ଆମ ଅଞ୍ଚଳର ଗର୍ବ ଓ ଗୌରବ ହୋଇପାରିଛି। ସହଯୋଗୀ ସମ୍ପାଦକ ଶରତ ପଥାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସହ ସମ୍ପାଦକ ରବିନାରାୟଣ କର ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ବାବୁରାମ ଜେନା, ଶ୍ରେଷ୍ଠ ଖବରଦାତା ଭାବେ ପବିତ୍ର ରଞ୍ଜନ ମହାନ୍ତି, ଚିକିତ୍ସା କ୍ଷେତ୍ରରେ ଡା. ପ୍ରମୋଦ ଶତପଥୀ, ଚାଟାର୍ଡ଼ ଆକାଉଣ୍ଟାଣ୍ଟ ମହାମାୟା ପ୍ରତାପ ସ୍ୱାଇଁ, ଶ୍ରମିକ ସାଥୀ ପ୍ରଣାକୃଷ୍ଣ ମହନ୍ତ, ଅଳଙ୍କରଣରେ ଗିରିଜା ଶଙ୍କର ବେହେରା, ସମାଜସେବା ପାଇଁ ରାଜେନ୍ଦ୍ର କୁମାର ବିଶ୍ୱାଳ, ନବ ଉତ୍କଳ ମହିଳା ସମିତିର ରୀନା ତ୍ରିପାଠୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କଳିଙ୍ଗନଗର ବୁଲେଟିନ ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ଚିକିତ୍ସକ ପ୍ରସନ୍ନ କୁମାର ସାହୁଙ୍କ ସମେତ, ଶିଳ୍ପ ପ୍ରତିନିଧି, ଶ୍ରମିକ ନେତା, ମହିଳା ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ମଦନ ପାଣି ଧନ୍ୟବାଦ ଦେଇଥିଲେ। ବ୍ୟଙ୍ଗକବି ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିଲେ।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତହସିଲଦାରଙ୍କ ଅବମାନନା ଅଭିଯୋଗ

**ଫାର୍ମ ହାଉସ୍‌ରେ ବୁଲ୍‌ଡୋଜର ବୁଲିବା ଘଟଣା**

ଧର୍ମଶାଳା,୨୫।୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମଧୁପୁରଗଡର ପନ୍ଥରିଠାରେ ଥିବା ପୂର୍ବତନ ବିଜେଡି ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଫାର୍ମ ହାଉସରେ ତହସିଲ ପକ୍ଷରୁ ମଙ୍ଗଳବାର ବୁଲଡୋଜର ବୁଲିଥିଲା। ଏହାକୁ ନେଇ ଧର୍ମଶାଳା ପୂର୍ବତନ ବିଧାୟକ ଗଣମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତହସିଲଦାର ଅବମାନନା କରିଥିବା ଅଭିଯୋଗ କରିଛନ୍ତି। ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ବଳବନ୍ତରାୟ ଅଭିଯୋଗ କରିଛନ୍ତି, ମଧୁପୁରଗଡ଼ ମୌଜାରେ ତାଙ୍କ ନାମରେ ୧୨ ଏକର ୮୮ ଡିସିମିଲ୍ ସ୍ଥିତିବାନ ରହିଛି। ଅଧିକ ଜମି ଜବରଦଖଲ ନେଇ ତହସିଲ ପକ୍ଷରୁ ନୋଟିସ୍ ହେବାରୁ ସେ ଜମି ମାପ କରି ଚିହ୍ନଟ କରିବାକୁ ତହସିଲରେ ଅର୍ଥ ଜମା କରିବା ସହ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ହାଇକୋର୍ଟ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନଂ.୯୯/୨୬।୧।୨୬ରେ ତାଙ୍କ ମାମଲା ରୁଜୁ କରି ମାପଚୁପ୍ କରିବାକୁ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲ ପକ୍ଷରୁ ଗତ ୧୭, ୧୮, ୧୯ ତାରିଖରେ ଜମି ମାପ କରାଗଲା। ମାପରୁ ଜଣାଗଲା, ୧୨ ଏକର ୮୮ ଡିସିମିଲ ଜମି ମଧ୍ୟରୁ ଫାର୍ମ ହାଉସ ପାଚେରି ବାହାରେ ୧ ଏକର ୨୭ ଡିସିମିଲ ଜମି ରହିଥିଲା ବେଳେ ଭିତରେ ୧ ଏକର ୧୦ ଡିସିମିଲ୍ ଜମି ରହିଛି। ପୂର୍ବତନ ବିଧାୟକ ବଳବନ୍ତରାୟ ଅଭିଯୋଗ କରିଛନ୍ତି, ତହସିଲ ପକ୍ଷରୁ ନ ଜଣାଇ ୨୪ ତାରିଖରେ ବୁଲ୍‌ଡୋଜର ଲଗାଇ ଭଙ୍ଗାଗଲା। ଉକ୍ତ ଜମିକୁ ୨୦୨୨ ମସିହାରେ ଜଣେ ଚାଷୀଙ୍କୁ ଛେଳି ଚାଷ କରିବାକୁ ଲିଜ୍ ଦେଇଥିଲି। ଛେଳି ପାଳନ ସହ ସେ ପାଚେରି ନିର୍ମାଣ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ବଦନାମ କରାଯାଇଥିବା ବେଳେ ହାଇକୋର୍ଟର ନିର୍ଦ୍ଦେଶକୁ ଅବମାନନା କରାଯାଇଛି ବୋଲି ସେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସମୀର ଦାଶଙ୍କୁ ପଚାରିବାରେ ଫାର୍ମ ହାଉସରେ ୧ଏକର ୧୦ଡିସିମିଲିସରକାରୀ ଜମି ମାପ ପରେ ଚିହ୍ନଟ ହୋଇଥିଲା। ତାହା ଆଇନ ଅନୁଯାୟୀ ଜବରଦଖଲକୁ ଉଚ୍ଛେଦ କରାଯାଇଛି ବୋଲି ସେ କହିଛନ୍ତି।

# ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଦଶରଥପୁର, ୨୫।୨ (ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକ ପାଲଟପୁର ଗ୍ରାମରେ ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ ଦିନ ବ୍ୟାପି ଅଙ୍କୁରରୋପଣ, କଳସ ଯାତ୍ରା, ଯଜ୍ଞ ସହ ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରିଗାଁସ୍ଥ ଜଗନ୍ନାଥ ମନ୍ଦିର ନରେନ୍ଦ୍ର ପୋଖରୀରୁ ୧୦୮ ମହିଳା କଳସ ଯାତ୍ରାରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ୩ ଦିନ ଗାଁରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅଞ୍ଚଳର ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ। ଜଗବନ୍ଧୁ ମଲ୍ଲିକ ତାଙ୍କ ସ୍ତ୍ରୀ ଶଶୀରେଖା ପୂଜାରେ ସଂକଳ୍ପ କରିଥିଲେ। ଗ୍ରାମର କୈଳାସ ମଲ୍ଲିକ, କାଳନ୍ଦି ମଲ୍ଲିକ, ସୁଦର୍ଶନ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଗିରିଧାରୀ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ହେମନ୍ତ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱପ୍ନେଶ୍ୱରଙ୍କ ନୂତନ ମନ୍ଦିର।

# ପୋଖରୀରୁ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ଦଶରଥପୁର,୨୫।୨(ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ମଙ୍ଗଳପୁର -କୟାଁ ରାସ୍ତା କଡରେ ଥିବା ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ବୁଧବାର ଅପରାହ୍ନରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମଙ୍ଗଳପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ୨ ଦିନ ପୂର୍ବରୁ ଦଶରଥପୁର ଥାନା ଅଧୀନ ତେନ୍ତୁଳିଡ଼ିହ ଗ୍ରାମରୁ ନାରାୟଣ ଚନ୍ଦ୍ର ବାରିକ (୮୦) ନିଖୋଜ ଥିଲେ। ତାଙ୍କ ପୁଅ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ବାପାଙ୍କ ମାନସିକସ୍ଥିତି ଭଲ ନାହିଁ କୁଆଡେ ପଳେଇଛନ୍ତି ବୋଲି ଏତଲାରେ ଦର୍ଶାଇଥିଲେ। ଏହି ଖବରପାଇ ନାରାୟଣଙ୍କ ପରିବାର ଲୋକ ପହଞ୍ଚି ମୃତଦେହ ନାରାୟଣଙ୍କର ବୋଲି ଚିହ୍ନଟ କରିଥିଲେ।

# ପ୍ରାକୃତିକ ସମ୍ପଦ ସୁରକ୍ଷା, ଲୋକ ଅଧିକାର ଯାତ୍ରାକୁ ସମ୍ବର୍ଦ୍ଧନା

କଳିଙ୍ଗନଗର, ୨୫।୨(ଶୁଭାଶିଷ ରାଉତ)

ପ୍ରାକୃତିକ ସମ୍ପଦର ସୁରକ୍ଷା, ଲୋକଙ୍କର ଜୀବନ ଜୀବିକା, ସାମାଜିକ ନ୍ୟାୟର ଦାବିକୁ ନେଇ ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ, ସେଣ୍ଟର ଫର କ୍ଲାଇମେଟ ଜଷ୍ଟିସ ପକ୍ଷରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ଲୋକ ଅଧିକାର ଯାତ୍ରାକୁ କଳିଙ୍ଗନଗର ବୀରଭୂମିରେ ବୁଧବାର ଭବ୍ୟ ସ୍ୱାଗତ କରାଯାଇଛି। ଏ ନେଇ ବୀରଭୂମିଠାରେ ପ୍ରଥମେ ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକଶକ୍ତି ଅଭିଯାନର ଆବାହକ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ତଥା ଗନ୍ଧମାର୍ଦ୍ଦନ ସୁରକ୍ଷା ସମିତିର ଲିଙ୍ଗରାଜ ପ୍ରଧାନ, ମିଥ୍ୟା ମକଦ୍ଦମା ବିରୋଧୀ ମଞ୍ଚ ଓଡିଶାର ନରେନ୍ଦ୍ର ମହାନ୍ତି, ନିୟମଗିରି ସୁରକ୍ଷା ସମିତିର ରାଜକିଶର ସୁନାନୀ, କଲ୍ୟାଣ ଆନନ୍ଦଙ୍କ ସହ ବିଶିଷ୍ଟ ଗାନ୍ଧୀ ସ୍ମାରକୀ ନିଧିର ଡ. ବିଶ୍ୱଜିତ ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଟି ରାଜନୈତିକ ଦଳ ସରକାର ଏବଂ ଲୋକଙ୍କୁ ସଚେତନ କରିବା ପାଇଁ ଲୋକ ଅଧିକାର ଯାତ୍ରାର ଶୁଭାରମ୍ଭ ହୋଇଥିବା ସମ୍ପର୍କରେ ସାମନ୍ତରା କହିଛନ୍ତି। କଳିଙ୍ଗନଗର ଇତିହାସ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିଲା। ଏ ମାଟି ପାଇଁ ଲୋକଙ୍କ ଅଧିକାର ପାଇଁ ରାଷ୍ଟ୍ରନୀତିରେ ଦମନ ମୂଳକ ନୀତି ଭାରତ ବର୍ଷରେ ଏଭଳି ଘଟଣା ଓଡ଼ିଶା ସହ ଦେଶରେ ଜାରି ରହିଛି। ଏବେବି ସିଜିମାଳିଠାରୁ କେନ୍ଦୁଝର ପର୍ଯ୍ୟନ୍ତ ଲଢେଇ ଜାରି ରହିଛି। ବିଶେଷକରି ଏ କଳିଙ୍ଗନଗର ଭୂମି ଡାକରା ଦିଏ ଲଢେଇ କରି ବଞ୍ଚିବୁଏ। ଯେଉଁମାନେ ଜମିବାଡ଼ି ଦେଇଛନ୍ତି ସେମାନେ କିଡନୀ, କ୍ୟାନସର ରୋଗରେ ପୀଡିତ ହେଉଛନ୍ତି। ସେମାନଙ୍କପାଇଁ ମାଗଣା ସ୍ୱାସ୍ଥ୍ୟସେବା ମିଳିପାରିନାହିଁ। ଅପରାହ୍ନରେ ସିଭିଲ ସୋସାଇଟି ଯାଜପୁର, ଆଦିବାସୀ ସମାଜ, ଦଳିତ ଅଧିକାର ମଞ୍ଚ ଓ ଜିଲାର ଗଣ ସଙ୍ଗଠନ ସମୂହ ପକ୍ଷରୁ ବିଶ୍ୱନାଥ ପାତ୍ର, ଧନେଶ୍ୱର ଗୁଡ୍ଡୁ, ଡୁକୁର ସାମାଡ଼, ରାଜା କିସକୁ, ଧର୍ମପଦ ମଲ୍ଲିକ, ବିଜୟ ଦାସ, ଜଗନ୍ନାଥ ମଲ୍ଲିକ, ଦୁଷ୍ମନ୍ତ ଜେନା, ଚମ୍ପା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁଣ୍ଟ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇଜ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

**(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅବିଭାବକ ଭାବେ ତାଙ୍କର ପ୍ରତିନିଧୀତ୍ୱ କରୁଛନ୍ତି)**, ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ମା'ପ୍ରାଚେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନାଉଗାଁ,(ସୁଧା ବେହୁରା): ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା (ଗୋବରୀକୂଳ) ଗ୍ରାମର ଆରାଧ୍ୟା ଦେବୀ ମା'ପ୍ରାଚେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଯଜ୍ଞଶୁଭାଧିବାସ, ପଞ୍ଚଦୋଳ ମେଳଣ, ଅଷ୍ଟପ୍ରହର ନାମ ଯଜ୍ଞ ଆଦି କରାଯାଉଛି। ଆୟୋଜିତ କଳସ ଶୋଭାଯାତ୍ରାରେ ଗ୍ରାମର ୧୫୧ ଜଣ ମହିଳା ମନ୍ଦିର ପରିସରରୁ ଆସି ଯମୁନା ସ୍ନାନ ନିକଟରେ ଥିବା ଗୋବରୀ ନଦୀରୁ ପୂର୍ଣ୍ଣ କଳସ ନେଇ ମା'ଙ୍କ ପୀଠରେ ସ୍ଥାପନ କରିଥିଲେ। ଏଥିରେ କର୍ତ୍ତା ଭାବେ ଶରତ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ଜେନା, ସୁଜିତ୍ ପୁହାଣ, ସୁଦର୍ଶନ ପୁହାଣ, ଦିଲୀପ ଜେନା, ରାମଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରୁଛନ୍ତି।

# ଜିଲ୍ଲାରେ ୬.୨ କୋଟି ଟଙ୍କାର ସାଇବର ଠକେଇ

ଜଗତ୍‌ସିଂହପୁର, ୨୫।୨ (ପ୍ରମୋଦ କୁମାର ନାୟକ)



ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଉଛନ୍ତି। ଗିରଫ ଅଭିଯୁକ୍ତଙ୍କ ସମେତ ଜବତ ସାମଗ୍ରୀ।

- ପୋଲିସ ଜାଲରେ ସାଇବର ଠକେଇ ସିଣ୍ଡିକେଟ୍‌ର ମୁଖ୍ୟ ଅଭିଯୁକ୍ତ
- ବିଭିନ୍ନ ବ୍ୟାଙ୍କର ୧୨ ପାସ୍‌ବୁକ, ୨ ଏଟିଏମ୍ କାର୍ଡ, ୭ ପ୍ୟାକେଟ୍ ସିମ୍ ଜବତ

ସମ୍ପ୍ରତି ସାଇବର ଅପରାଧ ଚିନ୍ତାର କାରଣ ହେଲାଣି। ବିଭିନ୍ନ ମାଧ୍ୟମରେ ଏହି ସାଇବର ଠକମାନେ ଲୋକମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଏହାକୁ ରୋକିବା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଅପରେଶନ ସାଇବର କବଚ ଆରମ୍ଭ ହୋଇଛି। ଏହି ଆଧାରରେ ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। କିନ୍ତୁ ଆଶାଜନକ ସଫଳତା ମିଳିପାରି ନାହିଁ। କାରଣ ଜିଲାରେ ସାଇବର ଠକେଇ ସଂକ୍ରାନ୍ତୀୟ ୧୩ଟି ଆପରାଧିକ ମାମଲା ରୁଜୁ ହୋଇଥିବାବେଳେ ମାତ୍ର ଜଣଙ୍କୁ ଗିରଫ କରାଯିବା ସମ୍ଭବ ହୋଇପାରିଛି। କ୍ରାଇବବ୍ରାଞ୍ଚରୁ ଆସିଥିବା ତଥ୍ୟ ଅନୁଯାୟୀ ଉପରୋକ୍ତ ଅଭିଯୋଗ ଅନୁଯାୟୀ ଜିଲାରେ ୬.୨ କୋଟି ଟଙ୍କାର ସାଇବର ଠକେଇ ହୋଇଛି। ଆଗାମୀ ଦିନରେ ପରିସ୍ଥିତି ବିଗିଡ଼ିବାର ସମ୍ଭାବନା ରହିଛି। କିନ୍ତୁ ୨୫ ଜଣଙ୍କୁ ନୋଟିସ ସହ ୨୦ରୁ ଅଧିକ ମୁଲ (ଅନ୍ୟ ପାଇଁ ଚୋରି ଟଙ୍କା ରଖିବା) ବ୍ୟାଙ୍କ ଖାତା ଚିହ୍ନଟ ହେବା ପରେ କାର୍ଯ୍ୟାନୁଷ୍ଠାନ ନେଇ ଆଶା ସଞ୍ଚାର କରିଛି। ତେବେ କ୍ରାଇମ୍ ବ୍ରାଞ୍ଚ ଅପରାଧ ତଦନ୍ତ ବିଭାଗ (ସିଆଇଡି) ତଥ୍ୟ ଆଧାରରେ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶ ଓ ଜିଲା ସାଇବର ସେଲ୍ ସହାୟତାରେ ଯୋଜନାବଦ୍ଧ ସାଇବର ଠକେଇର ପର୍ଦ୍ଦାଫାସ ହୋଇଛି। ପୋଲିସ ଏହି ସିଣ୍ଡିକେଟ୍‌ର ମଧ୍ୟସ୍ଥ ତଥା ବିରିଡ଼ି ଥାନା ଅନ୍ତର୍ଗତ ବାରାହାପୁର ତଞ୍ଜଣା ଗ୍ରାମର ସେକ୍ ରୁଆବିଲ୍ ବକ୍ସ (୪୩)ଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏହା ଉପରେ ବିରିଡ଼ି ଥାନାରେ ମାମଲା (ନଂ.୪୬/୨୬) ରୁଜୁ ସହ ୫ଟି ୟୁକୋ ବ୍ୟାଙ୍କ ପାସବୁକ, ୩ ଇଣ୍ଡିଆନ ବ୍ୟାଙ୍କ ପାସବୁକ, ୩ କାନାଡା ବ୍ୟାଙ୍କ ପାସବୁକ, ୧ ଏସ୍‌ବିଆଇ ପାସବୁକ୍, ୨ ୟୁକୋ ବ୍ୟାଙ୍କ ଏଟିଏମ୍, ଫାଙ୍କା ୪ ପ୍ୟାକେଟ୍ ଏୟାରଟେଲ ୫ଜି ପ୍ଲସ ପ୍ରିପେଡ୍ ସିମ, ଫାଙ୍କା ୩ ପ୍ୟାକେଟ୍ ଭିଆଇ ପ୍ରିପେଡ୍ ୫ଜି ସିମ୍ ସମେତ ନଗଦ ୪୨,୧୦୦ ଟଙ୍କା ଜବତ ହୋଇଛି।

ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ଏହା କହିଛନ୍ତି। ସେ ଏକଥା କହିଥିଲେ, ବିରିଡି ଥାନା ଅଞ୍ଚଳରେ ଏକାଧିକ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସାଇବର ଠକମାନଙ୍କ ଦ୍ୱାରା ବ୍ୟବହୃତ ହେଉଛି। ଯାହାର ପ୍ରମାଣ ବିରିଡ଼ି ଥାନା ଅଞ୍ଚଳରୁ ମିଳିଥିଲା। ତଦନ୍ତରୁ ଜଣାଯାଇଥିଲା କି ହାଜିପୁରସ୍ଥିତ ୟୁକୋ ବ୍ୟାଙ୍କରେ ଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ସାଇବର ଠକମାନଙ୍କ ଦ୍ୱାରା ଅପବ୍ୟବହାର କରାଯାଉଥିଲା। ନିରିହ ଆକାଉଣ୍ଟ ହୋଲ୍ଡରଙ୍କୁ ମାସିକିଆ କିଛି ଟଙ୍କା ଦେଇ ଠକମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟର ଦୁରୁପଯୋଗ କରୁଥିଲେ। ବକ୍ସ ଏହି ସିଣ୍ଡିକେଟ୍‌ର ମଧ୍ୟସ୍ଥ ଥିବା ଜଣାପଡ଼ିଛି। ସେ ନିଜ ସହ କଳ୍ପନା ଭୋଇ, ପ୍ରମୋଦ ଭୋଇ, ସୀମା ଭୋଇ ଆଦିଙ୍କ ବ୍ୟାଙ୍କ ଆକାଉଣ୍ଟ ସିଣ୍ଡିକେଟ୍ ପାଇଁ ବ୍ୟବହାର କରୁଥିଲେ। ସେମାନଙ୍କ ଭଳି ଦେଶର ଅନେକ ଏଭଳି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର, ଉଠାଣ ହେଉଥିବା ପ୍ରମାଣ ମିଳିଛି। ତେଣୁ କେହି ନିଜର ବ୍ୟାଙ୍କ ଖାତା, ଏଟିଏମ୍ କାର୍ଡ ଏବଂ ଓଟିପି କାହାରିକୁ ନ ପଠାଇବା ପାଇଁ ଏସ୍‌ପି ଅପିଲ କରିଛନ୍ତି। ଏଥିସହ ସାଇବର ଠକେଇ ହେଲେ ତୁରନ୍ତ ସାଇବର ଫ୍ରଡ୍ ଟୋଲ ଫ୍ରି ସଂଖ୍ୟା ୧୯୩୦ କିମ୍ବା ଏନ୍‌ସିଆର୍‌ପି ପୋର୍ଟାଲରେ ଅଭିଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏସଡିପିଓ ଆଜିଙ୍କ୍ୟ ମାଣେ ଓ ବିରିଡ଼ି ଆଇଆଇସି ସୁଜାତା ବେହେରା ଉପସ୍ଥିତ ଥିଲେ।

# ଯୁକ୍ତ ୩ ପରୀକ୍ଷା ପ୍ରଶ୍ନପତ୍ର ଲିକ୍

ତିର୍ତ୍ତୋଲ, ୨୫।୨ (ଗୌରାଙ୍ଗ ଚରଣ ସାଇଁ)

## ଆଦିକବି ସାରଳା ଦାସ କଲେଜ

## ୨ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ କଲେଜରେ ବୁଧବାର ଯୁକ୍ତ ୩ ପ୍ରଥମ ବର୍ଷର ପରିବେଶ ବିଜ୍ଞାନ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଜଣାପଡ଼ିବା ପରେ କଲେଜ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଏହି ପ୍ରଶ୍ନପତ୍ର ବାତିଲ କରି ନୂତନ ପ୍ରଶ୍ନ ପତ୍ର ପ୍ରସ୍ତୁତ କରି ପରୀକ୍ଷା ଲାଗି ବ୍ୟବସ୍ଥା କରିଥିଲେ। ଅପରପକ୍ଷେ ପ୍ରଶ୍ନପତ୍ର ଲିକ୍ ଘଟଣାରେ ୨ଜଣଙ୍କୁ କଲେଜ କର୍ତ୍ତୃପକ୍ଷ କାରଣ ଦର୍ଶାଅ ନେଟିସ ଜାରି କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ନଳିନୀକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ହେଉଥିବା ଜଣାପଡିବା ପରେ ସେହି ପତ୍ରକୁ ବାତିଲ କରାଯାଇ ନୂତନ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ପରୀକ୍ଷା କରାଯାଇଛି। ଏହି ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଜଣେ କର୍ମଚାରୀ ଓ ଅଧାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପରବର୍ତ୍ତୀ ସମୟରେ ଯାହା ଆବଶକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି।

# ଗୋରେଖନାଥଙ୍କ ହୁଣ୍ଡିରୁ ୩୬ ଲକ୍ଷ ୭୭ ହଜାର ଟଙ୍କା ଆୟ



ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣାଚାଲିଛି।

ରଘୁନାଥପୁର,୨୫।୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ୫ଟି ହୁଣ୍ଡିରୁ ମୋଟ ୩୬ ଲକ୍ଷ ୭୭ ହଜାର ୨୨୦ ଟଙ୍କା ଆୟ ହୋଇଛି। ଗତ ସୋମବାରଠାରୁ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନ ତଥା ଦେବୋତ୍ତର ନିରୀକ୍ଷକ ପ୍ରଦୀପ୍ତ କୁମାର ସାହୁ ଓ ଶକ୍ତିପ୍ରସାଦ ନାୟକଙ୍କ ଉପସ୍ଥିତିରେ ସମସ୍ତ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାପାଳ କାର୍ଯ୍ୟାଳୟ, ରଘୁନାଥପୁର ତହସିଲ ଅଫିସ, ସେଚ୍ଛାସେବୀ ସଙ୍ଗଠନ ସମାଜ ବିକାଶ ମିଶନ ଓ ସୌଭାଗ୍ୟ ଜେନା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ଗଣତିରେ ନିୟୋଜିତ ଥିଲେ। ଏଥିସହ ଟ୍ରଷ୍ଟ କିରାଣି ସରୋଜ କୁମାର ସାହାଣୀ, ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତି, ସୁଶାନ୍ତ କୁମାର ଦାସ, ସୁରେନ୍ଦ୍ରନାଥ ସ୍ୱାଇଁ ଓ ବିଜୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ହୁଣ୍ଡିରୁ ଆୟ ସମସ୍ତ ଟଙ୍କାକୁ ପ୍ରଭୁଙ୍କ ନାମରେ ଥିବା ତିର୍ତ୍ତୋଲ ୟୁକୋ ବ୍ୟାଙ୍କରେ ଡିପୋଜିଟ କରାଯାଇଛି।

# ବାଲ୍ୟବିବାହରେ ଜଡ଼ିତ ରହିଲେ ୨ ବର୍ଷ କାରାଦଣ୍ଡ

ଜଗତ୍‌ସିଂହପୁର, ୨୫।୨ (ପ୍ରମୋଦ କୁମାର ନାୟକ)

୧୮ ବର୍ଷରୁ କମ୍ ବୟସର କନ୍ୟା ଓ ୨୧ରୁ କମ୍ ପୁତ୍ର ସନ୍ତାନଙ୍କୁ ବିବାହ କରାଇବା ଦଣ୍ଡନୀୟ ଅପରାଧ। ବାଲ୍ୟବିବାହ ନିଷେଧ ଆଇନ ୨୦୦୭ ଅନୁଯାୟୀ ବାଲ୍ୟ ବିବାହରେ ଜଡ଼ିତ ବ୍ୟକ୍ତିଙ୍କୁ ୨ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏହି ଆଇନ ସମସ୍ତ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଲାଗୁ। ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ତରଫରୁ ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଏହା କହିଛନ୍ତି। ଜାତୀୟ ଆଇନ ସେବା ପ୍ରାଧିକରଣର ଆଶା ଯୋଜନା ଅନୁଯାୟୀ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏହି ସଚେତନତା କାର୍ଯ୍ୟକ୍ରମରେ ସେ କହିଥିଲେ ବାଲ୍ୟ ବିବାହକୁ ରୋକିବା କ୍ଷେତ୍ରରେ ଶିକ୍ଷକ, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କ ପ୍ରମୁଖ ଭୂମିକା ରହିଛି। ଯେ କୌଣସି ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପ୍ରାଧିକରଣ ହେଲ୍ପଲାଇନ ନମ୍ବର ୧୫୧୦୦ରେ ଯୋଗାଯୋଗ କରିବାକୁ ସେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଯୋଗଦେଇ କହିଥିଲେ, ପ୍ରତ୍ୟେକ ବ୍ଲକରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ କ୍ଷମତା ଦିଆଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଜ ଅଞ୍ଚଳରେ ଘଟୁଥିବା ବାଲ୍ୟ ବିବାହ ସମ୍ପର୍କରେ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଉପଆରକ୍ଷୀ ଅଧୀକ୍ଷକ ସରୋଜିନୀ ସିଂହ କହିଥିଲେ, ବାଲ୍ୟ ବିବାହ ରୋକିବା ପାଇଁ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ କାମ କରିଥାନ୍ତି। ଅନ୍ୟତମ ବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ବାଲ୍ୟ ବିବାହ ନିଷେଧ କରିବାରେ ଗାଁ କଲ୍ୟାଣ ସମିତିର ଭୂମିକା ବିଷୟରେ ଆଲୋଚନା କରିଥିଲେ।

# ସିନ୍ ରିକ୍ରିଏଶନ କଲେ ଝାଡ଼ଖଣ୍ଡ ଯୁବକ

ପାରାଦୀପ,୨୫।୨(ଶରତ ରାଉତ)

## ୪ ମହଲାରୁ ପଡ଼ି ଯୁବତୀଙ୍କ ମୃତ୍ୟୁ ଘଟଣା

- ପୁରୁଷ ବନ୍ଧୁଙ୍କ ନାମରେ ମଧ ଅଭିଯୋଗ
- ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

ପାରାଦୀପ ତାରିଣୀଗଡ଼ାଠାରେ କୋଠା ଛାତରୁ ଖସି ଯୁବତୀଙ୍କ ମୃତ୍ୟୁ ଘଟଣାରେ ବୁଧବାର ପାରାଦୀପ ଆଦର୍ଶଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତାଙ୍କ ଘର ତିର୍ତ୍ତୋଲ ଅଞ୍ଚଳରେ ହୋଇଥିବାବେଳେ ପୋଲିସଠାରୁ ଖବରପାଇ ବୁଧବାର ଭାଇ ପାରାଦୀପ ଆଦର୍ଶଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପରେ ପୋଲିସ ନଂ.୫୪/୨୬ରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ଉକ୍ତ କୋଠାରେ ଭଡ଼ାରେ ରହୁଥିବା ୭ ଯୁବକଙ୍କମାନଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସେମାନଙ୍କ ସହ ରହୁଥିବା ଜଣେ ଝାଡ଼ଖଣ୍ଡ ଯୁବକ ମୃତା ଯୁବତୀଙ୍କୁ ବଳାତ୍କାର ପରେ କୋଠାର ଛାତରୁ ଠେଲି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପାରାଦୀପ ଆଦର୍ଶଥାନା ଅଧିକାରୀ କାବୁଲି ବାରିକ କୁହନ୍ତି। ଏଥିରେ ଜଣେ କିମ୍ବା ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ଝାଡ଼ଖଣ୍ଡ ଯୁବକଙ୍କୁ ନେଇ ପୋଲିସ ଘଟଣାସ୍ଥଳରେ ସିନ୍ ରିକ୍ରିଏଶନ୍ କରିଛି ବୋଲି ବାରିକ ସୂଚନା ଦେଇଛନ୍ତି।

ମୃତା ଯୁବତୀଙ୍କ ଭାଇ ଅଭିଯୋଗରେ ଦର୍ଶାଯାଇଛି ଯେ, ସମ୍ପୃକ୍ତା ଯୁବତୀ ଗତ ରବିବାର ଜଣେ ପୁରୁଷ ବନ୍ଧୁଙ୍କ ସହ ଶାରଳା ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ସନ୍ଧ୍ୟା ୮ଟା ବେଳେ ଭଉଣୀ ପରିବାର ଲୋକଙ୍କୁ ଶେଷ କଲ କରି ଘରକୁ ନେଇଯିବାକୁ କହିଥିଲେ। ମାତ୍ର ତା'ପରଠାରୁ ଭଉଣୀଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ଏନେଇ ରବିବାର ରାତିରେ ଅନେକ ଜାଗାରେ ଖୋଜାଖୋଜି କରାଯାଇଥିଲେ ମଧ ଭଉଣୀଙ୍କ ପତ୍ତା ମିଳି ନଥିଲା। ସୋମବାର ତିର୍ତ୍ତୋଲ ଥାନାରେ ସମ୍ପୃକ୍ତା ଯୁବତୀ ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳବାର ପାରାଦୀପ ଆଦର୍ଶଥାନା ତରଫରୁ ଭଉଣୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସୂଚନା ମିଳିବା ପରେ ଏହି ଘଟଣାରେ ପୁରୁଷ ବନ୍ଧୁଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି ବୋଲି ମୃତା ଯୁବତୀଙ୍କ ଭାଇ ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ତାରିଣୀଗଡାସ୍ଥିତ ବ୍ୟାଙ୍କ ପାଖ କଲୋନୀରେ ଶମ୍ଭୁ ଖୁଣ୍ଟିଆଙ୍କ ୪ ମହଲା କୋଠା ତଳେ ସୋମବାର ସକାଳେ ସମ୍ପୃକ୍ତ ଯୁବତୀଙ୍କ ଅର୍ଦ୍ଧନଗ୍ନ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ପହଞ୍ଚି ତଦନ୍ତ କରିବାରେ ଜଣାପଡିଥିଲା ଛାତରୁ ଖସି ଯୁବତୀଙ୍କ ମୃତ୍ୟୁ ଘଟିଛି। ଏହାପରେ ଉକ୍ତ ଘରର ଉପର ମହଲାରେ ରହୁଥିବା ୭ ଜଣ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ମୃତ ଯୁବତୀଙ୍କ ପରିଚୟ ମଳିଥିଲା। ପୋଲିସର ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଉକ୍ତ କୋଠାରେ ଯାଞ୍ଚ କରିବା ବେଳେ ଅଟକଙ୍କ ମଧ୍ୟରେ ଥିବା ଝାଡ଼ଖଣ୍ଡ ଯୁବକଙ୍କ ବିଛଣା ତଳୁ ଯୁବତୀଙ୍କ ଅନ୍ତଃବସ୍ତ୍ର, ପୋଷାକ, ଚପଲ ଆଦି ମିଳିଥିଲା। ସେହି ଘରର ରୋଷେଇଘର ତାଜା ଉପରୁ ଯୁବତୀଙ୍କ ମୋବାଇଲ ଠାବ କରାଯାଇଥିଲା। ସୁଇଚ ବନ୍ଦ ଥିବା ମୋବାଇଲ ଖୋଲିବା ପରେ ଯୁବତୀଙ୍କ ପରିଚୟ ମିଳିଥିଲା। ଝାଡ଼ଖଣ୍ଡର ଯୁବକ ରବିବାର ଅନୁଗୋଳ ଯାଇଥିବା ଜଣାପଡ଼ିଛି। କାରଣ ସେଠାରେ ତାଙ୍କର ସମ୍ପର୍କୀୟଙ୍କ ବାଇକ ଥିଲା। ସେହି ବାଇକ ଯୋଗେ ପାରାଦୀପ ଫେରୁଥିଲେ। ରବିବାର ସନ୍ଧ୍ୟାରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜୟପୁର ଛକରୁ ସମ୍ପୃକ୍ତା ଯୁବତୀ ଜଣଙ୍କ ଲିଫ୍ଟ ମାଗିଥିଲେ। ତାଙ୍କୁ ଝାଡ଼ଖଣ୍ଡର ଯୁବକ ବାଇକରେ ଆଣି ରାତି ୧୦ଟା ବେଳେ ଉକ୍ତ ଭଡ଼ାଘରକୁ ନେଇଥିଲେ। ଏହି ଦୃଶ୍ୟ ପଡ଼ୋଶୀ ଘରର ସିସିଟିଭିରେ କଏଦ୍ ହୋଇଥିଲା। ସକାଳ ୪ଟା ୧୫ରେ ସମ୍ପୃକ୍ତା ଯୁବତୀ କୋଠା ତଳକୁ ଖସି ପଡିଥିବା ଉକ୍ତ ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଏନେଇ ବିଭିନ୍ନ ଦିଗରୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବାରିକ କହିଛନ୍ତି।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ




ବୈଠକରେ ଯୋଗଦେଥିବା ଅତିଥିମାନେ।

କେନ୍ଦ୍ରାପଡା,୨୫।୨(ଜଗନ୍ନାଥ ଧଳ)

ଏନଏସଏସ ୟୁନିଟ ଓ ମାଇଁ ଭାରତ ପକ୍ଷରୁ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ପରିସରରେ କେନ୍ଦ୍ରାପଡା ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ମୋଟ ୧୫ ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଭାଗ ନେଇଥିଲେ। ଶିକ୍ଷାବିତ ଶିଶିରକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲାପାଳ ରଘୁରାମ ଆର ଆୟାର, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ମାଇଁ ଭାରତ ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଏନଏସ୍‌ଏସ୍ ଜିଲା ଅଧିକାରିଣୀ ଡ. ପଦ୍ମଜା କବି ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିକଶିତ ଭାରତ ଓ ଦୀର୍ଘ ୫୦ ବର୍ଷର ଗଣତନ୍ତ୍ର ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ, ଯୁବବର୍ଗ ଦେଶର ଭିବିଷ୍ୟତ। ସେମାନଙ୍କ ମନୋବଳ ସୁଦୃଢ଼ତାରେ ବିକଷିତ ଭାରତ ଗଠନ ହୋଇ ପାରିବ। ସମଗ୍ର ପୃଥିବୀର ବିଭିନ୍ନ ବିଭାଗରେ ଭାରତକୁ ଆଗରେ ରଖିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ଯୁବବର୍ଗ ସହାୟକ ହେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭା ଅଂଶୁଜା ପାଣି, ଅଭିଷେକ ପଣ୍ଡା, ରୋହନ ମହାନ୍ତି ଓ ତୁଳସୀ ମଲ୍ଲିକଙ୍କୁ ପୁରସ୍କୃତ କରିଥିଲେ। ଏଥି ସହିତ କୃତି ପ୍ରତିଭାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେବୋଲି କହିଥିଲେ। ଏହି ପ୍ରତିଭା ଅନ୍ୱେଷଣରେ ବିଚାରକ ଭାବେ ବିଶ୍ୱଜିତ ସାହୁ, ଡ. ମନୋରଞ୍ଜନ ରାଉତ, ସେକ୍ ହବିବ, ଡ. ତନ୍ମୟ ପ୍ରଧାନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ରୁକ୍ମଣୀ ସାହୁ, ସ୍ମିତା ମହାନ୍ତି, ଲକ୍ଷ୍ମୀକାନ୍ତ ଜେନାଙ୍କ ସହ ମହାବିଦ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ।

# ନିର୍ଦ୍ଧାରିତ ସମୟରେ ଗେଟ୍ ନ ଖୋଲିବାରୁ ହୋ ହଲ୍ଲା

ବାଲିକୁଦା, ୨୫।୨(ତାପସ ସ୍ୱାଇଁ)



ବିଦ୍ୟାଳୟ ଗେଟ୍‌ରେ ତାଲା ପଡ଼ିଥିବାରୁ ଅଭିଭାବକମାନେ ପାଟିତୁଣ୍ଡ କରୁଛନ୍ତି।

ନିର୍ଦ୍ଧାରିତ ସମୟ ସକାଳ ୧୦ଟାରେ ବିଦ୍ୟାଳୟ ଫାଟକରେ ତାଲା ଝୁଲୁଥିବାରୁ ଅଭିଭାବକମାନେ ହୋ ହଲ୍ଲା କରିଛନ୍ତି। ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଦୁଆଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ସମୟ ଅନୁସାରେ ବିଦ୍ୟାଳୟ ଖୋଲାଯାଇ ନ ଥିବାରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କୁ ବିଦ୍ୟାଳୟକୁ ଛାଡିବାକୁ ଆସିଥିବା ଅଭିଭାବକ, ଚାଳକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଖରାରେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଠିଆ ହୋଇଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳି ଜଣଙ୍କ କାହାକୁ କିଛି ନ ଜଣାଇ ଛୁଟି ନେଇଯାଇଥିବା ବେଳେ ଚାବି ମଧ କାହାରିକୁ ପ୍ରଦାନ କରି ନଥିଲେ। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଶିକ୍ଷକମାନେ ତାଙ୍କୁ ମୋବାଇଲ ଫୋନ ଯୋଗେ ଯୋଗାଯୋଗ କରିବାରେ ପ୍ରଧାନ ଶିକ୍ଷକଙ୍କୁ ଜଣାଇ ୩ ଦିନ ଛୁଟିରେ ଥିବା ରାତ୍ରି ଜଗୁଆଳି କହିଛନ୍ତି। ପ୍ରଧାନ ଶିକ୍ଷକ ଅଜିତ ପ୍ରଧାନଙ୍କୁ ପଚାରିବାରେ କାର୍ଯ୍ୟରତ ରାତ୍ର ଜଗୁଆଳି ତାଙ୍କ କୌଣସି ଯୋଗାଯୋଗ କରି ନ ଥିବା କହିଛନ୍ତି। ଏଭଳି ମନମାନି ଯୋଗୁ ସମ୍ପୃକ୍ତ ରାତ୍ର ଜଗୁଆଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏକ ଘଣ୍ଟା ପରେ ଚାବି ଖୋଲାଯିବା କାରଣରୁ ଶିକ୍ଷା ବ୍ୟବସ୍ଥାରେ ବିଳମ୍ବରେ ହୋଇଛି। ଏହି ଘଟଣାକୁ ଅଭିଭାବକଙ୍କ ସହ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯିବା ସହ ସମ୍ପୃକ୍ତ ରାତ୍ର ଜଗୁଆଳିଙ୍କୁ ବାହାର କରି ନୂଆ ନିଯୁକ୍ତି ଦେବାକୁ ଦାବି ହୋଇଛି।

# ବନ ବିଭାଗ ଅଧିକାରୀଙ୍କୁ ୧୩ ଦଫା ସମ୍ବଳିତ ଦାବିପତ୍ର

## ଧଳାଟଙ୍ଗଗଡ଼ ଜଙ୍ଗଲର ସାମଗ୍ରିକ ଉନ୍ନତି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଚିନ୍ତା

ରଘୁନାଥପୁର,୨୫।୨(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଏରଡଙ୍ଗା ସ୍ଥିତ ଧଳାଟଙ୍ଗଗଡ ଜଙ୍ଗଲର ସାମଗ୍ରିକ ଉନ୍ନତି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ କଂଗ୍ରେସ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ଏନେଇ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଗୋବିନ୍ଦାପୋଖରୀ ସ୍ଥିତ ବନବିଭାଗ କାର୍ଯ୍ୟାଳୟରେ ପହଞ୍ଚି ରେଞ୍ଜରଙ୍କ ଅନୁପସ୍ଥିତିରେ ୧୩ ଦଫା ସମ୍ବଳିତ ଦାବିପତ୍ର ଫରେଷ୍ଟର ବିରଞ୍ଚି ନାରାୟଣ ଆପାତଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଧଳାଟଙ୍ଗଗଡ଼ ଜଙ୍ଗଲ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଓ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ର। ଏଠାରେ ବହୁ ସଂଖ୍ୟକ ହରିଣ ବସବାସ କରୁଥିବା ସତ୍ତ୍ୱେ ସୁରକ୍ଷା ପାଚେରି, ପାଟ୍ରୋଲିଂ ଓ ପରିଚାଳନାର ଅଭାବ ଯୋଗୁ ବନ୍ୟଜନ୍ତୁମାନେ ବାହାରକୁ ଯାଇ ସ୍ଥାନୀୟ ଲୋକଙ୍କ ଚାଷଜମି କ୍ଷତିଗ୍ରସ୍ତ କରିବା ସହ କୁକୁରଙ୍କ ହାବୁଡ଼ରେ ପଡ଼ି ମୃତ୍ୟୁମୁଖରେ ପଡୁଛନ୍ତି। ଇଂ.ମଲ୍ଲିକ ଦାବି କରିଛନ୍ତି ଯେ, ବିଶେଷଜ୍ଞ ଦଳ ମାଧ୍ୟମରେ ଜଙ୍ଗଲର ସମଗ୍ର ଉନ୍ନତି ପାଇଁ ଏକ ବ୍ୟାପକ ସବିଶେଷ ଯୋଜନା ପ୍ରସ୍ତୁତ କରିବା, ହରିଣମାନେ ଯେପରି ଜଙ୍ଗଲ ବାହାରକୁ ଯାଇ ନପାରିବେ ସେଥିପାଇଁ ସୁଉଚ୍ଚ କଂକ୍ରିଟ ପାଚେରି ନିର୍ମାଣ, ଆଖପାଖ ୪/୫ଟି ପଞ୍ଚାୟତର ଚାଷଜମି ବନ୍ୟଜନ୍ତୁମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀମାନଙ୍କୁ ଯଥୋଚିତ କ୍ଷତିପୂରଣ ପ୍ରଦାନ, ନିୟମିତ ହରିଣ ଗଣନା, ଭାଙ୍ଗିଯାଇଥିବା ନିମ୍ନମାନର ପାଚେରି ଉପରେ ତଦନ୍ତ କରାଯାଇ ତତ୍କାଳ ମରାମତି କରାଯିବା, ବ୍ୟାପକ ଚାରା ରୋପଣ, ନିୟମିତ ପାଟ୍ରୋଲିଂ ସହ ସିସିଟିଭି ସ୍ଥାପନ କରାଯାଇ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖାଯିବା, ପର୍ଯ୍ୟଟନସ୍ଥଳ ଭାବେ ବିଶ୍ରାମାଗାର, ପିଇବା ପାଣି, ଶୌଚାଳୟ ଓ ମହିଳାମାନଙ୍କ ପାଇଁ ବିଶେଷ ରେଷ୍ଟରୁମ୍ ବ୍ୟବସ୍ଥା ଓ ଐତିହାସିକ ଧ୍ରୁବ ତପସ୍ୟା ସ୍ଥଳୀକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହ ଉନ୍ନତୀକରଣ କରାଯିବା ଆଦି ଅନ୍ତର୍ଭୁକ୍ତ ରହିଛି। ଏହାଛଡା ପୂର୍ବରୁ ଏହି ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଚୋରି ହେବାର ନଜିର ରହିଥିବାବେଳେ ଏହା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସ୍ଥାନୀୟ ପଞ୍ଚାୟତ ଲୋକମାନଙ୍କୁ ନେଇ ଧଳାଟଙ୍ଗଗଡ଼ ସୁରକ୍ଷା କମିଟି ଗଠନ କରାଯାଇ ନିୟମିତ ବୈଠକ କରାଯିବା ପାଇଁ ଦଳ ପକ୍ଷରୁ ଦାବି ରଖା ଯାଇଛି। ଉପରୋକ୍ତ ଦାବିଗୁଡ଼ିକର ତତ୍କାଳ ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଇଂ ମଲ୍ଲିକ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ,ଜିଲା କଂଗ୍ରେସ ସମ୍ପାଦକ ମନମୋହନ ଗୋଛାୟତ, ଏରଡଙ୍ଗା ପଞ୍ଚାୟତ କଂଗ୍ରେସ ସଭାପତି ନାରାୟଣ ନାୟକ, ପରକ୍ଷିତ ନାୟକ,ପ୍ରଭାତ ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ , ରମେଶ ଚନ୍ଦ୍ର ନାୟକ, ବାଇଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

केनरा बैंक Canara Bank
ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ଷ୍ଟେଟ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇନ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁ ଙ୍କ ଷ୍ଟେଟ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ଷ୍ଟେଟ୍ ପ୍ଲଟ ନଂ.୩୧ |

**(୩)ମାଷ୍ଟର ବିବିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅବିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି)**, ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଗଞ୍ଜାମ ସିନିୟର କ୍ରିକେଟ ଟିମ୍‌ରେ ଭଞ୍ଜନଗରରୁ ବିଭୁ ପ୍ରସାଦ



ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ): ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ଗତ ୧୮ ତାରିଖରେ ଗଞ୍ଜାମ ଜିଲା ସିନିୟର କ୍ରିକେଟ ଟିମ୍ ଘୋଷଣା ହୋଇଛି। ଏଥିରେ ଭଞ୍ଜନଗର ବ୍ଲକ ଆଦିବାସୀ ଅଧ୍ୟୁଷିତ ଦଦରାଲୁଣ୍ଡା ଗ୍ରାମର ବିଭୁ ପ୍ରସାଦ ନାୟକ ମନୋନୀତ ହୋଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ ପ୍ରମୁଖ ବିଭୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ୧୬ ଜଣିଆ ଟିମରେ ଅନ୍ୟମାନଙ୍କ ମଧ୍ୟରେ ଅଭିସ୍କର ପଟ୍ଟନାୟକ, ବି. ସନ୍ତୋଷ କୁମାର ପାତ୍ର, ଅଂଶୁମାନ ସାମନ୍ତ, ସୌମ୍ୟ ରଞ୍ଜନ ବିଶ୍ୱାଳ, ରୋହିତ ସାଗର, କେ. ଈଶ୍ୱର ପ୍ରସାଦ, ସାଗର ସେଠୀ, କାଳିଆ ସାହୁ, ଜୈନମ ଗେଡ଼ିଆ,ଅଭିନୀତ ପଟ୍ଟନାୟକ, ଭୋଜୋନାପୁ ରାଜାରାମ, ମହମ୍ମଦ ସୋହେବ ଖାନ, ସଂଗ୍ରାମ ବାଉତ୍ୟା, ବିଶାଲ କପାଳ ଓ ସିବୁନ ନନ୍ଦ ଅଛନ୍ତି । ସେହିପରି ଷ୍ଟାଣ୍ଡ-ବାଇରେ ପ୍ରଶାନ୍ତ ବର୍ମା, ଚିନ୍ମୟ ନାୟକ, ଦେବାଶିଷ ଦାସ,ରବି ରାଜ,କାଳିଆ ସ୍ୱାଇଁ ଅଛନ୍ତି ।

### ପାଣି ଅଭାବ, ଉଜୁଡ଼ିଗଲା ମୁଗ ବିରି ଫସଲ

ଶେରଗଡ଼,୨୫।୨(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ମୁଗ ବିରି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେଉଁଠି ଗଛ ଉଠିଛି ପାଣି ଅଭାବରୁ ଫୁଲ ଧରିନି ଗଛ ମରିବାକୁ ବସିଲାଣି। ସେହିପରି କେଉଁଠି ପାଣି ଅଭାବ ଯୋଗୁ ମୁଗ ବିରି ଗଛରେ ରଙ୍ଗଡା ରୋଗ ଧରିଲାଣି। ଅନ୍ୟ କେଉଁଠି ବିହନ ଗଜା ହୋଇନାହିଁ। ଏବେ ମୁଗ ବିରି ଅମଳ ସମୟ ହୋଇଥିବା ବେଳେ ଶେରଗଡ଼ ଅଞ୍ଚଳରେ ଏପରି ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବ୍ଲକର ସବୁ ପଞ୍ଚାୟତରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଫଳରେ ଚାଷୀ ଚଳିତ ବର୍ଷ ମୁଗ ବିରି ବିହନ ହରାଇବ ସେନେଇ ସ୍ଥିତି ଉପୁଜିଛି। ବ୍ଲକର ୫ ହଜାରରୁ ଅଧିକ ହେକ୍ଟର ଜମିରେ ଚାଷୀ ମୁଗ ବିରି ବିହନ ବୁଣିଥିବା ବେଳେ ସବୁ ଜମିର ମୁଗ ବିରି ଫସଲ ନଷ୍ଟ ହୋଇଯାଇଛି। ଏ ଦିଗରେ କୃଷି ବିଭାଗ ପଦକ୍ଷେପ ନେଇ ଶେରଗଡ଼ ବ୍ଲକକୁ ଅଧିକ ପରିମାଣର ମୁଗ ବିରି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

ଛତ୍ରପୁର, ୨୫।୨(ଦିଲୀପ ସାମଲ)
ଶ୍ରମିକମାନଙ୍କ ଦୀର୍ଘଦିନର ସମସ୍ୟା ଓ ଦାବିଗୁଡ଼ିକ ପୂରଣ ଲାଗି ବୁଧବାର ଗଞ୍ଜାମ ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟି ଙ୍କୁ ପ୍ରଦାନ କରାଯାଇଛି । ଏହି ସମୟରେ ସଂଘର ଜିଲା ସମ୍ପାଦକ ଉମା ଶଙ୍କର ସାହୁ, ଅର୍ଜୁନ ବେହେରା, ବୃନ୍ଦାବନ ବେହେରା, ଛତ୍ରପୁର ବ୍ଲକ ସଭାପତି ମନରୋଜନ ଦାଶ, ଅଙ୍ଗନବାଡ଼ି ନେତ୍ରୀ ବାସନ୍ତୀ ପ୍ରଧାନ ଓ ସିଆରପି ୱାର୍କସ ନେତ୍ରୀ ପି. ଗାୟତ୍ରୀ ରେଡ୍ଡୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ମା' ଏଲାମାଙ୍କ ପୀଠରେ ଝାମୁଯାତ୍ରା

ଗଞ୍ଜାମ,୨୫।୨(ଅନାଥ ତରାଇ/ ବିଦ୍ୟାଧର ସାହୁ)
ଗଞ୍ଜାମ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଏଲାମା ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତବର୍ଷର ପ୍ରସିଦ୍ଧ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଝାମୁ ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ମାନସିକ ବ୍ରତଧାରୀମାନଙ୍କ ନିଆଁ ଉପରେ ଚାଲିବା। ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା କରାଯାଇଥିଲା। ମା'ଙ୍କ ପାଖରେ ବିଶ୍ୱଶାନ୍ତି ପାଇଁ ସମୂହ ଆରତି କରାଯାଇ ଯାତ୍ରା ସମାପ୍ତ ହୋଇଥିଲା।

# କଟ୍‌ନିଛଟ୍‌ନିରେ ଚାଉଳ କିଣିବାକୁ ମିଲର କୁନ୍ଥୁକୁନ୍ଥୁ

■ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା
■ମଣ୍ଡିରେ ଧାନ ବିକ୍ରି କରିବାରେ ହେଲାଣି ଅସୁବିଧା
■ମିଲ୍‌ରେ ଜାଗା ନାହିଁ ଦର୍ଶାଇ ଧାନ କିଣୁ ନାହାନ୍ତି ମିଲର



ଜିଲାପାଳଙ୍କ ଅଫିସରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା କରୁଛନ୍ତି।

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଧାନକିଣା ଧିମେଇଲାଣି ବୋଲି ଅଭିଯୋଗ ଉଠିଲାଣି। କଟ୍‌ନିଛଟନିରେ ଧାନ ବିକ୍ରି କରିବାକୁ ଅଧିକାଂଶ ଚାଷୀ ବାଧ ହେଉଥିବାବେଳେ ମିଲର ଧାନକିଣିବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଲେଣି। କୁଇଣ୍ଟାଲ ପିଛା ୬ରୁ ୮ କେଜି କଟ୍‌ନିଛଟନି ଚାଲିଥିଲେ ମଧ୍ୟ ଚାଷୀଙ୍କ ସ୍ୱର ନରମି ଯାଇଛି। ସେପଟେ ମିଲରେ ଧାନ ରଖିବାକୁ ସ୍ଥାନାଭାବ ଦର୍ଶାଇ ମିଲର ଧାନ କିଣୁନି। ଅନ୍ୟପକ୍ଷେ ଧାନକିଣାର ୭ଦିନ ଭିତରେ ମିଲର ଚାଉଳ କରି ଯୋଗାଣ ବିଭାଗକୁ ଦେବାର ନିୟମ ଥିବାବେଳେ ଧାନକିଣାର ୧ମାସରୁ ଉର୍ଦ୍ଧ୍ୱ ପରେ ବି କଷ୍ଟମ ମିଲିଂ ରାଇସ୍‌ର ଯୋଗାଣ ପାଇଁ ମିଲର ଅନୁମତି ପାଇ ପାରୁନି। ଧାନରୁ ଚାଉଳ କରିବାର ଅନୁମତି ପାଉ ନ ଥିବାରୁ ମିଲର ବାହାନା ଦେଖାଇ ଧାନ ଜାଣିଶୁଣି କିଣୁନି ବୋଲି କୁହାଯାଉଛି।

ଜିଲାରେ ଡିସେମ୍ବର ୨୯ରେ ଧାନ କିଣାର ଶୁଭାରମ୍ଭ ହୋଇଥିଲା। କିନ୍ତୁ ଜାନୁଆରୀ ୧୯ ପର୍ଯ୍ୟନ୍ତ ଧାନକିଣା ଠିକ୍‌ରେ ହୋଇପାରି ନ ଥିଲା। ଡିସେମ୍ବର ୨୦ରୁ ଧାନକିଣାରେ ଦ୍ରାନ୍ୱିତ ଆସିଥିଲା। ଜିଲା ଯୋଗାଣ ବିଭାଗ ଓ ସମବାୟ ବିଭାଗ ମିଳିତ ଭାବେ ଧାନ କିଣୁଛନ୍ତି। ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଜିଲାକୁ ୧୦ ଲକ୍ଷ ୧୬ ହଜାର କୁଇଣ୍ଟାଲ ମିଳିଥିବା ବେଳେ ୨ୟ ପର୍ଯ୍ୟାୟରେ ୫ ଲକ୍ଷ କୁଇଣ୍ଟାଲ ଏପରି ମୋଟରେ ୧୫ ଲକ୍ଷ ୧୬ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରହିଛି। ଏଭଳିସ୍ଥଳେ ଜିଲାର ମାତ୍ର ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣା ହୋଇଛି।

ଗ୍ରାଉଣ୍ଡ ଜିରୋ ରିପୋର୍ଟ ଦେଖିଲେ ଛୋଟ ଛୋଟ ମଣ୍ଡିରେ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରି କରି ପାରି ନାହାନ୍ତି। ମିଲର ଧାନ କିଣିବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି। ହେଲେ ଚାଷୀର ସମସ୍ୟା ସମାଧାନ ପାଇଁ କାହା ପାଖରେ ସମୟ ନାହିଁ। ଅପରପକ୍ଷେ ନୟାଗଡ଼ ଜିଲାରେ ଯୋଗାଣ ବିଭାଗର କାନକଟା, ଗୋଡିସାହି ଓ କଦଳୀବନ୍ଧରେ ୩ଟି ଚାଉଳ ଗୋଦାମ ଅଛି। ୩ଟି ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଥିବା ଜଣାପଡିଛି। ଏଣୁ ଯୋଗାଣ ବିଭାଗ ମିଲରଙ୍କଠାରୁ ଆଉ ଚାଉଳ ଆଣୁନି। ସେପଟେ ମିଲର ଗତ ବର୍ଷର ଚାଉଳ ରଖିଥିବା ବେଳେ ଚଳିତ ବର୍ଷ ଧାନ ପୁଣି ଗଚ୍ଛିତ କରି ରଖିଲାଣି। ଚାଉଳ ଓ ଧାନ ଗଚ୍ଛିତ କରି ରଖିବାରୁ ସ୍ଥାନ ଅଭାବ ଦର୍ଶାଇ ମିଲର ଧାନ ମଣ୍ଡିରୁ ଉଠାଉ ନାହିଁ। ସରକାରଙ୍କ ନୀତି ଓ ମିଲରଙ୍କ ଅସହଯୋଗରେ ଛନ୍ଦି ହୋଇ ଧାନ ବିକ୍ରି କରି ନ ପାରି ଟେନଶନ ହେଲାଣି। ଧାନନେଇ ଚାଷୀ ମଣ୍ଡିକୁ ଗଲେ ମିଲର ଖରାପ ବ୍ୟବହାର ଦେଖାଉଥିବାର ଅଭିଯୋଗ ବଢୁଥିବା ବେଳେ ଏହାର ସମାଧାନ ନାହିଁ ବୋଲି କୁହାଯାଉଛି। ମାର୍ଚ୍ଚ ୩୧ରେ ଧାନ କିଣା ଶେଷ ହେବାର ନିୟମ ରହିଛି। ଏବେ ଫେବୃଆରୀ ଶେଷ ହେବାକୁ ଆଉ ମାତ୍ର ୩ ଦିନ ରହିଛି। ଅପରପକ୍ଷେ କେତେକ ଚାଷୀଙ୍କର ଟୋକନ୍‌ର ସମୟ ଯାଇ ପୁଣି ୧୫ ଦିନ ବର୍ଦ୍ଧିତ ହୋଇଛି। ବର୍ଦ୍ଧିତ ତାରିଖ ଫେବୃଆରୀ ୨୬ରେ ଶେଷ ହେବାର ରହିଥିବା ବେଳେ ଟୋକନ ଅବଧି ବଢ଼ିବ କି ନାଁ ଚାଷୀ ସନ୍ଦେହରେ ରହିଛି। ପୁଣି ଅନେକ ଚାଷୀଙ୍କର ଟୋକନ ଆସି ନାହିଁ। ଧାନ କିଣାର ସମୟ ପ୍ରାୟ ୧ମାସ ରହିଥିବାବେଳେ କେବେ ଟୋକନ ଆସିବ ଚାଷୀ ଚିନ୍ତାରେ ରହିଲାଣି। ସେହିପରି ଧାନବିକ୍ରି ପରେ ବି ଚାଷୀ ଟଙ୍କା ପାଉ ନ ଥିବା ଅଭିଯୋଗ ଉଠିଲାଣି। ଘଟଣା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣାଙ୍କୁ ପଚାରିବାରୁ କହିଥିଲେ ଧାନକିଣା ଚାଲିଛି। କଟନି ଛଟନିର ଅଭିଯୋଗ ଆସିନି। ସରକାରଙ୍କ ନୀତି ନିୟମକୁ ମାନି ଧାନ କିଣା ଚାଲିଛି।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା

ଖାଦ୍ୟ ଯୋଗାଣ ଓ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ଦିବସୀୟ ଜିଲା ଗସ୍ତରେ ଆସି ରଣପୁର ବ୍ଲକ ନରସିଂହପୁର ଓ ରଙ୍ଗଦେଉଳି ଧାନ ମଣ୍ଡି ବୁଧବାର ବୁଲି ଦେଖିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାନକିଣା, ଧାନ କିଣା ପାଇଁ ସରକାରୀ ନିତି ନିୟମକୁ କଡାକଡି ପାଳନ କରିବା, ମଣ୍ଡିରେ ଅବ୍ୟବସ୍ଥା ଦୂର ପାଇଁ ନିର୍ଦ୍ଦେଶ, କଟନି ଛଟନିର ଅଭିଯୋଗ ରହିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ଜିଲାର ସମସ୍ତ ଚାଷୀଙ୍କର ଧାନକିଣା ହେବାକୁ ଗୁରୁତ୍ୱ ଦେଇଥିଲେ।

ସମୀକ୍ଷା ବୈଠକରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲାପାଳ ମଧୁମିତା ରଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଡିଆରସଏସି ଅନନ୍ତ ନାୟକ, ଆରଏମ୍‌ସି ସମ୍ପାଦକ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ଯୋଗାଣ ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ, ଟୋକନ ଚାଷୀର ଲାପସ୍ ହେବନି। କଣ୍ଡି ଗସ୍ତ କରି ଧାନକିଣାର ଅନୁଧ୍ୟାନ କରିଥିଲି। ଜିଲା ପ୍ରଶାସନ ସହ ଆଲୋଚନା ହୋଇଛି। ଧାନକିଣା ଠିକ୍‌ରେ ଚାଲିଛି ବୋଲି ଜଣାପଡିଲା। ତେବେ ଧାନକିଣାରେ ବାଧକ ସୃଷ୍ଟି କରୁଥିବା ଅସାମାଜିକ ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାକୁ ନିର୍ଦ୍ଦେଶ ଦେଇଛି। କଟନି ଛଟନି ଅସ୍ୱୀକାର କରି କହିଲେ ସମସ୍ତେ ଠିକ୍ ଚାଲିଛି ବୋଲି କହୁଛନ୍ତି। ତେବେ ଯେଉଁଠି କଟ୍‌ନି ଛଟନଇ ହେଉଛି ଅଭିଯୋଗ ଆସିବ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଜେଡି କଟ୍‌ନି ଛଟନିର ଅଭିଯୋଗ ସାରା ରାଜ୍ୟରେ ଚାଲିଛି ବୋଲି ଅଭିଯୋଗ ଆଣିଛି ତେବେ ସରକାରଙ୍କ ଲକ୍ଷ୍ୟ ଶୂନ୍ୟ କଟ୍‌ନି ଛଟନି ନ ହେଉ ବୋଲି ସରକାର ଚାହୁଁଛନ୍ତି। ଚାଷୀ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ଉଚିତ୍। ଚାଷୀ ଏଫଏକ୍ୟୁ ମାନର ଧାନ ଆଣିଲେ ବି କଟନିଛଟନି ହେଉଛି ଉତ୍ତରରେ କହିଥିଲେ ଏନେଇ ଅଭିଯୋଗ ନାହିଁ। ଚାଉଳ ଉଠି ପାରି ନ ଥିବାରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଚାଉଳ ନ ଉଠିଲେ ବିକ୍ରି କରିଦେବୁ ବୋଲି କହିଥିଲେ। ଗହମ କାହିଁକି ରାଶନ କାର୍ଡରେ ଦିଆଯାଉନି ଉତ୍ତରରେ ଚାଉଳ ରଖିବାକୁ ଗୋଦାମ ନାହିଁ। ଗହମ ଆଣିଲେ ରଖିବା କେଉଁଠି। ବିଗତ ୨୪ ବର୍ଷର ସରକାର ଗୋଦାମ ନ କରିବାରୁ ଏବେ ହଇରାଣ ଭୋଗୁଛୁ। ଆମେ ଭିତ୍ତିଭୂମିର ବିକାଶ କରିବାକୁ ପ୍ରଚେଷ୍ଟା ଜାରି ରଖିଛୁ ବୋଲି କହିଥିଲେ।

## ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

ଓଡଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ନୟାଗଡ,୨୫।୨(ଲୋକନାଥ ମିଶ୍ର)

ଓଡଗାଁ-ଭଞ୍ଜନଗର ୨୧ ନଂ ରାଜ୍ୟ ରାଜପଥର ଓଡଗାଁ ଆଦର୍ଶ ଥାନା ରାମସାଗର ପାର୍କ ନିକଟରେ ବୁଧବାର ଅପରାହ୍ନରେ ୪୦୭ ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନିଳିମା ମୁଦୁଲି (୧୮)। ଘର ଓଡଗାଁ ଥାନାର ଲଣ୍ଡାବାଦୁ ଗାଁରେ। ନିଳିମାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଓଡଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଖବର ପାଇ ତାଙ୍କ ମା'ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୁବତୀଙ୍କ ମୃତଦେହ ପହଞ୍ଚିବା ପରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ଶାନ୍ତ ପଡିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ। ସେପଟେ ପୋଲିସ ଦୁର୍ଘଟଣା ଘଟାଇଥିବା ୪୦୭ ଟ୍ରକ୍ ଜବତ କରିଛି। ସୂଚନା ଅନୁସାରେ, ଲଣ୍ଡାବାଦୁ ଗାଁର ନିଳିମା ଜଣେ ଗରୀବ ଯୁବତୀ। ତାଙ୍କର ବାପା ସୁରଟରେ କାମ କରୁଛନ୍ତି। ସେ ମା'ଙ୍କ ସହ ଓଡଗାଁର ବିଜୟମଣ୍ଡପ ସାହିରେ ରହୁଥିଲେ। ତେବେ ଓଡଗାଁରେ ଏକ ଘରୋଇ ସଂସ୍ଥାରେ ରହି ନିଜର ପରିବାର ପ୍ରତି ପୋଷଣ କରୁଥିଲେ। ବୁଧବାର ଅପରାହ୍ନରେ କୈବଲ୍ୟପୁରରେ ଏକ ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ସ୍କୁଟି ଯୋଗେ ଓଡଗାଁ ଫେରୁଥିଲେ। ଫେରିବା ସମୟରେ ରାମସାଗର ପାର୍କ ନିକଟରେ ଓଡି୦୨ଏଭି ୬୮୪୭ ନମ୍ବରର ୪୦୭ ଟ୍ରକ୍ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ନିଳିମାଙ୍କର ମୃତ୍ୟୁ ହୋଇଥିଲା।

## ଜିଲାପାଳଙ୍କୁ ବନ୍ଧାଭୂଇଁ ବାସିନ୍ଦା ଭେଟିବା ପରେ ବଦଳିଲା ନିଷ୍ପତ୍ତି

ବେଆଇନ ଇଟାଭାଟିରେ ତହସିଲ ଚଢ଼ାଉ ନ କରିବା ପ୍ରସଙ୍ଗ

■ବେଆଇନ ଇଟାଭାଟି ମାଲିକଙ୍କୁ ଖଣି ବିଭାଗ କରିବ ଜରିମାନା



ଜିଲାପାଳଙ୍କ ପାଖକୁ ଫେରାଦ ହେବାକୁ ଆସିଥିବା ଗାଁଲୋକେ।

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ତହସିଲ ବେରୁଆଁବାରୀ ପଞ୍ଚାୟତ ବନ୍ଧାଭୂଇଁରେ ଗଢ଼ିଉଠିଥିବା ୩ଟି ବେଆଇନ ଇଟାଭାଟିକୁ ତହସିଲଦାର ଅନୁକମ୍ପା ଦେଖାଇ ଚଢ଼ାଉ ନ କରିବା ପ୍ରସଙ୍ଗରେ ଜିଲାପାଳଙ୍କୁ ବନ୍ଧାଭୂଇଁ ଗାଁଲୋକ ଭେଟିବା ପରେ ପ୍ରଶାସନ ନିଷ୍ପତ୍ତି ବଦଳାଇଛି। ବୁଧବାର ଗାଁ ସଭାପତିଙ୍କ ସମେତ ଗ୍ରାମବାସୀ ବେଆଇନ ଇଟାଭାଟି ସମ୍ପର୍କରେ କହିବା ଓ ଲିଖିତ ଅଭିଯୋଗ କରିବା ପରେ ଖଣି ବିଭାଗ ଜରିମାନା କରିବାକୁ ଜିଲାପାଳ ମଧୁମିତା ରଥ ଗାଁଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳ କହିଥିଲେ ଇଟା ନଷ୍ଟ କରିବା ଅପେକ୍ଷା ପ୍ରସ୍ତୁତକାରୀଙ୍କୁ ଜରିମାନା କରି ଆଗକୁ ଆଉ ବେଆଇନ ଇଟାଭାଟି ନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ଯଦି ପୁଣିଥରେ ଇଟାପୋଡି କରନ୍ତି ତେବେ ଗ୍ରାମବାସୀ ଖବର ଦେବାକୁ ଓ ଅଭିଯୋଗ କରିବାକୁ କହିଛନ୍ତି। ତେବେ ବନ୍ଧାଭୂଇଁର ବେଆଇନ ଇଟା ଭାଟି ଉପରେ ଆଉ ଲଗାମ ଲଗା ନ ଯାଇ ତୁରନ୍ତ ଇଟା ଖାଲି କରିବାକୁ କୁହାଯାଇଛି ବୋଲି ଜିଲାପାଳ କହିବା ପରେ ଗାଁ ଲୋକ ଫେରିଥିଲେ।

ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ ବନ୍ଧାଭୂଇଁର ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରଥମେ ୩ଟି ବେଆଇନ ଇଟାଭାଟି ଉପରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତହସିଲରେ ଅଭିଯୋଗ ପରେ ସୁଫଳ ମିଳିନଥିଲା। ଜିଲାପାଳଙ୍କ ନିକଟରେ ଅଭିଯୋଗ କଲା ପରେ ଜିଲା ଖଣି ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଚଢ଼ାଉ କରାଯାଇଥିଲା। ଗତ ୧୮ ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ବନ୍ଧାଭୂଇଁରେ ଇଟାଭାଟି ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଇଟାଭାଟି ଭାଙ୍ଗିବାକୁ ଜେସିବି ନେଇଥିଲେ। ତେବେ ପୋଲିସ ଫୋର୍ସ ନେଇ ନ ଥିବାବେଳେ ଇଟାଭାଟି ମାଲିକମାନେ ନିଜର ସମ୍ପର୍କୀୟ ପୁରୁଷ ମହିଳାଙ୍କୁ ନେଇ ଇଟାଭାଟି ନ ଭାଙ୍ଗିବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ଏପରିକି ଗାଁ ସଭାପତିଙ୍କୁ ଢ଼ାଲ କରି ଗାଁ ମନ୍ଦିର ପାଇଁ ଇଟା ପୋଡା ଯାଇଛି ବୋଲି କହିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଦର୍ଶାଇ ତହସିଲଦାର ଇଟାଭାଟି ନ ଭାଙ୍ଗି ଘଟଣାସ୍ଥଳରୁ ଫେରି ଆସିଥିଲେ। ତେବେ ପରବର୍ତ୍ତୀ ସମୟରେ ଆଉ ତହସିଲଦାର ଚଢ଼ାଉ ନ କରିବାରୁ ୪ଜଣ ଇଟାଭାଟି ମାଲିକ ୨ଟି ଭାଟିରୁ ଇଟା ବିକ୍ରି କରି ଭାଟି ପାଖକୁ ନ ଯିବା ପାଇଁ ଟ୍ରେଞ୍ଚ ଖୋଳି ଦେଇଛନ୍ତି। ସେପଟେ ପରିବର୍ତ୍ତିତ ପରିସ୍ଥିତିରେ ଗାଁ ସଭାପତି ନିଜର ଭୁଲ ବୁଝିପାରି ଗାଁଲୋକଙ୍କ ସହ ମିଶି ଇଟାଭାଟି ମାଲିକଙ୍କ ବିରୋଧରେ ବୁଧବାର ଜିଲାପାଳଙ୍କୁ ଫେରାଦ୍ ହୋଇଥିଲେ।

## ଯୁବକଙ୍କୁ ହତ୍ୟା ଘଟଣା, ଆଉ ୨ ଗିରଫ

ବାପା, ୩ ପୁଅଙ୍କ ସମେତ ୫ ବନ୍ଧା ହେଲେଣି

ଛତ୍ରପୁର,୨୫।୨
(ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ଥାନା ରିକାପଲ୍ଲୀ ରେଳ ଫାଟକ ନିକଟରେ ଅରୁଗୁଣି ଗ୍ରାମର ଆର୍. ରାଜା ରାଓ (୨୮)ଙ୍କୁ ହତ୍ୟା ଘଟଣାରେ ଆଉ ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସେମାନେ ହେଲେ ପୂର୍ବରୁ ଗିରଫ ହୋଇଥିବା ମୁଖ୍ୟ ଷଡଯନ୍ତ୍ରକାରୀ ଛତ୍ରପୁର ସହର ଦେବୀନଗର ସାହିର ଚନ୍ଦନ ରାଉତଙ୍କ ବାପା ସୁକାନ୍ତ ରାଉତ ଓ ସାନ ଭାଇ ପ୍ରସାଦ ରାଉତ । ଏହି ୨ ଜଣଙ୍କୁ ମିଶାଇ ରାଜା ରାଓ ହତ୍ୟା ଘଟଣାରେ ପୋଲିସ ଏ ପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କଲାଣି। ସେମାନଙ୍କ ମଧ୍ୟରେ ୩ ଭାଇ ଚନ୍ଦନ, ସୁନୀଲ ଓ ପ୍ରସାଦ, ବାପା ସୁକାନ୍ତ ଏବଂ ସହଯୋଗୀ ଆଶିଷ ବେହେରା ଅଛନ୍ତି। ଗତ ୧୯ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ରାଜା ରାଓଙ୍କୁ ଖଣ୍ଡା ଓ ଠେଙ୍ଗାରେ ନିର୍ମମ ଭାବେ ହତ୍ୟା କରିଥିଲେ। ଏ ନେଇ ମୃତକଙ୍କ ଭାଇ ଆର୍.ଶ୍ରୀକାନ୍ତଙ୍କ ଅଭିଯୋଗକ୍ରମେ ଛତ୍ରପୁର ଥାନାରେ ନଂ. ୭୨/୨୦୨୬ରେ ମାମଲା ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ କହିଛନ୍ତି ।

## ଗଜପତି ପାଷ୍ଟୋରେଟ ୟୁନିୟନର ବାର୍ଷିକ ମହାସଭା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରାହ୍ମଣୀଗାଁ,୨୫।୨(ମନୋରଞ୍ଜନ ରଣା)

କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର କୁମ୍ଭାରିଗାଁରେ କଟକ ଡାଇସେସ୍‌ର ଗଜପତି ପାଷ୍ଟୋରେଟ ୟୁନିୟନ ପକ୍ଷରୁ ୨୨ତମ ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଛି। ଏହା ମଙ୍ଗଳବାର ଠାରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିବାକୁ ଥିବା ବେଳେ ବୁଧବାର ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁରରୁ ଆଚାର୍ଯ୍ୟ ଷ୍ଟିଫେନ ଲିମା ଓ ଆଚାର୍ଯ୍ୟ ଅକ୍ଷୟ ପଟ୍ଟନାୟକ ଯୋଗଦେଇ ବାଇବଲରୁ ଈଶ୍ୱରଙ୍କ ବାକ୍ୟ ଅସ୍ଥିର ଜଗତରେ ବିଶ୍ୱାସରେ ସ୍ଥିର ରହିବା ପ୍ରସଙ୍ଗ ଉପରେ କହିଥିଲେ। ଉତ୍ତର ଭାରତମଣ୍ଡଳୀ କଟକ ଡାୟୋସେଶର ବିଶପ ସୁରେନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହାସଭାରେ ଅନ୍ୟତମ ଅତିଥି ଭାବେ କଟକ, ପୁରୀ ଓ ଗଞ୍ଜାମ ପାଷ୍ଟୋରେଟର କର୍ମକର୍ତ୍ତା ମାନେ ଯୋଗ ଦେଇଥିବା ବେଳେ ଗଜପତି ପାଷ୍ଟୋରେଟ ୟୁନିୟନର ୧୨୭ ଟି ମଣ୍ଡଳୀରୁ ଶତାଧିକ ବିଶ୍ୱାସୀ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ଲୋକ ପ୍ରତିନିଧି ମାନେ ଯୋଗଦେଇ ଥିଲେ। ସେମାନଙ୍କ ମଧ୍ୟରୁ ୧୧ ନଂ. ଜୋନ ଜିଲା ପରିଷଦ ସଦସ୍ୟା ଦୀପିକା ମୁଠା ମାଝୀ, ୧୦ ନଂ. ଜୋନ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଗଦାପୁର ସରପଞ୍ଚ କୁମାରୀ ମଲ୍ଲିକ କୁମ୍ଭାରିଗାଁ ସରପଞ୍ଚ ସୁମିତ୍ରା ଦଳ ବେହେରା, ଝିଞ୍ଜୀରିଗୁଡା ସରପଞ୍ଚ ଚାନ୍ଦିନୀ ପ୍ରଧାନ, ପାଣିଗଣ୍ଡା ସରପଞ୍ଚ ବାବୁଲି ମୁଠାମାଝୀ, ତାୟୁଙ୍ଗିଆ ସମିତି ସଭ୍ୟ ଅକ୍ଷୟ ନାୟକ, କଂଗ୍ରେସ ଦଳର ଅର୍ମି ଚାନ୍ଦ ନାୟକ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ତଥା ବିଶପ୍ ସୁରେନ୍ଦ୍ର ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଆଞ୍ଚଳିକ ତତ୍ତ୍ୱାବଧାରକ ଆଚାର୍ଯ୍ୟ ଈଶାକ ମଣ୍ଡଳ ଓ ଆଚାର୍ଯ୍ୟ ସାମସନ୍ ଶବର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗଡମା ପାଷ୍ଟୋରେଟର ସଙ୍ଗୀତ ଦଳ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଆଞ୍ଚଳିକ ତତ୍ତ୍ୱାବଧାରକ ମଣ୍ଡଳ, ସଭାପତି ସାମସନ୍ ଶବର, ସମ୍ପାଦକ ରମାକାନ୍ତ ମାଝୀଙ୍କ ନେତୃତ୍ୱରେ ମଣ୍ଡଳୀର ସମସ୍ତ କର୍ମକର୍ତ୍ତା, ଯୁବତୀ ଯୁବକମାନେ ସହଯୋଗ କରିଥିଲେ।

## ୪ ହଜାର ପଞ୍ଜୀକୃତ ଚାଷୀଙ୍କୁ ମିଳିନି ଟୋକନ



ଛତ୍ରପୁର, ୨୫।୨(ଦିଲୀପ ସାମଲ)

■ବଞ୍ଚିତ ଚାଷୀଙ୍କ ଧାନ କ୍ରୟ କରିବାକୁ ଋଷିକୁଲ୍ୟା ରୟତ ମହାସଭାର ଦାବି
■ଏଡିଏମ୍‌ଙ୍କୁ ଭେଟିଲେ ଚାଷୀ

ଚାଷୀମାନେ ପଞ୍ଜୀକରଣ କରିସୁଦ୍ଧା କେତେଜଣ ଚାଷୀଙ୍କ ନିକଟକୁ ଏଯାଏ ଟୋକନ ଆସି ନାହିଁ। ଫଳରେ ସମ୍ପୃକ୍ତ ଚାଷୀମାନେ ଧାନ ବିକି ପାରୁନାହାନ୍ତି। ସେମାନଙ୍କ ଧାନ ତୁରନ୍ତ କିଣିବା ଦାବି ନେଇ ବୁଧବାର ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଗଞ୍ଜାମ ଜଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଚଳିତ ବର୍ଷ ୯୨ ପ୍ରତିଶତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ କରାଯାଇଥିବା ବେଳେ ପଞ୍ଜୀକରଣ କରିଥିବା ପ୍ରାୟ ୪ ହଜାର ଚାଷୀଙ୍କ ଟୋକନ ଆସି ନ ଥିବାରୁ ଚାଷୀମାନେ ଧାନ ବିକି ନ ପାରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହାର ତଦନ୍ତ କରି ଟୋକନରୁ ବଞ୍ଚିତ ଚାଷୀଙ୍କ ଧାନ କ୍ରୟ କରିବାକୁ ଋଷିକୁଲ୍ୟା ରୟତ ମହାସଭା ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ଛତ୍ରପୁର ବ୍ଲକ ନେତା ହରେକୃଷ୍ଣ ଗୌଡ଼, ରଞ୍ଜନ ସେଠୀ, ମଙ୍ଗଳା ପାଣିଗ୍ରାହୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।


केनरा बैंक Canara Bank
ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** **(୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ସ୍ୱା: ୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୬୭୮.୪୫ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍ୱେଚ୍ଛ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇକ୍ରମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ସ୍ୱେଚ୍ଛ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍ୱେଚ୍ଛ ପ୍ଲଟ ନଂ.୩୧ |

**(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୯ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅଭିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି)**, ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦ ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାଳକ ହତ୍ୟାକାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

ଚଣ୍ଡିଖୋଲ, ୨୫।୨( ପ୍ରଦୀପ୍ତ କୁମାର ପୃଷ୍ଟି ): ଚଣ୍ଡିଖୋଲ ଅତିରିକ୍ତ ଜିଲା ଓ ଦୌରାଜଜ୍ ଜଣେ ନାବାଳକ ହତ୍ୟାକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ସୂଚନାମୁତାବକ, ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ଜଣେ ନାବାଳକଙ୍କୁ ୨୦୧୭ ନଭେମ୍ବରରେ ତପନ ଦଳେଇ ହତ୍ୟା କରିଥିଲେ। ଏହି ହତ୍ୟା ଘଟଣାରେ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ମଙ୍ଗଳବାର ଅଭିଯୁକ୍ତ ତପନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ତେବେ ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ଆଦେଶ ଦିଆଯାଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ନଳିନୀକାନ୍ତ ମିଶ୍ର ପରିଚାଳନା କରୁଥିଲେ। ଦଣ୍ଡାଦେଶ ପରେ ତପନଙ୍କୁ ରଗଡି ସବ୍‌ଜେଲକୁ ପଠାଇ ଦିଆଯାଇଛି।

# ପିପିପି ମୋଡ୍‌ରେ ହେବ ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପ

ଯାଜପୁର, ୨୫।୨ (ହର୍ଷବର୍ଦ୍ଧନ ବେହେରା)

## ୬ ବୃହତ କମ୍ପାନୀ ଅଂଶୀଦାର ହେବାକୁ ଆଗ୍ରହୀ



ଯାଜପୁର ରୋଡଠାରୁ ଧାମରା ବନ୍ଦର ଭାୟା ବିରଜା କ୍ଷେତ୍ର ଓ ଆରଡି ୧୦୧.୨୬ କିଲୋମିଟର ବିଶିଷ୍ଟ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ପାଇଁ ୨୦୨୫ ଡିସେମ୍ବର ୧୦ରେ ଅନୁଷ୍ଠିତ ରେଳୱେ ଷ୍ଟେକହୋଲଡର୍ କନସଲଟେସନ ମିଟିଂରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇସାରିଛନ୍ତି। ତେବେ ଏହାକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ଅଗ୍ରଗତି ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପରେ ଟାଟା ଷ୍ଟିଲ, ଜେଏସ୍‌ଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍ଚର, ଇମ୍ଫା, ଆଦାନି ପୋର୍ଟ ଓ ଏସ୍ଇଜେଡ୍, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିଃ(ସେଲ) ଏବଂ ଜିନ୍ଦଲ ଷ୍ଟିଲ ଓ ପାୱାର ଅଂଶୀଦାର ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରୁ ଏହି ପ୍ରକଳ୍ପଟି ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି) ଜରିଆରେ ନିର୍ମାଣ ହେବ ବୋଲି ସ୍ପଷ୍ଟ ହୋଇ ସାରିଛି। ପରେ ଦୀର୍ଘ ଦଶନ୍ଧି ଧରି ଦାବି ହୋଇ ଆସୁଥିବା ବିରଜାକ୍ଷେତ୍ରକୁ ରେଳ ଯୋଗାଯୋଗ ଆଶା ଉଦ୍‌ଜୀବିତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ତେବେ କେତେକ ଅନୁଷ୍ଠାନ ପିପିପି ମୋଡକୁ ବିରୋଧ କରି ସରକାରୀ ଭାବେ ଏହି ପ୍ରକଳ୍ପର ନିର୍ମାଣ କରିବାକୁ ଦାବି କରୁଥିବା ସୂଚନା ମିଳିଛି।

ଯାଜପୁର ରୋଡ-ଧାମରା ପ୍ରସ୍ତାବିତ ରେଳପଥର ଡିପିଆର ଅନୁସାରେ ୨୯୧୬ କୋଟି ୮୧ ଲକ୍ଷ ୪୫ ହଜାର ୧୨୩ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ମଞ୍ଜୁରୀ ହେବା ପରେ କେତେକ ପ୍ରତିଷ୍ଠିତ ଶିଳ୍ପ କମ୍ପାନୀ ପିପିପି ମୋଡରେ ଅଂଶୀଦାର ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସୂଚନା ଅଧିକାର ଆଇନ(ଆରଟିଆଇ)ରେ ମିଳିଥିବା ତଥ୍ୟ ଅନୁସାରେ ଟାଟାଷ୍ଟିଲ ପକ୍ଷରୁ କୁହାଯାଇଛି କଳିଙ୍ଗନଗର ଓ ମେରାମଣ୍ଡଳି ପ୍ଲାଣ୍ଟ ପାଇଁ ଏହି ରେଳୱେ ପ୍ରକଳ୍ପ ଅତ୍ୟନ୍ତ ଲାଭଦାୟକ ହେବ। ତେଣୁ ଏଥିରେ ଅଂଶୀଦାର ହେବାକୁ ଟାଟାଷ୍ଟିଲ ଇଚ୍ଛା ପ୍ରକାଶ କରିଛି। ଜେଏସ୍‌ଡବ୍ଲୁ ପକ୍ଷରୁ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ନିଶ୍ଚିତ କରାଯାଇଛି। ତେବେ ଇମ୍ଫା ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରକଳ୍ପ ଲାଭଦାୟକ ହେବ ଏବଂ ମୂଲ୍ୟାଙ୍କନ କରିବା ପରେ ଏକ ପ୍ରସ୍ତାବ ଦାଖଲ କରାଯିବ। ଆଦାନି ପୋର୍ଟ ପକ୍ଷରୁ ପ୍ରକଳ୍ପରେ ଅଂଶୀଦାର ହେବାକୁ ଆଗ୍ରହୀ ବୋଲି ନିଶ୍ଚିତ କରିବା ସହ ନଦୀଗୁଡିକ ଉପରେ ଏକାଧିକ ସେତୁ ଥିବାରୁ, ଭାବାବିଲିଟି ଗ୍ୟାପ ଫଣ୍ଡିଂ (ଭିଜିଏଫ୍) ଉପରେ ବିଚାର କରାଯାଇପାରେ ଏବଂ ମଞ୍ଜୁର ଖର୍ଚ୍ଚରେ ଅତିରିକ୍ତ ଲୁପ ଲାଇନ ପ୍ଲାଟଫର୍ମ, ପ୍ରତୀକ୍ଷା କକ୍ଷ, ଯାତ୍ରୀ ସୁବିଧା ଇତ୍ୟାଦି ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେଲ ପକ୍ଷରୁ ଦର୍ଶାଯାଇଚି ଉକ୍ତ ପ୍ରକଳ୍ପରେ ଆଗ୍ରହୀ। ଯେହେତୁ ସେମାନେ ପାରାଦୀପରୁ ପର୍ଯ୍ୟାପ୍ତ ର୍ୟାକ ପାଉନାହାନ୍ତି, ତେଣୁ ସେମାନେ ଧାମରା ବନ୍ଦର ଦେଇ ମାଲ ପରିବହନ କରିବାକୁ ଅପେକ୍ଷା କରିଛନ୍ତି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ପକ୍ଷରୁ ଆଗ୍ରହ ପ୍ରକାଶ କରି ସେମାନେ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ରାଜ୍ୟ ପାଣ୍ଠିରେ ପୂର୍ବତଟ ରେଳପଥ ଏବଂ ଇଡ୍‌କୋକୁ ଆବଶ୍ୟକ ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ପ୍ରକଳ୍ପ ପାଇଁ ଆଗ୍ରହୀ ଅଂଶୀଦାରମାନଙ୍କୁ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି।

ଯାଜପୁର ରୋଡ-ଧାମରା ଭାୟା ଯାଜପୁର ପ୍ରକଳ୍ପ ନିର୍ମାଣ ହେଲେ ଯାଜପୁର ରୋଡ ରେଳୱେ ଷ୍ଟେଶନ ଜଙ୍କ୍ସନ ହେବ। ଏଠାରୁ ଛୋଟରାୟପୁର, ରାମପୁର ସେଗଡି, ବାହାବଲପୁର, ଯାଜପୁର, ଜଳେଶ୍ୱରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ଚାନ୍ଦବାଲି, ଭିତରକନିକା ଓ ଧାମରା ଷ୍ଟେସନ ନିର୍ମାଣ ହେବ। ଏଥିପାଇଁ ୧୬୯୩.୪୬ ଏକର ଜମିର ଆବଶ୍ୟକତା ପଡିବ। ଏଥିରେ ବେସରକାରୀ ଜମି ୧୩୧୬.୪୫୧ ଏକର, ସରକାରୀ ଜମି ୨୯୪.୩୭୯ ଏକର ଓ ଜଙ୍ଗଲ ଜମି ୧୨.୭୭୫ ଏକର ଅଧିଗ୍ରହଣ କରିବାକୁ ଯୋଜନା ହୋଇଛି। ଏହି ରେଳ ଲାଇନ କଳିଙ୍ଗନଗର ଇସ୍ପାତ କ୍ଲଷ୍ଟର, କେନ୍ଦୁଝର ଲୁହାପଥର ଖଣି, କୋଇଲା କ୍ଷେତ୍ର ଏବଂ ଧାମରା ବନ୍ଦର ମଧ୍ୟରେ ସିଧାସଳଖ ସଂଯୋଗ ପ୍ରଦାନ କରିବ। ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଥମ ବର୍ଷ ୨୯୯.୬୮ କୋଟି, ଦ୍ୱିତୀୟ ବର୍ଷ ୪୪୯.୫୨ କୋଟି, ତୃତୀୟ ବର୍ଷ ୧୦୪୮.୮୯ କୋଟି ଓ ୪ର୍ଥ ବର୍ଷ ୧୧୯୮.୭୩ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଏହାର ପରିମାଣ ବୃଦ୍ଧି ଘଟି ସମୁଦାୟ ୩୩୧୫.୭୬ କୋଟି ଟଙ୍କା ହୋଇପାରେ ବୋଲି ଡିପିଆରରେ ଉଲ୍ଲେଖ ରହିଛି। ଏହାବାଦ ୨୦୨୯ସୁଦ୍ଧା ଉକ୍ତ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସେଥିରେ ପ୍ରଥମ ବର୍ଷ ୧୬,୮୪,୮୪୦ ପାସେଞ୍ଜର ଯାତ୍ରା କରିବେ ବୋଲି ଆକଳନ ହୋଇଛି। ସେହିପରି ପ୍ରକଳ୍ପ ନିର୍ମାଣରେ ଯଦି ବିଳମ୍ବ ହୁଏ ତେବେ ଅଟକଳ ପରିମାଣ ବୃଦ୍ଧି ହେବା ସହ ପାରାଦୀପ ବନ୍ଦର ଉପରେ ଚାପ ବଢିଯିବ। ତେବେ ୪ବର୍ଷରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଆଶା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଭରସା କରିବ ବୋଲି ମତପ୍ରକାଶ ପାଇଛି। କିନ୍ତୁ ରେଳୱେ ଷ୍ଟେକହୋଲଡର କନସଲଟେଶନ ମିଟିଂକୁ ୨ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜମି ଅଧିଗ୍ରହଣରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ନିର୍ଦ୍ଧାରିତ ସମୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ଆଶା କ୍ଷିଣ ହୋଇଯାଇଛି।

# ରାଜଦୋଳ ମେଳଣରେ ହସ୍ତଶିଳ୍ପ ପାଲଟିଛି ଆକର୍ଷଣ

ଛତିଆ, ୨୫।୨ (ସୌମ୍ୟ ରଞ୍ଜନ ସାହୁ )

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଛତିଆ ପୁଟ୍‌ବଲ ପଡିଆରେ ରାଜଦୋଳ ମେଳଣ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାର ତଥା ଜିଲା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ଅମର କୁମାର ନାୟକ ଆଭାସୀ ଦ୍ୱାରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛତିଆ ପୁସ୍ତକ ମେଳା ଆୟୋଜନ କରାଯାଇଛି। ଏହି ପୁସ୍ତକ ମେଳାରେ ରାଜ୍ୟର ବହୁ ପ୍ରତିଷ୍ଠିତ ପାଠ୍ୟ ପୁସ୍ତକ ପ୍ରଦର୍ଶିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୮୦ ଜଣ ହସ୍ତଶିଳ୍ପୀ କାରିଗର ନିଜ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ହାତ ତିଆରି ସାମଗ୍ରୀ ବ୍ୟବସାୟ ପାଇଁ ଆଣି ପ୍ରଦର୍ଶିତ କରୁଛନ୍ତି। ଯାହାକି ଏହି ହସ୍ତଶିଳ୍ପ ରାଜଦୋଳ ମେଳଣରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ମେଳା ଆସନ୍ତା ୨୮ ତାରିଖରେ ଉଦ୍‌ଯାପିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। କମିଟି ପକ୍ଷରୁ ଆବାହକ ମିହିର ପ୍ରତାପ ଦାସ, ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମିତି ସଭ୍ୟ ଦୀପକ ସାହୁ, ମହେଶ୍ୱର ଓଝା, ରଞ୍ଜନ ସାହୁ, ଭଜହରି ପୃଷ୍ଟି, ଭବାନୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ମେଳାରେ ବିଭିନ୍ନ ଦୋଳି ସମେତ ଅନେକ ଦୋକାନ ଖୋଲିଛି। ୨୮ ତାରିଖରେ ରାଧାକୃଷ୍ଣ ୪୦ଟି ବିମାନ ଆସି ପଡିଆରେ ପହଞ୍ଚି ଭୋଗ ଖାଇବା ପରେ ଏହି ରାଜଦୋଳ ମେଳଣ ମହୋତ୍ସବ ଶେଷ ହେବ।



ମେଳଣ ପଡ଼ିଆରେ ପଡ଼ିଥିବା ମାଟିରେ ପ୍ରସ୍ତୁତ ଟେରାକୋଟା ଓ ଅନ୍ୟ ସାମଗ୍ରୀ।

# ଘର ଉପରକୁ ମାଡ଼ିଗଲା କାର୍, ବୃଦ୍ଧଙ୍କ ମୃତ୍ୟୁ

## ଦରକୁଣ୍ଡି ଗ୍ରାମରେ ଉତ୍ତେଜନା

ରସୁଲପୁର, ୨୫।୨ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଦରକୁଣ୍ଡି ଗ୍ରାମରେ ଏକ କାର୍ ଘର ଉପରକୁ ମାଡିଯିବାରୁ ଘର ସମ୍ମୁଖରେ ବସିଥିବା ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁନାଥ ଧଳ(୭୫)। ଉକ୍ତ ଦୁର୍ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ କାର ଚାଳକଙ୍କୁ ଘର ଭିତରେ ଅଟକାଇ ରଖିଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲେ। ଗାଁ ଲୋକଙ୍କ ଦ୍ୱାରା ଅଟକ ଥିବା କାର ଚାଳକଙ୍କୁ ପୋଲିସ ହେପାଜତକୁ ନେଇଥିଲେ। ଏଥିସହ ମୃତଦେହକୁ ଜବତ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

କାରଟି ଗାଁ ରାସ୍ତା ଦେଇ ଯିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଘର ଆଡକୁ ମାଡି ଯାଇଥିଲା। ସେହି ସମୟରେ ଘର ସମ୍ମୁଖରେ ବସି ବୃଦ୍ଧ ଜଣକ ଶୋରିଷ ଅମଳ କରୁଥିଲେ। ତାଙ୍କ ଉପରେ କାର ଚଢି ଯାଇଥିଲା। କାର ତାଙ୍କ ପେଟ ଉପରେ ଚଢିଯିବାରୁ ତାଙ୍କର ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଦେଖି ଗାଁ ଲୋକେ ଘର ସମ୍ମୁଖରେ ରୁଣ୍ଡ ହୋଇଯାଇଥିଲେ। କାର ଚାଳକଙ୍କୁ ଗାଡି ଭିତରୁ ପଦାକୁ ବାହାର କରି ଗୋଟିଏ ଘର ଭିତରେ ପୂରାଇ ଚାବି ପକାଇ ଦେଇଥିଲେ। ଏ ସମ୍ପର୍କରେ କୁଆଖିଆ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର, ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।


## ୨୨ତମ ଜନ୍ମଦିନ ଶୁଭେଚ୍ଛା



ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ ।

ଧ-୨୪୪


# ବଛୋଳରେ ହେବ ଚେତନା ଗାୟତ୍ରୀ ମହାଯଜ୍ଞ

ସିଂହପୁର, ୨୫।୨ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବଛୋଳ ଗାୟତ୍ରୀ ଯଜ୍ଞ ପଡ଼ିଆରେ ପ୍ରତିବର୍ଷ ପରି ଚଳିତବର୍ଷ ୪୧ତମ ଚେତନା ଗାୟତ୍ରୀ ମହାଯଜ୍ଞ ଆସନ୍ତା ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖ ଉଦ୍‌ଯାପିତ ହେବ। ଏଥିରେ କଳସ ଯାତ୍ରା, ଅଗ୍ନି ସଂଯୋଗ, ଚଣ୍ଡୀପାଠ, ଗୀତା ପାଠ, ଭାଗବତ ପାଠ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକମାନେ କହିଛନ୍ତି। ବାଛୋଳ, ହରସିଂହପୁର ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହେବ।


Classified Everyday
0674-2580101, 9692975378

## AFFIDAVIT

I, Litton Behra, Village- Niranjanpur, Dist.- Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No- 79AA335015, that now onwards I shall be known as Sarojini Behera for all future purposes. D-3482

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବାଲିଚନ୍ଦ୍ରପୁର ଥାନାରେ ନୂତନ ଆଇଆଇସି

ଚଣ୍ଡିଖୋଲ, ୨୫।୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁରର ନୂତନ ଆଇଆଇସି ଭାବେ ମଙ୍ଗଳବାର ଦିଲୀପ କୁମାର ମହାନ୍ତି ଯୋଗ ଦେଇଛନ୍ତି। ସେ ପୂର୍ବରୁ ଯାଜପୁର ଟାଉନ ଥାନାରେ ଅତିରିକ୍ତ ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ କମିଶନରେଟ ପୋଲିସରେ କାର୍ଯ୍ୟ କରି ଆସିଛନ୍ତି। ବାଲିଚନ୍ଦ୍ରପୁର ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଗୁରୁତ୍ୱ ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ସମରଜିତ ନାୟକଙ୍କୁ ଯାଜପୁର ସାଇବର ସେଲକୁ ବଦଳି କରାଯାଇ ତାଙ୍କ ବଦଳରେ ଦିଲୀପଙ୍କୁ ଯାଜପୁର ଏସ୍‌ପି ବାଲିଚନ୍ଦ୍ରପୁର ଥାନାରେ ନିଯୁକ୍ତି ପ୍ରଦାନ କରିଛନ୍ତି।



ଦିଲୀପ କୁମାର ମହାନ୍ତି

# ଟାଟାଷ୍ଟିଲ୍ ପକ୍ଷରୁ ଅତ୍ୟାଧୁନିକ ଜଳ ପରିଚାଳନା ବ୍ୟବସ୍ଥା

- ସରୁଆବିଲ ଖଣିରେ ଘଣ୍ଟା ପ୍ରତି ୧୨ଶହ କିଲୋଲିଟର ନୂଆ ଇଟିପି କାର୍ଯ୍ୟକ୍ଷମ
- ଖଣିରେ ସମନ୍ୱିତ ଜଳ ବିଶୋଧନ, ଡିଜିଟାଲ୍ ମନିଟରିଂ ବ୍ୟବସ୍ଥା କାର୍ଯ୍ୟକାରୀ

କାଳିଆପାଣି, ୨୫।୨ ( ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା କ୍ରୋମାଇଟ୍ ସରୁଆବିଲସ୍ଥିତ ଟାଟା ଷ୍ଟିଲ୍ କମ୍ପାନୀ କ୍ରୋମାଇଟ୍ ଖଣି ଅଞ୍ଚଳର ପରିବେଶ ଅନୁକୂଳ ଖଣି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇ ଘଣ୍ଟାକୁ ୧୨୦୦ କିଲୋଲିଟର କ୍ଷମତା ସମ୍ପନ୍ନ ଇଟିପି (ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ)କାର୍ଯ୍ୟକ୍ଷମ ବୁଧବାର କରାଯାଇଛି। କମ୍ପାନୀ ପକ୍ଷରୁ ଅତ୍ୟାଧୁନିକ ଜଳ ବିଶୋଧନ ଟେକ୍ନୋଲୋଜି ଏବଂ ସ୍ମାର୍ଟ ମନିଟରିଂ ବ୍ୟବସ୍ଥା ଯୋଗେ ଜଳ ପ୍ରଦୂଷଣ ରୋକିବା ସହ ସ୍ଥାନୀୟ ଜନକଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି। ସରୁଆବିଲ କ୍ରୋମାଇଟ୍ ଖଣିରେ ପୂର୍ବରୁ ଥିବା ଘଣ୍ଟା ପ୍ରତି ୩୮୦ କିଲୋଲିଟର ୟୁନିଟ୍ ବ୍ୟତୀତ ଘଣ୍ଟା ପ୍ରତି ୧୨୦୦ କିଲୋଲିଟର ୟୁନିଟ ଏକ ନୂତନ କ୍ଷମତା ସମ୍ପନ୍ନ ଇଟିପି ବ୍ୟବସ୍ଥା କରାଯାଇଛି। ସୁକିନ୍ଦା କ୍ରୋମାଇଟ୍ ଖଣିରେ କମ୍ପାନୀ ପକ୍ଷରୁ ଘଣ୍ଟା ପ୍ରତି ୪,୫୦୦ କିଲୋଲିଟର କ୍ଷମତା ବିଶିଷ୍ଟ ଏକ ବିଶାଳ ଇଟିପି କାର୍ଯ୍ୟକାରୀ ହେଉଛି। ଏହା ଖଣି ଅଞ୍ଚଳର ବର୍ଜ୍ୟଜଳ ଏବଂ ବର୍ଷା ଜଳକୁ ବିଶୋଧନ କରି ପୁନଃ ବ୍ୟବହାର ଯୋଗ୍ୟ କରିଥାଏ। ଏହି ପ୍ଲାଣ୍ଟଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍ପିସିବି)ର ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ବିଶୋଧିତ ଜଳକୁ ଉଦ୍ୟାନ କୃଷି ଓ ଧୂଳି ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରାଯାଉଛି। ଟାଟା ଷ୍ଟିଲ ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏମଡି)ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ମିଶ୍ର କହିଛନ୍ତି, ଅତ୍ୟାଧୁନିକ ବିଶୋଧନ ପ୍ରଣାଳୀରେ ଜଳ ପରିଚାଳନା ଏବଂ ଏହାର ଡିଜିଟାଲ୍ ମନିଟରିଂ କ୍ଷେତ୍ରରେ କମ୍ପାନୀର ନିବେଶ ପରିବେଶ ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

ପରିବେଶ ସୁରକ୍ଷାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଟାଟାଷ୍ଟିଲ୍ ସେନ୍ସର ଭିତ୍ତିକ ଆନାଲାଇଜର ସ୍ଥାପନ କରିଛି, ଯାହା ଜଳର ଗୁଣବତ୍ତାକୁ ନିରନ୍ତର ଯାଞ୍ଚ କରିଥାଏ। ଏହି ତଥ୍ୟଗୁଡ଼ିକୁ ଏନ୍ଏବିଏଲ୍ (ନ୍ୟାଶନାଲ ଆକ୍ରିଡେଶନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବରେଶନ ଲାବରେଟୋରିଜ୍) ସ୍ୱୀକୃତିପ୍ରାପ୍ତ ତୃତୀୟ ପକ୍ଷ ଲ୍ୟାବ୍ ଦ୍ୱାରା ମଧ୍ୟ ଯାଞ୍ଚ କରାଯାଉଛି। ଏହାବ୍ୟତୀତ, କମ୍ପାନୀ ସାରୁଆବିଲ ଏବଂ କମର୍ଦ୍ଧା କ୍ରୋମାଇଟ୍ ଖଣିରେ ଘଣ୍ଟା ପ୍ରତି ୫୦ ଘନ ମିଟର କ୍ଷମତା ବିଶିଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) ସ୍ଥାପନ କରୁଛି। ଯେଉଁଠାରୁ ବିଶୋଧିତ ଜଳକୁ ପାନୀୟ ଜଳ ଭାବେ ଯୋଗାଇ ଦିଆଯିବ। ଖଣିଜ ଉତ୍ତୋଳନ ପ୍ରକ୍ରିୟାରେ ସାଧାରଣତଃ ଜଳର ବ୍ୟବହାର ଅଧିକ ହେଉଥିବାରୁ, ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟାଟା ଷ୍ଟିଲ୍ ଏହାର ସମସ୍ତ କେନ୍ଦ୍ରରେ ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ କରିଛି। ଆଇଓଟିସେନ୍ସର, ସ୍ୱୟଂଚାଳିତ ବ୍ୟବସ୍ଥା ଏବଂ ଡାଟା ଆନାଲିଟିକ୍ସ ଦ୍ୱାରା ପରିଚାଳିତ ଏହି ଅତ୍ୟାଧୁନିକ ପ୍ରଣାଳୀ ଜଳର ପ୍ରବାହ ଏବଂ ବ୍ୟବହାର ଉପରେ ରିୟଲ-ଟାଇମ୍ ନଜର ରଖୁଛି। ଫ୍ଲକ୍ସଜେନ୍ ସଷ୍ଟେନେବଲ୍ ଟେକ୍ନୋଲୋଜି ସହଯୋଗରେ କମ୍ପାନୀ ଏହାର ସମଗ୍ର ଜଳ ପରିଚାଳନା ବ୍ୟବସ୍ଥାକୁ ଡିଜିଟାଲାଇଜ୍ କରିଛି, ଯାହାର ସମସ୍ତ ତଥ୍ୟ ମୋବାଇଲ୍ ଏବଂ ୱେବ୍ ଆପ୍ଲିକେଶନ୍ ମାଧ୍ୟମରେ ସହଜରେ ଉପଲବ୍ଧ ହୋଇପାରୁଛି।



ନିର୍ମାଣ କରାଯାଇଥିବା ଜଳ ବିଶୋଧନ ପ୍ଲାଣ୍ଟ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମାନସ



@ ଅନିସ



@ ପ୍ରିୟାଂଶୀ



@ ସିକୁନ୍



@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ତୀବ୍ର ପ୍ରତିକ୍ରିୟା

## ମଣ୍ଡିରେ ଅଭିଯୋଗ ଶୁଣିଲେ ତହସିଲଦାର


ମଣ୍ଡିରେ ପଡି ରହିଥିବା ଧାନ ।

**ରାଜନଗର,୨୫।୨(ଭାସ୍କର ରାଉତରାୟ)**

ରାଜନଗର ବ୍ଲକରେ ଚାଷୀଙ୍କୁ ଶୋଷଣ ଚରମ ସୀମାରେ ପହଞ୍ଚିଛି। ସରକାର କର୍ଚ୍ଚି ଛର୍ଚ୍ଚି ହେବ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ରାଜନଗର ବ୍ଲକରେ ଖୁଲୁମଖୁଲା ଏହା କରାଯାଉଛି। ଚାଷୀ ପ୍ରତିବାଦ କଲେ ମଣ୍ଡିରେ ଓ ମିଲରେ ସେମାନଙ୍କୁ ହଇରାଣ ହରକତ କରାଯାଉଛି। ବ୍ଲକ ଯୋଗାଣ ଅଧିକାରୀଙ୍କଠାରୁ ଜିଲା ଯୋଗାଣ ଅଧିକାରୀଙ୍କ ଯାଏ ସମସ୍ତେ ଚାଷୀ ଶୋଷଣକୁ ପ୍ରଶ୍ରୟ ଦେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ମାସରେ ଅଧିକ ସମୟ ଧରି ମଣ୍ଡିକୁ ଧାନ ଆଣିଥିଲେ ମଧ୍ୟ ମିଲର ଧାନ ନେବାକୁ ଆସୁନାହାନ୍ତି। ମାତ୍ର ମିଛ ପରିବହନ ବା ମିଛ ଭିଟିଏସ୍ ବ୍ୟବସ୍ଥାରେ ମିଲର ମଣ୍ଡିରୁ ଧାନ ଉଠାଇଥିବା ସରକାରୀ ରେକର୍ଡରେ ଦର୍ଶାଯାଉଛି। ବୁଧବାର ରାଜନଗର ତହସିଲଦାର ଯିଶୁକୃଷ୍ଣ ଦାସ ମଣ୍ଡିରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଶୁଣିବା ସହିତ ୭ ଦିନ ଭିତରେ ସମସ୍ତଙ୍କ ଧାନ ଉଠିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ରାଜନଗର ବ୍ଲକର ୧୩ଟି ସେବା ସମବାୟ ସମିତିରେ ଧାନ ବିକିବାକୁ ୭୨୬୮ ଚାଷୀ ପଞ୍ଜୀକରଣ କରିଛନ୍ତି। ୧୩ ସେବା ସମବାୟ ସମିତି ଚାଷୀଙ୍କଠାରୁ ପ୍ରଥମ ଓ ଦ୍ୱିତୀୟ ଦଫାରେ ୧ ଲକ୍ଷ ୫୫ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଥିଲା। ୧୮ ତାରିଖ ସୁଦ୍ଧା ୧ ଲକ୍ଷ ୨୩ ହଜାର ୭୪୫ କୁଇଣ୍ଟାଲ କିଣା ସରିଥିବା କାଗଜପତ୍ରରେ ଦର୍ଶାଯାଇଛି। ସେଥିରୁ ସତ୍ୟନାରାୟଣ ରାଇସମିଲ, ହରଗୌରୀ ରାଇସମିଲ, ରାମଚଣ୍ଡୀ ରାଇସମିଲ,ତୁଳସୀ ରାଇସମିଲ,ପଦ୍ମାବତୀ ରାଇସମିଲ ଧାନ କିଣିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜନଗର ବ୍ଲକ ସାନଓର ଗାଁର ମାଳତୀ ସ୍ୱାଇଁ ମାସେ ତଳୁ ୨୮ କୁଇଣ୍ଟାଲ ଧାନ ରାଜନଗର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ଆଣିଛନ୍ତି। ଆଜି ତାଙ୍କଠାରୁ ଧାନ ନେବାର ଟୋକନର ଶେଷ ତାରିଖ। ମାତ୍ର ଆଜି ଯାଏ ଧାନ ଉଠିନି ବୋଲି କହିଛନ୍ତି। ସେହି ଗାଁର ଭୋଳାନାଥ ଦାସଙ୍କ କହିବା କଥା ହେଲା ୨୦ ଜାନୁଆରୀରେ ୩୧ କୁଇଣ୍ଟାଲ ଧାନ ମାଣ୍ଡିକୁ ଆଣିଛୁ। ଆଜି ଯାଏ ମିଲର ଧାନ ଉଠାଇବାକୁ ଆସିଲେ ନାହିଁ। ୧୮ ତାରିଖ ଟୋକାନର ଶେଷ ଥିଲା, ସମ୍ପାଦକ ଆମଠାରୁ ଧାନ କିଣିଛନ୍ତି ବୋଲି ଦର୍ଶାଇ ଆଖି ସ୍କାନ କରିଛନ୍ତି, ମାତ୍ର ୩୭ ଦିନ ହୋଇଗଲା ମଣ୍ଡିରୁ ଧାନ ଉଠି ପାରିଲା ନାହିଁ । ରାଜନଗର ମଣ୍ଡିରେ ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖାପାଖି ୨୦୦୦ କୁଇଣ୍ଟାଲ ଧାନ ପଡିରହିଛି। ଆଜି ରାଜନଗର ତହସିଲଦାର ଦାସ ରାଜନଗର ମଣ୍ଡିରେ ପହଞ୍ଚି ରେକର୍ଡ ଯାଞ୍ଚ କରିବା ସହିତ ଚାଷୀଙ୍କ ଅଭିଯୋଗ ଶୁଣିଥିଲେ।

# ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କଲା ଡେରାବିଶ ପୋଲିସ

## ଜମିବାଡି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା


ଗୁରୁତର ଆହତ ସନ୍ତୋଷ କୁମାର ସାମଲ।

**ଡେ଼ରାବିଶ ୨୫।୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତର ରାଜନଗର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ଗତ ରବିବାର ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେହି ଗ୍ରାମର ସନ୍ତୋଷ କୁମାର ସାମଲ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଏହି ଘଟଣାକୁ ନେଇ ଗୁରୁତର ସନ୍ତୋଷଙ୍କ ଖୁଡି କମଳା ସାମଲ ଥାନାରେ ଲିଖିତ ଅଭିଯୋଗ କରି ସେହି ଗ୍ରାମର ମନୋରଞ୍ଜନ ସାହୁ ଓ ତାଙ୍କ ଭାଇ ଚିତ୍ତରଞ୍ଜନଙ୍କ ଏଥିପାଇଁ ଦାୟୀ କରିଥିଲେ। ପୋଲିସ ନଂ.୪୪/୨୬ରେ ମାମଲା ରୁଜୁକରି ଏହି ଘଟଣାକୁ ଗୁରୁତର ସହ ନେଇ ମୁଖ୍ୟ ଅଭିଯୁକ୍ତ ମନୋରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସଙ୍କ ସୂଚନାରୁ ଜଣାଯାଇଛି।

ଅନ୍ୟପକ୍ଷରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ଗିରଫ ପାଇଁ ପୁଲିସ ବିଭିନ୍ନ ଆଡେ ଚଢାଉ ଜାରି ରଖିଛି। ସୂଚନା ଅନୁଯାଇ ଗ୍ରାମରେ ଥିବା ଏକ ଅନାବାଦି ଯାଗାକୁ ନେଇ ସନ୍ତୋଷ ଓ ଉକ୍ତ ରାଜନଗର ଗ୍ରାମର ମୁରଲିଧରଙ୍କ ପୁଅ ମନୋରଞ୍ଜନ ସାହୁଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଥିଲା। ତେବେ ରବିବାର ମାଧ୍ୟାହ୍ନରେ ସନ୍ତୋଷ ନିକଟସ୍ଥ ବଜାରକୁ ଯାଉଥିବା ବେଳେ ପୂର୍ବ ବିବାଦକୁ ନେଇ ମନୋରଞ୍ଜନଙ୍କ ସହ ତାଙ୍କର ପ୍ରଥମେ ବଚସା ଓ ପରେ ଏହା ଉଗ୍ର ଝଗଡାରେ ପରିଣତ ହୋଇଥିଲା। ମନୋରଞ୍ଜନ ଓ ତାଙ୍କ ଭାଇ ଚିତ୍ତରଞ୍ଜନ ମିଶି ମାରାଣାସ୍ତ୍ର ଦ୍ୱାରା ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷଙ୍କୁ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ତାଙ୍କ ବାମ ହାତ ଭାଙ୍ଗିଯାଇଥିଲା। ଖବର ପାଇଁ ପରିବାରଲୋକଙ୍କ ସହ ଗ୍ରାମର କେତେକ ଯୁବକ ତୁରନ୍ତ ସନ୍ତୋଷଙ୍କୁ ପ୍ରଥମେ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ସନ୍ତୋଷଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଇଥିଲା।

# ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କର୍ମଶାଳା

**ଡେରାବିଶ,୨୫।୨**
**(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଡାଳିଜୀ ବାଗ୍‌ଦେବୀ ସରକାରୀ ନୋଡାଲ ବିଦ୍ୟାପୀଠରେ ବୁଧବାର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରଦର୍ଶନୀ କର୍ମଶାଳାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଥିକା ଦାସ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ଖମୋଳ ସାଧନ କେନ୍ଦ୍ର ଅଧିନସ୍ଥ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ବୁଧବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲ ସଂଯୋଜନା କରିଥିବା ବେଳେ ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟ ଅତିଥି, ବାଲିଆ ସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷକ ମୋନାଲିସା ସେଠୀ, ଶ୍ରଦ୍ଧାଞ୍ଜଳି ମାହୁନ୍ତ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଲଲାଟ କିଶୋର ଭୂୟାଁ, ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରିବା ସହ ଏହା ପାଠ ପଢ଼ାରେ କିପରି ଉପଯୋଗିତା ହୋଇପାରିବ ସେ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସାଧନ କର୍ମୀ ନିର୍ମଳ କୁମାର ଜେନା ପରିଚାଳନାରେ ସହଯୋଗ କରିଥିବା ବେଳେ ସାଧନ କେନ୍ଦ୍ର ଅଧିନସ୍ଥ ପ୍ରତ୍ୟେକ ବିଦ୍ୟାଳୟର ଉତ୍ସର୍ଗୀକୃତ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଏଥିରେ ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବଚାଷୀ ହିମାଂଶୁ ଅଧକ୍ଷ ମନୋନୀତ



ବ୍ଲକ ଅଧୀନ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ସାଧାରଣ ଅଧିବେଶନ ସଭା ଅନୁଷ୍ଠିତ।

**ମହାକାଳପଡ଼ା,୨୫।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ବ୍ଲକସ୍ତରୀୟ କୃଷକ ଉପଦେଷ୍ଟା କମିଟି ସାଧାରଣ ସଭା
- ଚାଷୀଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କିଆରବାଙ୍କ ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ବ୍ଲକସ୍ତରୀୟ ଉପଦେଷ୍ଟା କମିଟିର ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ଚାଷୀ ହିମାଂଶୁ ଶେଖର ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ଅଧକ୍ଷ ଭାବେ ମନୋନୀତ କରାଯାଇଥିଲା। ସଭାରେ ୨୫ ଜଣ ବିଭିନ୍ନ ବର୍ଗର ସଦସ୍ୟା ସଦସ୍ୟ ଉପସ୍ଥିତ ରହି ଅଞ୍ଚଳର କୃଷକଙ୍କ ବିକାଶ ପାଇଁ ମୂଳ ଲକ୍ଷ୍ୟ ରହିଛି ବୋଲି ସଭାରେ ବକ୍ତବ୍ୟ ରଖିଥିଲେ। କୃଷକ ପ୍ରଶିକ୍ଷଣ ଶିବିର, କୃଷି ପାଠଶାଳା, କୃଷି ଦକ୍ଷତା ବିକାଶ ଶିବିର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉନତି ପାଇଁ ଆର୍ଥିକ ଅନୁଦାନ, କୃଷି ଓ ଆନୁଷଙ୍ଗିକ ବିଭାଗର ପ୍ରଦର୍ଶନ କରାଯିବ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ସଭାରେ ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ବ୍ଲକ ପ୍ରାଣୀ ଚିକିତ୍ସକ ମନୋଜ କୁମାର ଦାସ, ଉଦ୍ୟାନ କୃଷି ଅଧିକାରୀ ସୌରଭ ମହାପାତ୍ରଙ୍କ ସମେତ ସମିତି ସଭ୍ୟ କ୍ରିଷ୍ଟଚନ୍ଦ୍ର ମଣ୍ଡଳ, ଗୌତମ ଦାସ, ରଞ୍ଜନ ଚୌଧୁରୀ, ରୁଦ୍ର ନାରାୟଣ ମୁଦୁଲି, ଲିପୁ ପ୍ରଧାନ, ରମାକାନ୍ତ ମହାନ୍ତି , କୁମର ମହାନ୍ତି , ତ୍ରିଲୋଚନ ରାଉତ ଓ ପବିତ୍ର ଚୌଧୁରୀଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ଜଣେ ମୃତ

**ମାର୍ଶାଘାଇ,୨୫।୨**
**(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ**

ପାରାଦ୍ୱୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥ ମାର୍ଶାଘାଇ ଥାନା କୁସୁନପୁର ଲୁଣାପୋଲ ନିକଟରେ ଆଠବାଟିଆ ଗ୍ରାମର ଦିଲ୍ଲୀପ ସୂତାର(୫୮)ଙ୍କ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି । ସେ ପୋଲ ଉପରେ ଚାଲି ଚାଲି ଯାଉଥିବା ବେଳେ ପଛ ପଟୁ ଏକ ଅଜଣା ଗାଡି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ମାର୍ଶାଘାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ଅପମୃତ୍ୟୁ ମାମଲା ରୁଜୁକରି ଦନ୍ତ ଆରମ୍ଭ କରିଛି । ମୃତ ଦେହ ବ୍ୟବଚ୍ଛେଦ ପାଇଁ ପୋଲିସ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଆଇଆଇସି ତପନ ନାୟକ କହିଛନ୍ତି।

# ମନ୍ତ୍ରୀ, ଏମ୍‌ପିଙ୍କ ବିରୋଧରେ ଜିଲା କଂଗ୍ରେସ ଅଭିଯୋଗ


କଂଗ୍ରେସ କର୍ମୀମାନେ ଏସ୍‌ପି ଅଫିସ ଘେରାଉ କରିଛନ୍ତି ।

**କେନ୍ଦ୍ରାପଡା, ୨୫।୨ (ଜଗନ୍ନାଥ ଧଳ)**

କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଓ ଭାଜପା ଏମ୍‌ପି ଶାଳୀନତା ଭୁଲିଛନ୍ତି । ଲୋକସଭାର ଗାରିମା ରଖିନାହାନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅପମାନଜନକ ଭାଷା ପ୍ରୟୋଗ କରିଛନ୍ତି। ଏପରି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କୁ ବୁଧବାର ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । କଂଗ୍ରେସର ଜିଲା ସଭାପତି ଡା. ଦେବସ୍ମିତା ଶର୍ମା ଏ ସମ୍ପର୍କରେ କହିଛନ୍ତ, ସତ୍ୟ କହିଲେ ଭାଜପା ସରକାର ଉତ୍କ୍ଷିପ୍ତ ହୋଇ ପଡୁଛନ୍ତି । ବହୁଚର୍ଚ୍ଚିତ ଏପ୍‌ଷ୍ଟିନ ଫାଇଲ, ଆମେରିକା ସହ ଟ୍ରେଡ୍‌ଡିଲରେ ଭାରତର କ୍ଷତି ସହିତ ସୀମା ସୁରକ୍ଷା ସମ୍ପର୍କରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାଜପା ସରକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ । ଏହାର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରି, ସଂସଦୀୟ ବ୍ୟାପର ମନ୍ତ୍ରୀ କିରନ ରିଜିଜୁ ଓ ଏମ୍‌ପି ନିଶିକାନ୍ତ ଦୁବେ ନେତା ପ୍ରତିପକ୍ଷ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା ଆଳରେ ତାଙ୍କ ଚରିତ୍ର ଉପରେ ଆକ୍ଷେପ କରିଛନ୍ତି । ଏଥିସହିତ ଜନ ସାଧାରଣଙ୍କୁ ବିଭ୍ରାନ୍ତିକର ବୟାନ ଦେଇ ଦେଶର ଶାନ୍ତି ଭଙ୍ଗର ପ୍ରୟାସ କରିଛନ୍ତି। ତୁରନ୍ତ ଏମାନଙ୍କ ଉପରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ ଥିବା କଂଗ୍ରେସ ଜିଲା ସଭାପତି ଡା. ଶର୍ମା ପ୍ରକାଶ କରିଛନ୍ତି। ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ ବରିଷ୍ଠ କର୍ମକର୍ତ୍ତା ପ୍ରଫୁଲ ଦାସ, ସତ୍ୟପ୍ରିୟ ସାମଲ, ଦିଲୀପ ପ୍ରଧାନ, ପଙ୍କଜ କୁମାର ଦାସ, ଭାଗିରଥି ଜେନା ଓ ସନ୍ତୋଷ ବେହେରା ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

**୨୨ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଇ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ ।
ଧ-୨୪୪

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ** DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମାନସ


@ ଅନିସ


@ ପ୍ରିୟାଂଶୀ


@ ସିକୁନ୍


@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**Classified Everyday**
0674-2580101, 9692975378

**AFFIDAVIT**

I, Litton Behra, Village-Niranjanpur, Dist.-Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village-Niranjanpur, Dist.-Khorda, Jatni, Odisha, 752050, declare by this Affidavit serial No-79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୀଡ଼ିତା ପରିବାରକୁ ଭେଟିଲେ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି


ଭାଜପା ନେତୃତ୍ୱଙ୍କ ଖବରଦାତା ସମ୍ମିଳନୀ ।

**ରାଜକନିକା,୨୫।୨**
**(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

## ନାବାଳିକା ଛାତ୍ରୀ ଗଣ ବଳାତ୍କାର ଘଟଣା

କେନ୍ଦ୍ରାପଡ଼ା ଜିଲା ରଜକନିକା ଥାନା ଅଞ୍ଚଳ ଓଳାଭର ସ୍ଥିତ ଅକ୍ସଫୋର୍ଡ଼ ଇଂଲିଶ ମିଡିୟମ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୀର୍ଘ ୪ ବର୍ଷ ଧରି ଗଣ ବଳାତ୍କାର ଘଟଣାରେ ୫ ଜଣ ଗିରଫ ହୋଇ ଜେଲ ହଜାତରେ ଥିବା ବେଳେ, ବୁଧବାର ଜିଲା ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକଙ୍କ ନେତୃତ୍ୱରେ ୫ ଜଣିଆ ପ୍ରତିନିଧି ଦଳ ପୀଡିତା ପରିବାରକୁ ଭେଟି ସମବେଦନା ଜଣାଇବା ସହ ରାଜକନିକା ଭାଜପା କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି କହିଥିଲେ, ପୋଲିସ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ପୂର୍ବକ ଅଭିଯୁକ୍ତମାନଙ୍କୁ ଗିରଫ କରି ଜେଲକୁ ପଠାଯାଇଛି। ସରକାର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଏହାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରି ତଦନ୍ତ ପ୍ରକ୍ରିୟା ଆଗକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଅନ୍ୟ ଯିଏ ବି ଦୋଷୀ ଚିହ୍ନଟ ହୁଅନ୍ତି ତାଙ୍କୁ ମଧ କ୍ରାଇମ ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରି ବାନ୍ଧିବ। ବିରୋଧୀ କଂଗ୍ରେସ ଓ ବିଜେଡି ଯେଉଁ ପ୍ରଶ୍ନ ଉଠଉଛନ୍ତି, ତାହା ଭିତ୍ତିହୀନ। ତାଙ୍କ ସରକାର ସମୟରେ ନାରୀ ନିର୍ଯ୍ୟାତନାରେ ମହିଳାମାନେ ନ୍ୟାୟ ପାଇପାରୁ ନ ଥିଲେ, କିମ୍ବା ଦୋଷୀ ଗିରଫ ହୋଇପାରୁ ନ ଥିଲେ। ବର୍ତ୍ତମାନ ସରକାର ତ୍ୱରିତ୍ ପଦକ୍ଷପ ଗ୍ରହଣ କରୁଥିବା କହିଥିଲେ। ଏହି ପ୍ରତିନିଧି ଦଳରେ କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ଭାଜପା ଜିଲା ସମ୍ପାଦକ ଝିଲି ଦାସ, ଭାଜପା ଜିଲା ଉପସଭାପତି ସୁଧୀର ପ୍ରଧାନ ଓ ଆଳି ବିଧାନସଭା ନେତା କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଥିଲେ ।

# ଗୌରହରି ସାହୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ରାଧାନଗର ଚାମ୍ପିୟନ

**ଆଳି,୨୫।୨(ବନମାଳୀ ସେନାପତି)**

ଆଳି ବ୍ଲକ ତେଲିପାଟଣା ଖେଳ ପଡିଆରେ ଚାଲିଥିବା ଷଷ୍ଠ ବାର୍ଷିକ ଗୌରହରି ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ରାଧାନଗର କ୍ରିକେଟ କ୍ଲବ ଓ ନିଆଳ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା । ଏହି ଖେଳରେ ରାଧାନଗର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ଖେଳି ୭ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିବା ବେଳେ ଜବାବରେ ନିଆଳି ଟିମ୍ ୧୦ ଓଭରରେ ୭ ଉଇକେଟ ହରାଇ ୧୧୮ ରନ କରି ମ୍ୟାଚ ହାରି ଯାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ସମ୍ମାନିତ ଅତିଥି ଆଳି ଥାନା ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ,ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁଶାନ୍ତ ସାହୁ ଯୋଗଦେଇ ନିଆଳ ଟିମ୍‌କୁ ରନର୍ସଅପ୍ ଟ୍ରଫି ସହ ଅର୍ଥ ରାଶି ଓ ରାଧାନଗର କ୍ରିକେଟ କ୍ଲବକୁ ଚମ୍ପିୟନ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ ଦି ସିରିଜ ଅମରଜିତ ପାତ୍ର,ମ୍ୟାନ ଅଫ ଦି ମ୍ୟାଚ ସଚିନ ଲେଙ୍କାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଖେଳକୁ ଡ୍ୟାମ୍ପି ଅମ୍ପାୟାର ବିକନ, ସତ୍ୟ ରଞ୍ଜନ ମଳିକ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସଦସ୍ୟମାନେ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ଦଶପଲ୍ଲା, ୨୫।୨(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁକୁପ୍ରସାଦ ଗ୍ରାମରେ ଥିବା ଫାର୍ମ ହାଉସ୍‌ରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ସମ୍ପୂର୍ଣ୍ଣ ଭାବେ ଜଳି ପୋଡ଼ି ଛାରଖାର ହୋଇଯାଇଛି। ମଙ୍ଗଳବାର ନନ୍ଦ କିଶୋର ମିଶ୍ରଙ୍କ ଫାର୍ମ ହାଉସରେ ଥିବା ଚାଳ ଘରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବା ପାଇଁ ବହୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଦଶପଲ୍ଲା ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁ କିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।

## ଭଉଣୀ ବାହାଘର ଗୁଆଦେଇ ଫେରିବା ବେଳେ ଦୁର୍ଘଟଣା, ଜଣେ ମୃତ



**ଖଣ୍ଡପଡ଼ା,୨୫।୨ (ଅଜୟ କୁମାର ମହାରଣା)**

ଭଉଣୀ ବାହାଘର ନିମନ୍ତେ ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ କାନାସିଂ ଗ୍ରାମର ଫକୀର ନାୟକ(୬୪) ଓ ଭଣଜା ସରୋଜ ନାୟକ(୩୫) ବାଇକ୍ ଯୋଗେ ନରସିଂହପୁର ଅଞ୍ଚଳକୁ ଗୁଆ ଦେବାକୁ ଯାଇଥିଲେ। ବୁଧବାର ରାତି ପ୍ରାୟ ୯.୩୦ରେ ନିଜ ଘରକୁ ଫେରୁଥିବା ବେଳେ ସିଧାମୂଳା ସେତୁ ପାର୍ଶ୍ୱ ୱାଲରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଡାକ୍ତର ଫକୀରଙ୍କୁ ମୃତ ଘୋଷଣା କରିଥିବା ବେଳେ ଭଣଜା ସରୋଜଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

# କ୍ଷେତ୍ର ପରିଦର୍ଶନ, ସମୀକ୍ଷାକଲେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ

- ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲରେ ନବମ ଓ ଦଶମ ଖୋଲିବାକୁ ପରାମର୍ଶ
- ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ଼ରେ ସାମିଲ ନିର୍ଦ୍ଦେଶ

**ନୟାଗଡ଼, ୨୫।୨(ଲୋକନାଥ ମିଶ୍ର)**



ପିଲାଙ୍କ ସହ ରାଜ୍ୟ ଖାଦ୍ୟଆୟୋଗ ଅଧ୍ୟକ୍ଷ।

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ବୁଧବାର ନୟାଗଡ଼ ଜିଲା ଗସ୍ତକରି କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା କରିଛନ୍ତି। ମଧ୍ୟାହ୍ନଭୋଜନ ପାଇଁ ଭଲ ଡାଇନିଂ ନ ଥିବା ସ୍କୁଲରେ ଡାଇନିଂ ବ୍ୟବସ୍ଥା କରାଇବାକୁ ଜିଲାପାଳଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଖୋଲିବାକୁ ଅନୁରୂପ ପରାମର୍ଶ ଦେଇଛନ୍ତି। ରାଶନ କାର୍ଡ଼ରେ ଅଯୋଗ୍ୟଙ୍କୁ କାଟି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଫେୟାର ପ୍ରାଇସ୍ ସପ୍ ସେଣ୍ଟର ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ରକୁ ପୂର୍ବାହ୍ନ ୧୦ଟାରେ ପରିଦର୍ଶନ କରିଥିଲେ ପରେ ପରେ ଜିଲା ସଦର ମହକୁମାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।

ସେହିପରି ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ନିବାସ ପରିଦର୍ଶନ କରିଥିଲେ। ଅନ୍ୟପକ୍ଷେ ନୟାଗଡ଼ ବ୍ଲକ ବାଉଁଶିଆପଡାରେ ଟିଏଚଆର ୟୁନିଟ ଓ ନ୍ୟୁଟ୍ରି ଗାର୍ଡେନ ପରିଦର୍ଶନ କରିଥିଲେ। ସିନ୍ଦୁରିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିଦର୍ଶନ କରି ମାଧ୍ୟାହ୍ନ ଭୋଜନ ସ୍ଥିତି ଅନୁଧ୍ୟାନ କରିଥିଲେ। ନୟାଗଡ଼ର ନିଉ ଟାଉନ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ପାଠ ପଢା ଓ ମାଧ୍ୟାହ୍ନ ଭୋଜନର ବିଷୟରେ ପଚାରିଥିଲେ। ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଉପ-ଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ଯୋଗ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀଙ୍କୁ ରାଶନ କାର୍ଡ ଉପରେ ଆଲୋଚନା କରିଥିଲେ। ବୃଦ୍ଧ ଲୋକମାନଙ୍କର ରାଶନ କାର୍ଡ଼କୁ ଘରେ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ।

ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍କୁଲରେ ଡାଇନିଂ ହଲର ବ୍ୟବସ୍ଥା ଓ ଚାଉଳ ଯୋଗାଣ ଉପରେ ଆଲୋଚନା କରିଥିଲେ। ଜିଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ମାନଙ୍କରେ ଥିବା ହଷ୍ଟେଲ ବିଷୟରେ ଆଲୋଚନା କରିଥିଲେ। ହଷ୍ଟେଲର ସୁବିଧା ନ ଥିବା ସ୍କୁଲରେ ହଷ୍ଟେଲ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଛତୁଆର ମାନ ଏବଂ ପିଲାମାନଙ୍କର ଓଜନ ମାପିବା ପାଇଁ ଓଜନ ମେସିନ ସମ୍ପର୍କରେ ପଚାରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜିଲାରେ ଟ୍ରାଇ ସାଇକେଲ ଗଚ୍ଛିତ ନ ଥିବା ପ୍ରକାଶ କରିଥିଲେ।

ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର , ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଯୋଗାଣ ଅଧିକାରୀ ସି.ଏଚ.ମୁରଲୀକ୍ରିଷ୍ଣା ରାଓ , ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମାନସ


@ ଅନିସ


@ ପ୍ରିୟାଂଶୀ


@ ସିକୁନ୍


@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୨ ଦିନ ହେଲା ଜଳ ଯୋଗାଣ ବନ୍ଦ, ଦୁର୍ଦ୍ଦଶାରେ ମର୍ଦ୍ଦରାଜପୁରବାସୀ

**ଖଣ୍ଡପଡା,୨୫।୨(ଅଜୟ କୁମାର ମହାରଣା)**




୧୨ ଦିନ ବିତିଲା ହେଲେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ। ଫଳରେ ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ୩ ଠାରୁ ୮ ନମ୍ବର ଏପରି ୬ଟି ୱାର୍ଡର ଜନସାଧାରଣ ପାନୀୟ ଜଳ ମୁନ୍ଦେ ପାଇଁ ନାହିଁ ନ ଥିବା ସମସ୍ୟା ମଧ୍ୟରେ ଗତି କରୁଛି। ସାମ୍ପ୍ରତିକ ପରିସ୍ଥିତିରେ ଲୋକେ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇଁ ଡ଼ହଳ ବିକଳ ହେଉଥିବା ବେଳେ ଦୀର୍ଘ ୧୦/୧୨ ଦିନରୁ ଉର୍ଦ୍ଧ୍ୱ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଉକ୍ତ ୬ଟି ୱାର୍ଡର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଖଣ୍ଡପଡା ବାଣପୁର ମୁଖ୍ୟ ରାସ୍ତା ପାର୍ଶ୍ୱ ଅକୁରା କୂଅ ନିକଟରେ ଏକ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ୫ ଅଶ୍ୱଶକ୍ତି ସମ୍ପନ୍ନ ବିଦ୍ୟୁତ ଚାଳିତ ମୋଟର ପମ୍ପ ସାହାଯ୍ୟରେ ବୋରୱେଲର ଜଳ ଉଠାଯାଇ ଅଞ୍ଚଳବାସୀଙ୍କୁ ଯୋଗାଇବାର ବ୍ୟବସ୍ଥା ରହିଛି। ତେବେ ଗତ କିଛି ଦିନ ହେବ ଉକ୍ତ ପ୍ରକଳ୍ପର ବିଦ୍ୟୁତ ଚାଳିତ ମୋଟରଟି ପୋଡି ଯାଇଥିବାରୁ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିବା ସ୍ଥାନୀୟ ସରପଞ୍ଚ ସୁଚିସ୍ମିତା ରାଉତଙ୍କଠାରୁ ପ୍ରକାଶ। ତେବେ ଏ ସମ୍ପର୍କରେ ଖଣ୍ଡପଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସହ ଯୋଗାଯୋଗ କରିବାରେ ପ୍ରଥମେ ପ୍ୟାନେଲ ବୋର୍ଡଟି ଖରାପ ହୋଇଥିଲା, ପରେ ସମ୍ପୃକ୍ତ ୫ ଏଚପି ମୋଟରଟି ଖରାପ ହୋଇଥିଲା। ଏବେ ଏହି ମୋଟରଟି ଠିକ୍ ହୋଇ ଆସି ଯାଇଛି। ଗୁରୁବାର ଫିଟିଂ କରାଯାଇ ଖୁବ ଶୀଘ୍ର ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ୩ୟ ଦିବସରେ ୧୧ କେନ୍ଦ୍ରରେ ୧୫୪୫ ମାଟ୍ରିକ ପରୀକ୍ଷା ଦେଲେ, ୨୪ ଅନୁପସ୍ଥିତ

**ଖଣ୍ଡପଡା,୨୫।୨(ଅଜୟ କୁମାର ମହାରଣା)**

### ଖଣ୍ଡପଡ଼ା ନୋଡାଲ ସେଣ୍ଟର

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ୩ୟ ଦିବସ ବିଜ୍ଞାନ ପରୀକ୍ଷା ଶୃଙ୍ଖଳିତ ଭାବରେ ଶେଷ ହୋଇଥିବା ଜଣାଯାଇଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧିନ ଖଣ୍ଡପଡା ରାମଚନ୍ଦ୍ର ନୋଡାଲ ହାଇସ୍କୁଲ କେନ୍ଦ୍ର ଅଧିନରେ ୧୧ଟି ପରୀକ୍ଷା କେନ୍ଦ୍ର ରହିଛି। ସମସ୍ତ କେନ୍ଦ୍ରରେ ଶୃଙ୍ଖଳାର ସହ ବିଜ୍ଞାନ ପରୀକ୍ଷା କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୧୫୪୫ ପରୀକ୍ଷା ଦେଇଛନ୍ତି। ନୋଡାଲ ପରୀକ୍ଷା କେନ୍ଦ୍ର ସମେତ ୧୧ କେନ୍ଦ୍ରରେ ସମୁଦାୟ ୧୫୬୯ ଛାତ୍ରୀ ଛାତ୍ର ପରୀକ୍ଷା ଦେବା ବ୍ୟବସ୍ଥା ହୋଇଥିବା ବେଳେ ଆଜିର ପରୀକ୍ଷାରେ ବିଭିନ୍ନ କେନ୍ଦ୍ରରେ ୨୪ ଅନୁପସ୍ଥିତ ଥିବା ଜଣାଯାଇଛି। ଏଥି ମଧ୍ୟରେ ଖଣ୍ଡପଡା ବ୍ଲକ ଅଧିନ କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ୩, ଖଣ୍ଡପଡା ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ନଟବରପୁର ଶାସନ କେନ୍ଦ୍ରରେ ୫, ଗୋକୁଳାନନ୍ଦ ଜୀଉ ଉଚ୍ଚ ବିଦ୍ୟାଳୟରେ ଜଣେ, କଣ୍ଟିଲୋ କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜଣେ, ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ୧ ଜଣ, ଖଳିସାହି ଲିଙ୍ଗରାଜ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨ ଜଣ, ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ୭ ଜଣ ଓ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ଜଣ ଏପରି ୨୪ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନୋଡାଲ କେନ୍ଦ୍ର ଇନଚାର୍ଯ୍ୟ ତଥା ଆରସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କଠାରୁ ପ୍ରକାଶ।


୨୨ତମ ଜନ୍ମଦିନ ଶୁଭେଚ୍ଛା



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଇ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।

ଧ-୨୪୪


# ଲଙ୍କାପୋଡ଼ି ଯାତ୍ରା ପାଇଁ ସ୍ଥାପନ ହେଲା ଶୁଭଖୁଣ୍ଟି

**ଦଶପଲ୍ଲା, ୨୫।୨( ପ୍ରକାଶ କୁମାର ପାଣି)**

ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ଲଙ୍କାପୋଡି ଯାତ୍ରା ୨୦୨୬ ନିମନ୍ତେ ମହାବୀର ମନ୍ଦିର ପ୍ରାଙ୍ଗଣରେ ଲଙ୍କାପୋଡ଼ି ଯାତ୍ରା କମିଟି, ଦଶପଲ୍ଲା ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ ପାରମ୍ପରିକ ଭାବେ ରୀତି ନୀତି ଓ ପରମ୍ପରା ଅନୁଯାୟୀ ମଙ୍ଗଳବାର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ଯାତ୍ରା କମିଟ ସମ୍ପାଦକ ସୂର୍ଯ୍ୟମଣି ଦାଶ ଓ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମାର୍ଚ୍ଚ ୨୭ ରୁ ଆରମ୍ଭ ହୋଇ ଏପ୍ରିଲ ୮ ରେ ଶେଷ ହେବ। ମୁଖ୍ୟ ଆକର୍ଷଣ ଏପ୍ରିଲ ୭ ରେ ଲଙ୍କା ପୋଡ଼ି ଯାତ୍ରା ତଥା ରାବଣ ପୋଡ଼ି ବା ରାବଣ ବଦ୍ଧ କାର୍ଯ୍ୟକ୍ରମ ଥିବାବେଳେ ୧୩ଦିନ ଧରି ଯାତ୍ରା ଅନୁଷ୍ଠିତ ହେବ।


ଯୋଗଦାନ କରିଥିବା କର୍ମକର୍ତ୍ତା ଏବଂ କଳାକାର ବୃନ୍ଦ।

# ବୌଦ୍ଧକୁ ୧-୦ ଗୋଲରେ ହରାଇ ଜଟଣୀ ସେମିରେ

**ଖଣ୍ଡପଡା,୨୫।୨(ଅଜୟ କୁମାର ମହାରଣା)**

### ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଖଣ୍ଡପଡା ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ୪ର୍ଥ ଦିବସରେ ତଥା ଅନ୍ତିମ ଲିଗ୍ ମ୍ୟାଚରେ ଫ୍ରେଣ୍ଡସ ପାରାଡାଇଜ୍ ଫୁଟ୍‌ବଲ କ୍ଲବ ଜଟଣୀ ସହିତ ରକ୍ସି ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ମୁକାବିଲା ହୋଇଥିଲା।

ଆଜିର ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ନ ଥିବା ବେଳେ ଜଟଣୀ ଟିମ ମ୍ୟାଚର ଦ୍ୱିତୀୟାର୍ଦ୍ଧ ଶେଷ ୫ ମିନିଟରେ ଗୋଟଏ ଗୋଲ ସ୍କୋର କରି ୧-୦ ଗୋଲରେ ବୌଦ୍ଧ ଟିମ୍‌କୁ ହରାଇ ସେମି ଫାଇନାରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଅନ୍ୟତମ ଅତିଥି ବିଧାୟକ ଦୁଷନ୍ତ କୁମାର ସ୍ୱାଇଁ, ଖଣ୍ଡପଡା ଓ ଭାପୁର ତହସିଲଦାର ଯଥାକ୍ରମେ ବିଶ୍ୱ ବିଶ୍ରୁତ ତ୍ରିପାଠୀ ଓ ଲୋପାମୁଦ୍ରା ରଥ, ଖଣ୍ଡପଡା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନ ମୋହନ ପ୍ରଧାନ, ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମ୍ ସଭାପତି ଅଖିଳ କୁମାର ମହାରଣା,ଭାପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡା,ଏମ୍‌ପିଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳୟାର ସିଂ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ଥିଲା। ମୁଖ୍ୟ ରେଫରୀ ଭାବେ କ୍ରୀଡାବିତ୍ ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସାଗିର ଅହମ୍ମଦ ଓ ପ୍ରସନ୍ନ କୁମାର ନାୟକ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସମୀର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ୫ମ ଦିବସ ତଥା ପ୍ରଥମ ସେମି ଫାଇନାଲରେ କଟକ ବିଡାନାସୀ ଫୁଟ୍‌ବଲ ଏକାଡେମୀ ଓ ବାପୁଜୀ କ୍ଲବ କଟକ ମଧ୍ୟରେ ମୁକାବିଲା ହେବ ବୋଲି ଟୁର୍ନାମେଣ୍ଟ ମୁଖ୍ୟ ଉଦ୍ୟୋକ୍ତା ତଥା ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କଠାରୁ ପ୍ରକାଶ।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।


Classified Everyday
0674-2580101, 9692975378

## AFFIDAVIT

I, Litton Behra, Village- Niranjanpur, Dist.- Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Sarojini Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No- 79AA335015, that now onwards I shall be known as Sarojini Behera for all future purposes. D-3482

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆବର୍ଜନା ସହ ଦୁର୍ଗନ୍ଧମୟ ପରିବେଶରେ ମେଳା ପଡ଼ିଆ

**ଖଣ୍ଡପଡା,୨୫।୨(ଅଜୟ କୁମାର ମହାରଣା)**

### ନୀଳମାଧବ ଜୀଉଙ୍କ ମାଘମେଳା ସରିଲା

ଦୀର୍ଘ ୧୬ ଦିନ ହେଲା ଚାଲିଥିବା କଣ୍ଟିଲୋ ନୀଳମାଧବ ଜୀଉଙ୍କ ମାଘମେଳା ୧୨ ଦିନ ହେଲା ଶେଷ ହୋଇଛି। ମାତ୍ର ମେଳା ମଧ୍ୟରେ ଖୋଲିଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଘର ବାହୁଡା ପରେ ଏବେ ପଡିଆଟି ଅଳିଆ ଆବର୍ଜନା ତଥା ପଲିଥିନି ଜରିରେ ଭରପୁର ରହିଛି। ରାଜ୍ୟର ବଭିନ୍ନ ପ୍ରାନ୍ତରୁ ଆସିଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଖଣ୍ଡପଡା ଦେବୋତ୍ତର ବିଭାଗକୁ ଧାର୍ଯ୍ୟ ଟଙ୍କା ଜମା ଦେଇ ଷ୍ଟଲ ଖୋଲିଥିଲେ। ଏଗୁଡିକ ଉଠିଯିବା ପରେ ପଡିଆରେ ପଲିଥିନି ଜରି, ହୋଟେଲର ଅଇଁଠା ଖଲିପତ୍ର ଓ ଅନ୍ୟାନ୍ୟ ବର୍ଜବସ୍ତୁ କୁଢ କୁଢ ଗଦା ହୋଇଛି। ଏହା ଛଡା ଅପେରା ଦଳ ଯୋଗୁ ମେଳା ସ୍ଥାନରେ ଅଧିକରୁ ଅଧିକ ପଲିଥିନି ପଡି ପରିବେଶକୁ ଦୂଷିତ କରୁଛି। ମେଳା ପଡିଆକୁ ଲାଗି ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ପୋଲିସ ଫାଣ୍ଡି, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ୟୁକୋ ବ୍ୟାଙ୍କ ଓ ବିଭିନ୍ନ ସ୍ଥାୟୀ ବ୍ୟବସାୟ ଅନୁଷ୍ଠାନ ରହିଛି। ମେଳା ପଡିଆ ପାର୍ଶ୍ୱ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟ ଦେଇ ପ୍ରତ୍ୟେହ ଶତାଧିକ ଯାନବାହନ ସହିତ ହଜାର ହଜାର ଜନସାଧାରଣ ଓ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର ଯାତାୟାତ କରିଥାନ୍ତି। ବିଶେଷକରି ପ୍ରତ୍ୟେହ ଶତାଧିକ ପର୍ଯ୍ୟଟକ ବିଭିନ୍ନ ଯାନ ବାହନରେ ଆସି ମେଳା ପଡିଆରେ ସେମାନଙ୍କ ଯାନକୁ ପାର୍କିଂ କରି ଶ୍ରୀ ଜୀଉଙ୍କ ଦର୍ଶନରେ ଯାଇଥାନ୍ତି। ପଡିଆରେ ପଡିଥିବା କୁଢକୁଢ ଅଳିଆ, ପଲିଥିନି ଜରି ପବନରେ ଉଡି ନିକଟରେ ରହିଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଦୂଷିତ ପରିବେଶ ସୃଷ୍ଟି କରୁଛି।

ଏହି ମାଘ ମେଳା ସମୟରେ ଦେବୋତ୍ତର ବିଭାଗ ଲକ୍ଷାଧିକ ଟଙ୍କା ବିଭିନ୍ନ ପ୍ରତିଷ୍ଠାନରୁ ଆଦାୟ କରୁଥିବାରୁ ମେଳା ପରବର୍ତ୍ତୀ ସମୟରେ ଏହାକୁ ସଫା କରିବା ଦାଇତ୍ୱ ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିଥିବା ବେଳେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ସୂଚନାଯୋଗ୍ୟ, ମାଘମେଳା ଅବସରରେ ସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭଗ ପକ୍ଷରୁ ବ୍ଲିଚିଂ ସିଞ୍ଚନର ବ୍ୟବସ୍ଥା କରାଯାଇଥାଏ। ମାତ୍ର ଚଳିତ ବର୍ଷ କୌଣସି ବିଭାଗ ଏହି ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଇ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟ ପ୍ରକାଶ ପାଇଛି। ତେଣୁ ପରିବେଶ ପରିଚ୍ଛନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ଆବର୍ଜନା ପୂର୍ଣ୍ଣ ମାଘମେଳା ପଡିଆ।

# ଭୁଲନ୍ତି ନାହିଁ ସୋନାକ୍ଷୀ


ସୋନାକ୍ଷୀ

ସୋନାକ୍ଷୀ ବଲିଉଡ୍‌ରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ୨୦୨୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କିନ୍ତୁ ନିଜର ଆକ୍ଟିଂ କ୍ୟାରିୟର ସମୟରେ ସେ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? କୌଣସି ସିନେମାର ପାରିଶ୍ରମିକ ପାଇବା ପରେ ସେ ସେହି ଚେକ୍‌କୁ ପ୍ରଥମେ ତାଙ୍କର ମା–ବାପାଙ୍କୁ ଦେଇଥାଆନ୍ତି। ''ମୋତେ ପ୍ରଥମେ ସଲମାନ ଖାନ୍ ଫିଲ୍ମସ ବ୍ୟାନରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଡେବ୍ୟୁ ଫିଲ୍ମ 'ଦବଙ୍ଗ'ର ପ୍ରଥମ ଚେକ୍ ପାଇବା ପରେ ମୋର ଖୁସିର ସୀମା ନ ଥିଲା। ଯେତେବେଳେ ଏହି ଚେକ୍‌କୁ ଧରିଲି ସେତେବେଳେ ଭାବିଲି ଏହାକୁ ନେଇ ପ୍ରଥମେ ପାପା ଏବଂ ମମିଙ୍କୁ ଦେବି। ବାସ୍, ପ୍ରଥମ ରେମ୍ୟୁନିରେଶନ ଚେକ୍ ସେମାନଙ୍କୁ ଦେବା ପରେ ଏ ପର୍ଯ୍ୟନ୍ତ ମଧ୍ୟ ସେହି ଧାରା ଜାରି ରଖିଛି ବୋଲି କହନ୍ତି ସୋନାକ୍ଷୀ।'' ସୋନାକ୍ଷୀ ନିଜର ପ୍ରଥମ ରେମ୍ୟୁନିରେଶନରୁ କିଛି ଅଂଶ ସଲମାନଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିଇଙ୍ଗ ହ୍ୟୁମାନ'କୁ ଦାନ କରିଥିଲେ। ନିଜର ପ୍ରଥମ ସିନେମା ପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମାଇବାକୁ ପଡିଥିଲା।

# ଛୋଟପରଦାରେ 'ଚନ୍ଦ୍ରବଂଶୀ'

ରାଜ୍ୟର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଓଡ଼ିଆସିନେମା 'ଚନ୍ଦ୍ରବଂଶୀ' ମାର୍ଚ୍ଚ ୧ ତାରିଖ ଅର୍ଥାତ୍ ଆସନ୍ତା ରବିବାର ସନ୍ଧ୍ୟା୬.୩୦ରେ ପ୍ରସାରିତ ହେବାକୁ ଯାଉଛି। କାହାଣୀ ଅନୁସାରେ ଏକ ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବଂଶରେ ଉତ୍ତରାଧିକାରୀ ସାଜିଥିବା ମୁଖ୍ୟ ନାୟକ କ୍ଷମତା, ସଂଘର୍ଷ, ଲୁଚି ରହିଥିବା ରହସ୍ୟ ଏବଂ ପୁରୁଣା ଶତ୍ରୁତା ମଧ୍ୟରେ ଛନ୍ଦି ହୋଇଯାଇଛନ୍ତି । ଯେତେବେଳେ ଲୁକ୍କାୟିତ ସତ୍ୟ ସାମ୍ନାକୁ ଆସିବାକୁ ଲାଗେ, ରକ୍ତର ସମ୍ପର୍କର ପ୍ରକୃତ ପରୀକ୍ଷା ହୁଏ ଏବଂ ସମ୍ପର୍କଗୁଡ଼ିକ ବିଶ୍ୱାସଘାତକତାର ସୀମାକୁ ପାରି ହୋଇଯାଏ । ଏହି ଚଳଚ୍ଚିତ୍ରରେ ପ୍ରତିଶୋଧ ଏବଂ ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦୃଶ୍ୟାୟନ କରାଯାଇଛି । ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର ଏବଂ ରାଜ ରାଜେଶ ପ୍ରମୁଖ ଲୋକପ୍ରିୟ କଳାକାର ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରୀତମ ସାହୁ। ନିର୍ଦ୍ଦେଶନା ଦେଇଛନ୍ତି ଯଶ ଓ ସୁନୀଲ। ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ''ଶକ୍ତିଶାଳୀ କାହାଣୀ ସହିତ କଳାକାରଙ୍କ ଦମଦାର ଅଭିନୟ 'ଚନ୍ଦ୍ରବଂଶୀ'ରେ ଦେଖିବାକୁ ମିଳିବ। କ୍ଷମତା, ତ୍ୟାଗ ଏବଂ ସମ୍ମାନର ଏହି ଆକର୍ଷଣୀୟ କାହାଣୀ ନେଇ ପ୍ରସ୍ତୁତ ଏହି ଫିଲ୍ମଟିକୁ ଜୀ ସାର୍ଥକରେ ଦେଖିବାକୁ ଭୁଲନ୍ତୁ ନାହିଁ ବୋଲି କହିଛନ୍ତି ଜୀ–ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ।''


'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ

# ଲାଇନ୍‌ବାଲା


'ଲାଇନ୍‌ବାଲା' ଫିଲ୍ମରେ ଅଶ୍ରୁମୋଚନ

ନିଜର ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଲାଇନ୍‌ବାଲା'। ସେମାନଙ୍କ ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି। ଆଉ ଏଭଳି ଆଶା କାହାର ପୂରଣ ହୋଇଛି ଜାଣନ୍ତି ? ସୁଶାନ୍ତ କୁମାର ମହାନ୍ତିଙ୍କର। ସେ ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ୍ୟ କରିଛନ୍ତି। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ମିତ ଆଚାର୍ଯ୍ୟ। ଆଉ ଏଭଳି ଭୂମିକା ସମ୍ପର୍କରେ ସେ କହନ୍ତି, ''ଯେତେବେଳେ ସୁଶାନ୍ତ ବାବୁ ମୋତେ ଏହାର କାହାଣୀ ଶୁଣାଇଲେ ସେତେବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ଏଭଳି ଏକ ଚରିତ୍ରକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଫିଲ୍ମଟି ରିଲିଜ ହେବା ପରେ ମୋର ପରିଶ୍ରମର ମୂଲ୍ୟ ନିଶ୍ଚୟ ପାଇବି ବୋଲି ଆଶା ରଖିଛି। ଚିତ୍ରଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ''ଏହି ଫିଲ୍ମଟି ଏକ ସତ ଘଟଣା ଉପରେ ଆଧାରିତ। ଏଥିରେ ଅନେକ ସୋସିଆଲ ମ୍ୟାସେଜ ରହିଛି। ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇପାରିବ ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ।'' ଏକ ଗାଁର ଜଣେ ଖଳପ୍ରକୃତିର ଲୋକ ଯିଏ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି, ଆଉ ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି। ଶ୍ରୀହରି ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ଶୁଟିଂ ନିକଟରେ ଶେଷ ହୋଇଛି। ଏଥିରେ ସମ୍ମିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ।


ପରିଣିତୀ

# ଅପୂରଣ ରହିଗଲା ଆଶା

କଥାରେ ଅଛି–ଆଶା ଅସୁମାରୀ। ହେଲେ ମନୁଷ୍ୟ ଯାହା ଭାବେ ତାହା କ'ଣ ସବୁବେଳେ ପୂରଣ ହୁଏ ? ଅନେକ ସମୟରେ କେତେକ ଆଶା ଶୂନ୍ୟରେ ମିଳାଇ ଯାଇଥାଏ। ଯେତେବେଳେ ପରିଣିତୀ ଚୋପ୍ରା ପାଠ ପଢୁଥିଲେ ସେତେବେଳେ ତାଙ୍କର ଆଶା ଥିଲା ଭବିଷ୍ୟତରେ ବ୍ୟାଙ୍କିଙ୍ଗ ଇନଭେଷ୍ଟମେଣ୍ଟରେ ଚାକିରି କରିବେ। କିନ୍ତୁ ତାହା ସଫଳ ହୋଇପାରି ନ ଥିଲା। ମାଞ୍ଚେଷ୍ଟର ବିଜନେସ୍ ସ୍କୁଲରୁ ସେ ଟ୍ରିପଲ (ବିଜନେସ୍, ଫାଇନାନ୍ସ୍, ଇକୋନମିକ୍ସ) ଅନର୍ସ ହାସଲ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। କେବଳ ସେତିକି ନୁହେଁ, ସେତେବେଳେ ସେ ଲଣ୍ଡନରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବରେ କିଛି ମାସ କାମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଚାକିରିକୁ ଛାଡିବାକୁ ପଡିଥିଲା। ପରିଣିତୀ ମଧ୍ୟ ଜଣେ ହିନ୍ଦୁସ୍ଥାନ କ୍ଲାସିକ କଣ୍ଠଶିଳ୍ପୀ। ସେ ମଧ୍ୟ ଭଲ ପାଠ ପଢୁଥିଲେ। ପରିଣିତୀ ଦ୍ୱାଦଶ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିଲେ ଆଉ ଏଥିପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଥିଲେ। ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜନା ସଂସ୍ଥା ଯଶରାଜ ଫିଲ୍ମସର ମାର୍କେଟିଂ ବିଭାଗରେ ସେ କିଛି ମାସ ଇନ୍‌ଟର୍ନ୍ ଭାବରେ କାମ କରିଥିଲେ। ପରିଣିତୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା।

## ଅପେରା ହାଲ୍‌ଚାଲ୍

# ଖୁସି ଅଛନ୍ତି ଭୂଷଣ

ଭୂଷଣ ଦେବଶର୍ମାଙ୍କର ଯାତ୍ରା ଜୀବନ ଆରମ୍ଭ ହୁଏ ୨୦୦୬ରେ। ତାଙ୍କ ଅଭିନୀତ ପ୍ରଥମ ନାଟକ ଥିଲା 'ଭଙ୍ଗା ସଂସାର'। ତା'ପରେ ଲଗାତର ଚାରି ବର୍ଷ ଅପେରା ସହ ଜଡିତ ରହନ୍ତି। ୨୦୧୦ରେ ଯାତ୍ରାରୁ ବ୍ରେକ୍ ନେଇ ଧାରାବାହିକ, ଓଡ଼ିଆ, ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରନ୍ତି। ଦୀର୍ଘ ୧୪ ବର୍ଷ ପରେ ସେ 'ସ୍ୱର୍ଣ୍ଣମନ୍ଦିର'ରୁ ପୁଣି ଥରେ ଅପେରା ଜଗତରେ ଆରମ୍ଭ କରନ୍ତି ନିଜର ଦ୍ୱିତୀୟ ଇଂନିସ। ଏବେ ଯାତ୍ରା ଦୁର୍ଗାମନ୍ଦିରରେ ନିଜର ଅଭିନୟ ଜାରିରଖିଛନ୍ତି ଏହି ଅଭିନେତା। ନିଜ କ୍ୟାରିୟର ବିଷୟରେ ସେ କହନ୍ତି, ''ଏ ପର୍ଯ୍ୟନ୍ତ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଛି। ଏବେ ମୋର ବୟସ ଅନୁସାରେ ମୁଁ ଭାବୁଛି ବାପା, ବଡ ଭାଇ ଭଳି ଭୂମିକାକୁ ହିଁ ଆଦରି ନେବି। କାରଣ ସମୟ ସହିତ ମୋତେ ତାଳ ମିଳାଇ ଆଗେଇବାକୁ ପଡିବ। ଯାତ୍ରାରୁ ସାମୟିକ ବିରତି ନେବା ପରେ 'ରାଜକନ୍ୟା', 'ତୋ ପାଇଁ', 'କ୍ୱାଇଁ ନମ୍ବର ୱାନ', 'ଝିଲ୍ଲୀ', 'ଗୌରୀ', 'ଝିଅ ହେବ ନୂଆ ବୋହୂ' ଏବଂ 'ତୋରି ପାଇଁ ତୋ ପାଇଁ'ରେ ଅଭିନୟ କଲି। ମୋତେ ମିଳିଥିବା ପ୍ରତିଟି ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇବି ସେ ନେଇ ପ୍ରଥମେ ନିଜକୁ ପ୍ରସ୍ତୁତ କରିନିଏ। ସେଇଥିପାଇଁ ହିଁ ଆଜି ମୋର ଅଭିନୟ କ୍ୟାରିୟର ଆଗକୁ ଆଗେଇ ଚାଲିଛି।'' ଭୂଷଣ ଅଭିନୟ କରିଥିବା ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି 'ଲୁଚି ଲୁଚି କାନ୍ଦେ ଫଗୁଣ' (ମା' ଗଣନାଟ୍ୟ), 'ପ୍ରତାରଣା' (ଯାତ୍ରା ସାତଶଙ୍ଖ), 'ଅପା ଯିବ ଶାଶୁ ଘର'(ରାଜମହଲ), 'ମୁଁ ଅନାଥ ତୁ ଜଗନ୍ନାଥ' ଏବଂ 'ଛାତି ଭିତରେ ମୋ ମନର କଥା' (ଯାତ୍ରା ଦୁର୍ଗାମନ୍ଦିର)।


ଭୂଷଣ

# ରହିଗଲା ଅବସୋସ

ଜଣେ କଳାକାରର କିଛି ନା କିଛି ସ୍ୱତନ୍ତ୍ର ଆଶା ରହିଥାଏ। ବେଳେବେଳେ ଭଲ ଭୂମିକାଟିଏ ମିଳିଥିଲେ ମଧ୍ୟ କେତେକ କାରଣରୁ ତାହାକୁ ହାତଛଡା କରି ପରବର୍ତ୍ତୀ ସମୟରେ ସେ ନେଇ ଅବଶୋଷ ପ୍ରକାଶ କରିଥାଆନ୍ତି। ଆଉ ଏହି ଧାରାରୁ ମଧ୍ୟ ବାଦ୍ ପଡିନାହାନ୍ତି ଶାହୀଦ କପୁର। ଏକଦା ତାଙ୍କୁ 'ରଙ୍ଗ ଦେ ବସନ୍ତୀ'ରେ କରନ୍ ଆର. ସିଙ୍ଘାଣିଆ ଭୂମିକାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ହାତଛଡା କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭୂମିକା ପାଇଁ ନବାଗତ ସିଦ୍ଧାର୍ଥଙ୍କୁ ସାଇନ୍ କରାଯାଇଥିଲା। ଏ ନେଇ ଶାହୀଦ କହନ୍ତି, ''ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ପ୍ରଥମେ ମୋତେ ଅଫର ଦିଆଯାଇଥିଲା। ହେଲେ କେତେକ କାରଣରୁ ମୁଁ ଏହାକୁ ଗ୍ରହଣ କରି ନ ଥିଲି। ପରେ ଯେତେବେଳେ ଫିଲ୍ମଟି ହିଟ୍ ହେଲା, ସେତେବେଳେ ମୁଁ ଟିକେ ଅନୁତାପ କରିଥିଲି। '' ଶାହୀଦ 'ତାଲ୍' ଫିଲ୍ମରେ ଜଣେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ' ଆଉ ଏହା ମଧ୍ୟ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଶାହୀଦ ଜଣେ ଶାକାହାରୀ। ଏକଦା 'ଜର୍ସି' ଫିଲ୍ମର ଶୁଟିଂ ସମୟରେ ତାଙ୍କ ମୁହଁରେ ଆଘାତ ଲାଗିଥିଲା। ଆଉ ଏଥିପାଇଁ ମୁହଁରେ ୨୫ଟି ଷ୍ଟିଚ୍ ପଡିଥିଲା। ଏହାପରେ ସେ କିଛି ସମୟ ବିଶ୍ରାମ ନେଇଥିଲେ ଏବଂ ପୁଣି ଶଟ୍ ଦେବାକୁ ପ୍ରସ୍ତୁତ ହୋଇଥିଲେ।


ଶାହୀଦ


ଜାହ୍ନବୀ

# ଘାରିଛି କବିତା ନିଶା

କବିତାଟିଏ ରଚନା କରିବା ନିଶା ତାଙ୍କର ଏବେକାର ନୁହେଁ। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡିତ ଥିଲେ। ମନରେ କିଛି ଭାବନା ଆସିଲେ କିମ୍ବା କୌଣସି ପ୍ରାକୃତିକ ଦୃଶ୍ୟରାଜି ଦେଖିଲେ ତାହାକୁ ତୁରନ୍ତ କବିତାରେ ରୂପାନ୍ତରିତ କରିବାକୁ ଭୁଲୁ ନ ଥିଲେ। ଆଉ ଏବେ ମଧ୍ୟ କବିତାଟିଏ ଲେଖିବାକୁ ପଛାଇ ନଥାନ୍ତି। ହଁ, ସେ ହେଲେ ଜାହ୍ନବୀ କପୁର। କେବଳ ସେତିକି ନୁହେଁ, ସେ କଥକ ନୃତ୍ୟରେ ମଧ୍ୟ ନିପୁଣା। କାଲିଫର୍ନିଆସ୍ଥିତ ଲି' ଷ୍ଟ୍ରାସବର୍ଗ ଥିଏଟର ଆଣ୍ଡ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟରୁ ସେ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ବ୍ୟାୟାମ କରିବାକୁ ଆଦୌ ଭୁଲି ନ ଥାନ୍ତି ଏହି ଅଭିନେତ୍ରୀ। ୨୦୧୮ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଫିଲ୍ମଟି ଥିଲା 'ଧଡକ୍'। ଇତିମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୬/୨୦୨୬ Bhubaneswar, Thursday, February 26/ 2026

# ଭାରତର ପ୍ରଥମ ବିଜୟ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

### ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ୩-୧ରେ ହରାଇଲା


ପ୍ଲେୟର ଅଫ୍ ଦି ମ୍ୟାଚ ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର।

**ହୋବାର୍ଟ, ୨୫।୨**

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବୁଧବାର ଭାରତ ପ୍ରଥମ ବିଜୟ ହାସଲ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ଭାରତୀୟ ଦଳ ଶୁଟ୍‌ଆଉଟ ୩-୧ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟରେ ଚମତ୍କାର ସେଭ୍ କରି ଭାରତର ପ୍ରଥମ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଯୁବ ଗୋଲକିପର ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଭାରତର ହୋବାର୍ଟ ଲେଗ୍ (ଚରଣ) ଚ୍ୟାଲେଞ୍ଜ ଶେଷ ହୋଇଛି। ୯ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଭାରତ ୮ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି। ଏହା ମଧ୍ୟରେ ୧ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଏବଂ ୫ ପରାଜୟ ସାମିଲ। ଦଳ ମାତ୍ର ୯ଟି ଗୋଲ ଦେଇଥିବାବେଳେ ୨୪ ଗୋଲ ବରଣ କରିଛି। ଗୋଲ ବ୍ୟବଧାନ -୧୬ ରହିଛି, ଯାହାକି ଉପରେ ଥିବା ୭ ଦଳ ତୁଳନାରେ ନିକୃଷ୍ଟ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୨୧ (୬ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ) ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ଏହାପରେ ରୋଟରଡାମ ଚରଣରେ ନେଦରଲାଣ୍ଡ୍ସ ଓ ଜର୍ମାନୀକୁ ଭେଟିବ। ଜୁନ ୧୪ରେ ଘରୋଇ ନେଦରଲାଣ୍ଡ୍ସ ସହିତ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।

ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ତେବେ ଦୃଢ଼ ରକ୍ଷଣଭାଗ ଯୋଗୁ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୪୯ତମ ମିନିଟ୍‌ରେ ଅଧିନାୟକ ଜେରେମି ହେୱାର୍ଡଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୨ ମିନିଟ ପରେ ଭାରତୀୟ ଦଳର ଦକ୍ଷ ଓଡ଼ିଆ ଫରୱାର୍ଡ ଶୀଳାନନ୍ଦ ଲାକ୍ରା (୫୧ତମ ମିନିଟ) ଗୋଲଟି ପରିଶୋଧ କରିଦେଇଥିଲେ। ଫଳାଫଳ ଲାଗି ଶୁଟ୍‌ଆଉଟ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ଶୀଳାନନ୍ଦ ଲାକ୍ରା, ମନିନ୍ଦର ସିଂ ଓ ବିଷ୍ଣୁକାନ୍ତ ସିଂ ଗୋଲ ଦେଇଥିବାବେଳେ ଅଭିଷେକଙ୍କ ପ୍ରୟାସ ବ୍ୟର୍ଥ ହୋଇଥିଲା। ଅଷ୍ଟ୍ରେଲିଆ ଗୋଲ୍‌କିପର ଥିଲେ ଆଶ୍‌ଲେ ଥୋମାସ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପକ୍ଷରୁ କେବଳ ଜେରେମି ହେୱାର୍ଡ ଗୋଲ ଦେଇଥିବାବେଳେ ଟିମ୍ ବ୍ରାଣ୍ଡ, ଲିଆମ ହେଣ୍ଡେରସନ ଓ କୁପର ବର୍ନ୍ସ ଭାରତୀୟ ଗୋଲ୍‌କିପରଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର ଚାପ ସ୍ଥିତିରେ ସାହସିକ ପ୍ରଦର୍ଶନ କରିଥିଲେ।

ପ୍ରୋ ଲିଗ୍‌ର ରାଉରକେଲା ଚରଣରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନାଠାରୁ ଭାରତ ସମସ୍ତ ୪ଟିଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ହୋବାର୍ଟ ଚରଣରେ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ୦-୨ରେ ହାରିବାପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ଶୁଟ୍‌ଆଉଟ୍ ୪-୫ (ନିର୍ଦ୍ଧାରିତ ସମୟରେ ୨-୨) ଗୋଲରେ ପରାଜିତ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ମଧ୍ୟ ଭାରତ ଶୁଟ୍‌ଆଉଟ ୩-୪(ନିର୍ଦ୍ଧାରିତ ସମୟରେ ୧-୧) ଗୋଲରେ ହାର୍ ମାନିଥିଲା।

# ଏସିଆ କପ୍ ବଧିର କ୍ରିକେଟ: ଭାରତ ଚାମ୍ପିୟନ



ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

**କଟକ, ୨୫।୨ (କୁମାରଶ୍ରୀ)**

ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଫାଇନାଲରେ ଆୟୋଜକ ଭାରତ ୬ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ପ୍ରଥମ ସଂସ୍କରଣର ଟାଇଟଲ୍ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୪୫ରନର ବିଜୟ ଲକ୍ଷ୍ୟକୁ ଘରୋଇ ଭାରତ ଅନ୍ତିମ ଓଭରର ୫ମ ବଲ୍‌ରେ ହାସଲ କରି ନେଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଇ ଆକାଶ ପ୍ଲେୟର ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ।

ଲିଗ୍ ପର୍ଯ୍ୟାୟରେ ମାତ୍ର ୧ରନରେ ପରାସ୍ତ ହୋଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ଫାଇନାଲରେ ଭାରତକୁ କଡା ଟକ୍କର ଦେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ରନ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ଉଇକେଟ ପତନ ସତ୍ତ୍ୱେ ଜି.ଏଲ. ମାଲକାମ ୪୬ବଲରୁ ୬୨ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତର ଯଶବନ୍ତ ନାଇଡୁ ଏବଂ ସାଇ ଆକାଶ ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବୀରେନ୍ଦ୍ର ସିଂଙ୍କ ୫୨, ଓଡ଼ିଆ ଖେଳାଳି ସନ୍ତୋଷ ମହାପାତ୍ରଙ୍କ ୪୩ରନ ସହାୟତାରେ ଭାରତ ୪ ଉଇକେଟ ହରାଇ ୧୯.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇ ଆକାଶ ୧୪ବଲରୁ ୨୭ରନର ଦ୍ରୁତ ଇନିଂସ ଖେଳିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଲଙ୍କାର ମାଲକାମ ବ୍ୟାଟର ଅଫ ଦି ସିରିଜ ଏବଂ ପ୍ଲେୟର ଅଫ ଦି ସିରିଜ, ଜି.ଏଲ. ଡି ସିଲଭା ବୋଲର ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଏନସିସିର ଡେପୁଟି ଡିରେକ୍ଟର ଜେନେରାଲ ବିକ୍ରମ ସିଂ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ମୁକେଶ କୁମାର, ବଙ୍କିମ ମହାନ୍ତି, କୋଲକାତାର ବ୍ରିଟିଶ ଡେପୁଟି ହାଇକମିଶନ ସ୍ୱର୍ଣ୍ଣମୟୀ ଶତପଥୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

# ରଣଜୀ ଟ୍ରଫି ଫାଇନାଲ: ଜମ୍ମୁ କଶ୍ମୀର ୫୨୭/୬

**ହୁବଲି, ୨୫।୨**

କେଏସ୍‌ସିଏ ଷ୍ଟାଡିୟମରେ କର୍ନାଟକ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ମଧ୍ୟ ଜମ୍ମୁ କଶ୍ମୀର ବ୍ୟାଟରମାନେ ପ୍ରଭୁତ୍ୱ ବିସ୍ତାର କରିଥିଲେ। ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖି ଜମ୍ମୁ କଶ୍ମୀର ୬ ଉଇକେଟ ହରାଇ ୫୨୭ ରନ କରିଛି। ପର୍ଯ୍ୟାପ୍ତ ଆଲୋକ ଅଭାବ କାରଣରୁ ଦ୍ୱିତୀୟ ଦିନର ଖେଳକୁ ଶୀଘ୍ର ଶେଷ କରାଯାଇଥିଲା।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୪/୨ରୁ ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ କଶ୍ମୀର ବ୍ୟାଟର ଭଲ ସର୍ଫେସର ଫାଇଦା ଉଠାଇଥିଲେ। କନ୍ହେୟା ୱାଧୱାନ ଓ ଅଧିନାୟକ ପାରସ ଡୋଗ୍ରା ୭୦ ଲେଖାଏ ରନ କରି ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଶୁଭମ ପୁଣ୍ଡିର ୧୨୧ ଓ ଅବଦୁଲ ସମଦ ୬୧ ରନ କରି ଆଉଟ୍ ହୋଇଥିଲେ। ବଂଶଜ ଶର୍ମାଙ୍କ ଇଞ୍ଜୁରୀ କାରଣରୁ ପ୍ଲେଇଂ ଏକାଦଶରେ ସ୍ଥାନ ପାଇଥିବା ସାହିଲ ଲୋତ୍ରା ନଂ-୭ରେ ବ୍ୟାଟିଂ କରି ୫୭ ଓ ଆବିଦ ମୁସ୍ତାକ ୨୦ ରନରେ ଅପରାଜିତ ରହିଛନ୍ତି। କର୍ନାଟକ ପାଇଁ ପେସର ପ୍ରସିଦ୍ଧ କ୍ରିଷ୍ଣା ୩ ଉଇକେଟ ନେଇଥିବା ବେଳେ ଅନ୍ୟ ବୋଲରଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୨୭/୬(ଶୁମଭ ପୁଣ୍ଡିର-୧୨୧, ପାରସ ଡୋଗ୍ରା-୭୦, କନ୍ହେୟର ୱାଧୱାନ-୭୦, ଅବଦୁଲ ସମଦ-୬୧, ସାହିଲ ଲୋତ୍ରା-୫୭*; ପ୍ରସିଦ୍ଧ କ୍ରିଷ୍ଣା-୩/୯୦)।

## ଡୋଗ୍ରା ଦଣ୍ଡିତ

**ହୁବଲି, ୨୫।୨**

ବହୁପ୍ରତୀକ୍ଷିତ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ବୁଧବାର ବୋଲର ଓ ଫିଲ୍ଡରଙ୍କ ଲଗାତର ସ୍ଲେଜିଂ କାରଣରୁ ଜମ୍ମୁ କଶ୍ମୀର ଅଧିନାୟକ ପାରସ ଡୋଗ୍ରା ନିଜ ଉପରୁ ନିୟନ୍ତ୍ରଣ ହରାଇ ଶର୍ଟ ଲେଗ୍‌ରେ ଫିଲ୍ଡିଂ କରୁଥିବା କର୍ନାଟକ ଫିଲ୍ଡରଙ୍କ ହେଲମେଟ୍‌କୁ ମୁଣ୍ଡିଆ ମାରିଥିଲେ। ଏହି ଘଟଣା ଜମ୍ମୁ କଶ୍ମୀର ଇନିଂସର ୧୦୧ତମ ଓଭରରେ ଘଟିଥିଲା। ଶର୍ଟ ଲେଗ୍‌ରେ ଫିଲ୍ଡିଂ କରୁଥିବା ଅନିଶଙ୍କ ହେଲମେଟକୁ ଡୋଗ୍ରା ତାଙ୍କ ହେଲମେଟରେ ମାରିଥିଲେ। କର୍ନାଟକର ପୂର୍ବତନ ଅଧିନାୟକ ମୟଙ୍କ ଅଗ୍ରୱାଲ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଅମ୍ପାୟର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ଡୋଗ୍ରା ନିଜ କାର୍ଯ୍ୟ ଲାଗି ଭୁଲ୍ ମାଗିଥିଲେ।

# ଭୁବନେଶ୍ୱର ମାରାଥନ୍ ଜର୍ସି ଉନ୍ମୋଚିତ



ଭୁବନେଶ୍ୱର ମାରାଥନର ଜର୍ସି ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)**

୨୦୨୬ କଳିଙ୍ଗ ରନର୍ସ ଟ୍ରଷ୍ଟ (କେଆର୍‌ଟି) ଓ ନିସମ କନ୍‌ସଲ୍ଟିଂର ଯୁଗ୍ମ ଆୟୋଜନରେ ଭୁବନେଶ୍ୱର ମାରାଥନ୍ ମାର୍ଚ୍ଚ ୧ରେ ସ୍ଥାନୀୟ ଆର୍‌ଟିଓ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବୁଧବାର ମାରାଥନର ଜର୍ସି ଓ ପଦକ ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିସମ କନ୍‌ସଲ୍ଟିଂ ଇଣ୍ଡିଆର ଅପରେଶନ୍ସ ହେଡ୍ ନିଖତ ମହମ୍ମଦୀ ଏବଂ କଳିଙ୍ଗ ରନର୍ସ ଟ୍ରଷ୍ଟର ସଭାପତି ସ୍ୱାତୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ମାରାଥନ ପାଇଁ ୩.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏଥିରେ ୩ଟି ବର୍ଗ (୫, ୧୦ ଓ ୨୧ କିଲୋମିଟର)ରେ ଧାବିକା ଓ ଧାବକ ଅଂଶଗ୍ରହଣ କରିବେ। ସକାଳ ୫ଟାରେ ଫ୍ଲାଗ୍‌ଅଫ୍ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ମହିଳା ସଶକ୍ତୀକରଣ ଉପରେ ଏଥର ଫୋକସ୍ କରାଯାଇଛି।

## ନ୍ୟାଶନାଲ ଟିମ୍ ଚେସ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)**

ରାୟପୁରଠାରେ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ମାର୍ଚ୍ଚ ୧୬ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ଭାଗନେବ। ପ୍ରତି ଦଳରେ ୫ ଜଣ ଲେଖାଏ ଖେଳାଳି ରହିବେ। ରେଟିଂ ଭିତ୍ତିରେ ଅଧିନାୟକ ମନୋନୀତ ହେବେ। ଉଭୟ ଦଳ ଲାଗି ଜଣେ ମ୍ୟାନେଜର ନିଯୁକ୍ତ ହେବେ। ଆଗାମୀ ପ୍ରତିଯୋଗିତାରେ ଖେଳିବାକୁ ଆଗ୍ରହୀ ଥିବା ଖେଳାଳିମାନେ ପ୍ରତିଯୋଗିତାର ୮ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୮ ସୁଦ୍ଧା ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କୁ ଆବେଦନପତ୍ର ଦେବାକୁ ପରାମର୍ଶ ଦିଆଯାଇଛି। ଚୟନ ହୋଇଥିବା କୌଣସି ଖେଳାଳି ଯଦି ଉପଲବ୍ଧ ନ ହୁଅନ୍ତି କିମ୍ବା ଓହରିଯାଆନ୍ତି ତେବେ ସେ କ୍ଷେତ୍ରରେ ଆବେଦନ କରିଥିବା ଖେଳାଳିଙ୍କ ମଧ୍ୟରୁ ଉଚ୍ଚ ରେଟିଂ ଭିତ୍ତିରେ ଷ୍ଟାଣ୍ଡବାଇରେ ଥିବା ପିଲାଙ୍କୁ ସୁଯୋଗ ଦିଆଯିବ ବୋଲି ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ନିୟମ ଅନୁସାରେ, ଏଓସିଏ ଖେଳାଳିଙ୍କ ଖର୍ଚ୍ଚ ବହନ କରିବ।

# ନ୍ୟୁଜିଲାଣ୍ଡ ବିଜୟୀ: ଶ୍ରୀଲଙ୍କା ଅଭିଯାନ ଶେଷ

**କଲମ୍ବୋ, ୨୫।୨**


ଉଇକେଟ ନେବା ପରେ ରାଚିନ ରବୀନ୍ଦ୍ର (ଡାହାଣ)ଙ୍କୁ ଟିମ୍ ସିଫର୍ଟଙ୍କ ବଧେଇ।

ସ୍ଥାନୀୟ ଆର୍ ପ୍ରେମଦାସା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ଏକ ସୁପର-୮ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ସେମିଫାଇନାଲ ନିକଟତର ହୋଇଥିବା ବେଳେ ଶ୍ରୀଲଙ୍କାର ସେମିଫାଇନାଲ ଖେଳିବା ଆଶା ଶେଷ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଖୁବ ଶସ୍ତାରେ ଟିମ ସିଫର୍ଟ (୮) ଓ ଫିନ ଆଲେନ (୨୩ ରନ୍, ୩ ଚୌକା ଓ ୧ ଛକା)ଙ୍କ ଉଇକେଟ ହରାଇଥିଲା। ରାଚିନ ରବୀନ୍ଦ୍ର (୩୨ ରନ, ୩ ଚୌକା ଓ ୧ ଛକା) ଓ ଗ୍ଲେନ ଫିଲିପ୍ସ (୧୮) ତୃତୀୟ ଉଇକେଟରେ ୪୧ ରନ ଯୋଡ଼ିବା ପରେ ଦଳ ମାତ୍ର ୯ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ଏପରିକି ନ୍ୟୁଜିଲାଣ୍ଡ ୧୨.୧ ଓଭରରେ ନ୍ୟୁଜିଲାଣଡ ୮୪ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହିଠାରୁ ଅଧିନାୟକ ସାଣ୍ଟନର ଓ ମ୍ୟାକୋଞ୍ଚି କାଉଣ୍ଟର ଆଟାକ କରି ସପ୍ତମ ଉଇକେଟରେ ୮୪ ରନ ଯୋଡ଼ିଥିଲେ। ସାଣ୍ଟନର ୨୬ ବଲରେ ୪୭ (୨ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିବାବେଳେ ମ୍ୟାକୋଞ୍ଚି ୨୩ ବଲରେ ୩୧ (୩ ଚୌକା ଓ ୨ ଛକା) ରନ କରି ଅପରାଜିତ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା। ଶ୍ରୀଲଙ୍କା ପାଇଁ ମହେଶ ଥିକ୍ଷଣା ଓ ଦୁଷ୍ମନ୍ତ ଚାମିରା ୩ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୮ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ କେବଳ କାମିଣ୍ଡୁ ମେଣ୍ଡିସ ୩୧ (୪ ଚୌକାଓ ) ଓ ଦୁନିଥ ୱେଲାଲେଜ ୨୯ (୨ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସ୍କୋର କରି ପାରି ନ ଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ ରବୀନ୍ଦ୍ର ୪, ମ୍ୟାଟ୍ ହେନରୀ ୨ ଓ ସାଣ୍ଟନର ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୬୮/୭ (ମିଚେଲ ସାଣ୍ଟନର-୪୭, କୋଲ ମ୍ୟାକୋଞ୍ଚି-୩୧*, ରାଚିନ ରବୀନ୍ଦ୍ର-୩୨ ; ମହେଶ ଥିକ୍ଷଣା-୩/୩୦, ଦୁଷ୍ମନ୍ତ ଚାମିରା-୩/୩୮)। ଶ୍ରୀଲଙ୍କା: ୨୦ ଓଭରରେ ୧୦୭/୮ (କାମିଣ୍ଡୁ ମେଣ୍ଡିସ-୩୧, ଦୁନିଥ ୱେଲାଲେଜ-୨୯ ; ରାଚିନ ରବୀନ୍ଦ୍ର-୪/୨୭, ମ୍ୟାଟ୍ ହେନରୀ-୨/୩, ମିଚେଲ ସାଣ୍ଟନର-୧/୧୯)।

**ପ୍ଲେୟର୍ ଅଫ୍ ଦି ମ୍ୟାଚ୍: ରାଚିନ ରବୀନ୍ଦ୍ର**

## ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ୱେଷ୍ଟଇଣ୍ଡିଜ୍ | ୧ | ୧ | ୦ | ୦ | ୨ | +୫.୩୫୦ |
| ଦ.ଆଫ୍ରିକା | ୧ | ୧ | ୦ | ୦ | ୨ | +୩.୮୦୦ |
| ଭାରତ | ୧ | ୦ | ୧ | ୦ | ୦ | -୩.୮୦୦ |
| ଜିମ୍ବାୱେ | ୧ | ୦ | ୧ | ୦ | ୦ | -୫.୩୫୦ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୨ | ୨ | ୦ | ୦ | ୪ | +୧.୪୯୧ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | ୩.୦୫୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ୱେଷ୍ଟଇଣ୍ଡିଜ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ, ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଜିମ୍ବାୱେ**
ସ୍ଥାନ: ଚେନ୍ନାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# 'କର ବା ମର' ସ୍ଥିତିରେ ଭାରତ



ବୁଧବାର ଭାରତୀୟ ଦଳର ଅଭ୍ୟାସ ସେସନରେ ସଞ୍ଜୁ ସାମସନ ଓ ଯଶପ୍ରୀତ୍ ବୁମ୍‌ରା।

**ଚେନ୍ନାଇ, ୨୫।୨ (ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଦଳ ଗୁରୁବାର ଜିମ୍ବାୱେକୁ ଭେଟିବାକୁ ଯାଉଛି। ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ବଡ଼ ପରାଜୟ ସମ୍ମୁଖୀନ ହୋଇଥିବା ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆକୁ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ତେବେ ଟପ ଅର୍ଡର ବ୍ୟାଟରଙ୍କ ପ୍ରଦର୍ଶନ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ବିଶ୍ୱକପ୍ ପୂର୍ବରୁ ଇଶାନ କିଶନ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିପାକ୍ଷିକ ଘରୋଇ ସିରିଜ୍‌କୁ ଭାରତ ସହଜରେ ଜିତି ନେଇଥିଲା। ହେଲେ ପେଟ ସଂକ୍ରମଣ ହେବା ପରଠାରୁ ଅଭିଷେକଙ୍କ ବ୍ୟାଟିଂ ପ୍ରଭାବିତ ହୋଇଛି। ଧୀମା ପିଚ୍ ଓ ଅଫ ସ୍ପିନରଙ୍କ କାରଣରୁ ତାଙ୍କଠାରୁ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳୁନାହିଁ। ସେ ଏପର୍ଯ୍ୟନ୍ତ ୪ ମ୍ୟାଚ୍‌ରେ ୩.୭୫ ଆଭରେଜରେ ମାତ୍ର ୧୫ ରନ କରିଛନ୍ତି। ତାଙ୍କ ବ୍ୟତୀତ ତିଲକ ବର୍ମାଙ୍କ ଷ୍ଟ୍ରାଇକ୍ ରେଟ୍ ମଧ୍ୟ ଚିନ୍ତାର କାରଣ ପାଲିଛି। ଅବଶ୍ୟ ସେ ଫର୍ମରେ ଥିବା ଇଶାନ କିଶନଙ୍କୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯୋଗାଇଛନ୍ତି। କିନ୍ତୁ ପାୱରପ୍ଲେରେ ୧୧୮ ଷ୍ଟ୍ରାଇକ୍-ରେଟ୍‌ରେ ରନ କରିବା ଦଳକୁ ସହଯୋଗ କରୁ ନାହିଁ। ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟୁର୍ନାମେଣ୍ଟରେ ୧୮୦ ରନ କରିଛନ୍ତି। ହେଲେ ସେ ତାହା ୧୨୭ ଷ୍ଟ୍ରାଇକ-ରେଟ୍‌ରେ କରିଛନ୍ତି, ଯାହାକି ତାଙ୍କ କ୍ୟାରିୟର ଷ୍ଟ୍ରାଇକ୍‌ରେଟ ୧୬୧ଠାରୁ ଖୁବ କମ୍। ମଧ୍ୟକ୍ରମରେ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ଗତିରେ ରନ କରି ନ ଥିଲେ ଭାରତୀୟ ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ସମ୍ମାନଜନକ ସ୍କୋର ଛିଡ଼ା କରିପାରି ନ ଥାନ୍ତା।

## ସାମ୍‌ସନ ଫେରିବେ କି

ଟିମ୍ ସିଲେକ୍ସନରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ସଞ୍ଜୁ ସାମସନ ଫେରିବେ କି। ଭାରତୀୟ ଦଳର ଟପ୍ ଅର୍ଡରରେ ଅଭିଷେକ, ଇଶାନ ଓ ତିଲକଙ୍କ ରୂପେ ୩ ବାମହାତୀ ବ୍ୟାଟର ରହିଛନ୍ତି। ଏଥିଯୋଗୁ ଗତ ମ୍ୟାଚ୍‌ରେ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ପାୱରପ୍ଲେରେ ଅଫ୍ ସ୍ପିନରଙ୍କୁ ଲଗାଇଥିଲେ, ଯାହା ଫଳରେ ଭାରତର ରନ ସ୍କୋରିଂ ହାର ହ୍ରାସ ପାଇଥିଲା। ଏଣୁ ସାମସନଙ୍କୁ ସାମିଲ କରିବା ଦ୍ୱାରା ଟପ ଅର୍ଡର ସମସ୍ୟା ଦୂର ହୋଇପାରେ। ହେଲେ କେରଳ ବ୍ୟାଟର ବର୍ତ୍ତମାନ ସେତେ ଭଲ ଫର୍ମରେ ନାହାନ୍ତି। ଜଣେ ସଂଘର୍ଷ କରୁଥିବା ବ୍ୟାଟରଙ୍କୁ କଷ୍ଟକର କାମ କରିବାକୁ ଦେବା ଦଳକୁ ବିପଦରେ ପକାଇପାରେ। ଏଭଳି ପରିସ୍ଥିତିରେ ଟିମ ମ୍ୟାନେଜମେଣ୍ଟ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରିପାରେ। ନଂ-୩ରେ ସୂର୍ଯ୍ୟଙ୍କୁ ପଠାଇବା ଦ୍ୱାରା ଟପ୍ ଅର୍ଡରରେ ଜଣେ ଡାହାଣହାତୀ ବ୍ୟାଟର ଖେଳିପାରିବ। ଏହି କ୍ଷେତ୍ରରେ ତିଲକ ନଂ-୪ରେ ବ୍ୟାଟିଂ କରିପାରନ୍ତି। ଗତ ମ୍ୟାଚ୍‌ରେ ପ୍ଲେଇଂ ଇଲେଭେନରୁ ବାଦ୍ ପଡ଼ିଥିବା ଅକ୍ଷର ପଟେଲ ଏଥର ଦଳକୁ ଫେରିବେ ବୋଲି ଆଶା କରାଯାଉଛି।

ଚେପକ ଗ୍ରାଉଣ୍ଡରେ ସର୍ବଦା ସ୍ପିନରଙ୍କୁ ଫାଇଦା ମିଳେ। ହେଲେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଏକ ବ୍ୟବହୃତ ପିଚ୍‌ରେ ଖେଳାଯିବ, ଯାହାକୁ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟବହାର କରାଯାଇଥିଲା। ପୂର୍ବାହ୍ନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସହଜରେ ୧୮୦ ରନର ଟାର୍ଗେଟ୍‌କୁ ହାସଲ କରି ନେଇଥିଲା। ଜିମ୍ବାୱେ ପାଖରେ ଗ୍ରେମ କ୍ରେମର, ସିକନ୍ଦର ରଜା ଓ ରିଆନ ବର୍ଲଙ୍କ ଭଳି ସ୍ପିନର ଅଛନ୍ତି। ବ୍ଲେସିଂ ମୁଜରବାନି, ରିଚାର୍ଡ ଏନଗାରାଭା ଓ ବ୍ରାଡ ଇଭାନ୍ସଙ୍କୁ ନେଇ ଗଠିତ ପେସ ଆଟାକ ଭାରତୀୟ ବ୍ୟାଟିଂ ଲାଇନକୁ କଷ୍ଟକର ପ୍ରଶ୍ନ ପଚାରିପାରେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ